

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୬ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TTUESDAY 16 NOVEMBER 2021
Vol.No. 32 ■ No. 292 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦେଶର ପ୍ରଥମ ଅତ୍ୟାଧୁନିକ ରେଳ ଷ୍ଟେସନକୁ ଉଦ୍‌ଘାଟନ କଲେ ମୋଦି

ଭୋପାଳ,୧୫/୧୧ (ନି.ପ୍ର): ଏୟାରପୋର୍ଟ ଭଳି ସୁବିଧା ଏଣିକି ରେଳ ଷ୍ଟେସନରେ ମିଳିବ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ତିଆରି କରାଯାଇଥିବା ଦେଶର ପ୍ରଥମ ରେଳ ଷ୍ଟେସନକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଛନ୍ତି। ମଧ୍ୟପ୍ରଦେଶର ଭୋପାଳରେ ଥିବା ହବିବଗଞ୍ଜ ରେଳ ଷ୍ଟେସନକୁ ନବୀକରଣ କରି ଏୟାପୋର୍ଟ ଭଳି ପ୍ରସ୍ତୁତ କରାଯାଇଛି। ଏଥିସହ ଏହାର ନାଁକୁ ହବିବଗଞ୍ଜ ବଦଳରେ ରାଣୀ କମଳାପତି ରେଳ ଷ୍ଟେସନ ରଖାଯାଇଛି। କମଳାପତି ହେଉଛି ଗୋଣ୍ଡ ସଂପ୍ରଦାୟର ରାଣୀ। ଏଥିପାଇଁ ମଧ୍ୟପ୍ରଦେଶ ସରକାର ତାଙ୍କ ନାଁରେ ହବିବଗଞ୍ଜ ରେଳ ଷ୍ଟେସନକୁ ନାମିତ କରିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ଭୋପାଳ ଗସ୍ତ କରିବା ବେଳେ ଏହି ଅତ୍ୟାଧୁନିକ ରେଳ ଷ୍ଟେସନକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟରେ ରାଜ୍ୟପାଳ ମଙ୍ଗୁଭାଇ ପଟେଲ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ପ୍ରମୁଖ ଉପସ୍ଥିତ ରହିଥିଲେ। ମୋଦି ଏହି ଅବସରରେ କହିଛନ୍ତି, ରାଣୀ କମଳାପତିଙ୍କ ସହ ରେଳ ଷ୍ଟେସନ ଯୋଡ଼ି ହୋଇଯାଇଥିବାରୁ ଏହାର ଗୁରୁତ୍ୱ ବଢ଼ିଯାଇଛି। ଗୋଣ୍ଡୱାନାଙ୍କ ସହ ରେଳବାଇ ଯୋଡ଼ିବେ ଗର୍ବର ବିଷୟ। ଏହି ଷ୍ଟେସନ ଭାରତୀୟ ରେଳବାଇର ଆଗକୁ କେମିତି ମର୍ଡନ ହେବ, ତା'ର ସଙ୍କେତ ଦେଇଛି। ପୂର୍ବରୁ କେବଳ ଏୟାରପୋର୍ଟରେ ମିଳୁଥିବା ସୁବିଧାସୁଯୋଗ ଏବେ ରେଳ ଷ୍ଟେସନରେ ମିଳିବ। ସବୁ ଲୋକ ଏହାର ସୁବିଧା ଉଠାଇ ପାରିବେ ବୋଲି ମୋଦି କହିଛନ୍ତି। ରେଳ ଷ୍ଟେସନକୁ ୪୫୦ କୋଟି ଟଙ୍କା ବ୍ୟୟରେ ନବୀକରଣ କରାଯାଇଛି। ଉଭୟ ସରକାରୀ ଓ ଘରୋଇ ସଂସ୍ଥା ମିଳିତ ଭାବେ ଏହାକୁ ▶▶ପୃଷ୍ଠା ୭



## ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହେଲା ଶିମିଳିପାଳ

ବାରିପଦା, ୧୫/୧୧ (ନି.ପ୍ର): ଦୀର୍ଘ ଦିର ବ୍ୟବଧାନ ପରେ ଗତ ୧ ତାରିଖରୁ ଖୋଲିଥିବା ଶିମିଳିପାଳକୁ ପୁଣି ଥରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦିଆଯାଇଛି। ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ ସକାଳୁ ସକାଳୁ ଘନ କୁହୁଡ଼ି ହେଉଛି । ଫଳରେ କିଛି ଦୃଶ୍ୟମାନ ହେଉନି। ବର୍ଷା ସମୟରେ ଶିମିଳିପାଳ ଭିତରକୁ ଯିବା ବିପଦପୂର୍ଣ୍ଣ ଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ଘୋଷଣା କରିଛନ୍ତି ଶିମିଳିପାଳ ଜାତୀୟ ଉଦ୍ୟାନ ଉପନିର୍ଦ୍ଦେଶକ ସାଇକିରଣ ଡିଏନ । ସୂଚନାଯୋଗ୍ୟ, ମହାମାରୀ କରୋନା ପାଇଁ ଦୀର୍ଘ ଦିନ ବନ୍ଦ ▶▶ପୃଷ୍ଠା ୭

## କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ଗାଇଡଲାଇନ୍ ଜାରି କଲା ବିଏମସି



ଭୁବନେଶ୍ୱର,୧୫/୧୧(ନି.ପ୍ର): କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ବିଏମସିର କଟକଣା । କାର୍ତ୍ତିକ ପୂର୍ଣ୍ଣମୀ ତଥା ବଡ଼ଓଷା ପାଇଁ ଗାଇଡଲାଇନ୍ ଜାରି କରିଛି ବିଏମସି । ବିନ୍ଦୁସାଗରରେ ଶ୍ରଦ୍ଧାଳୁଙ୍କ ବୁଡ଼ ପକାଇବା ଉପରେ କଟକଣା ଲଗାଯାଇଛି । ପୁଷ୍କରିଣୀ ଓ ନଦୀରେ ବୁଡ଼ ପକାଇବାକୁ ନିଷେଧ କରାଯାଇଛି । ଆସନ୍ତା ୧୯ ତାରିଖ ପାଇଁ କଟକଣା ଜାରି କରିଛି ବିଏମସି । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭିଡକୁ ନିୟନ୍ତ୍ରଣ କରିବା ପାଇଁ ବିଏମସି ପକ୍ଷରୁ ଏଭଳି କଟକଣା ଜାରି କରାଯାଇଛି । ବିଏମସି ଅଧୀନରେ ଥିବା ସମସ୍ତ ଜଳାଶୟ ଉପରେ କଟକଣା ଜାରି କରାଯାଇଛି ।

## ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବିଧାନସଭାରେ ବିରୋଧୀ କରିବେ ବାସନ୍ଦ

ଭୁବନେଶ୍ୱର,୧୫/୧୧(ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ପ୍ରତିବାଦକୁ ଆହୁରି ଜୋର କରିବାକୁ ଯାଇ ବିରୋଧୀ କହିଛନ୍ତି, ଆସନ୍ତା ବିଧାନସଭା ଅଧିବେଶନରେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ପୁରାଇ ଦିଆଯିବ ନାହିଁ । ଉଭୟ କଂଗ୍ରେସ ଓ ବିଜେପି ଏଭଳି ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରସଙ୍ଗରେ ବିଜେଡି ଜବାବ ରଖି କହିଛି, ବିଧାନସଭା ଆସିବା ପାଇଁ ସବୁ ସଦସ୍ୟଙ୍କ ଅଧିକାର ରହିଛି । ଅଧିବେଶନ ପୂର୍ବରୁ ବିରୋଧୀଙ୍କ ଚେତାବନୀ । 'ଦିବ୍ୟଶଙ୍କର ଗୃହକୁ ଆସିଲେ କରିବେ ତୀବ୍ର ବିରୋଧ' । ମମିତା ମେହେର ହତ୍ୟା ପ୍ରସଙ୍ଗରେ ପାଖାପାଖି ମାସେ କାଳ ସଡକରେ ଆନ୍ଦୋଳନ କରିବା ପରେ, ଆଗାମି ବିଧାନସଭା ଅଧିବେଶନରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି ବିରୋଧୀ । ବିଶେଷକରି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିକୁ ଆହୁରି ଶାଣିତ କରିବା ପାଇଁ ରଣହୁଙ୍କାର ଦେଇଛନ୍ତି । ଚେତାବନୀ ଦେଇ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା କହିଛନ୍ତି, ଦିବ୍ୟଶଙ୍କର ଗୃହକୁ ଆସିଲେ ପବିତ୍ର ଗୃହ ଅପବିତ୍ର ହୋଇଯିବ । ତାଙ୍କୁ ଗୃହ ମଧ୍ୟକୁ ପୂରାଇ ନଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିବ ଦଳ । ଯଦି ଦିବ୍ୟଶଙ୍କର ବିଧାନସଭା ଆସିବେ, ତେବେ ଜୋରଦାର ବିରୋଧ କରାଯିବ । ସେହିପରି ବିଜେପି ବିଧାୟିକା କୁସୁମ ଟେଟେ କହିଛନ୍ତି, ଅପବିତ୍ର କରିବାକୁ ଦେବେନି ପବିତ୍ର ଗୃହ । ବିରୋଧୀଙ୍କ ଚେତାବନୀ ପରେ ଜବାବ ରଖିଛନ୍ତି ଶାସକ ଦଳ ସଦସ୍ୟ । ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ଜଣେ-ନିର୍ବାଚିତ ପ୍ରତିନିଧିଙ୍କୁ ବିଧାନସଭାରେ ପୂରାଇ ଦେବେ ନାହିଁ ଏମିତି ଅଧିକାର କାହାର ନାହିଁ । ବିରୋଧୀ ଯାହା ଅଭିଯୋଗ ଆଣୁଛନ୍ତି ତାକୁ ପ୍ରଥମେ ପ୍ରମାଣ କରନ୍ତୁ । ଯଦି ପ୍ରମାଣ ଅଛି କୋର୍ଟ ଅଫ୍ ଲ'ରେ ଦିଅନ୍ତୁ । ମମିତା ମେହେର ହତ୍ୟା ମାମଲାକୁ ନେଇ ବିରୋଧୀ ଓ ଶାସକ ଦଳ ମଧ୍ୟରେ ଯେଉଁଭଳି ବୟାନବାଜି ଲାଗି ରହିଛି, ତାର ତାତି ଆଗାମି ବିଧାନସଭା ଅଧିବେଶନରେ ଦେଖିବାକୁ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ।



## ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କଲେ ଶିକ୍ଷକ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ବିଧାନସଭାକୁ ଧସେଇ ପଶିବାକୁ କନିଷ୍ଠ ଶିକ୍ଷକଙ୍କ ଉଦ୍ୟମ । ୩ନମ୍ବର ଗେଟ ଦେଇ ବିଧାନସଭା ଭିତରକୁ ପଶିବାକୁ ଉଦ୍ୟମ କରିଥିବା ବେଳେ ସେଠାରେ ମୁତୟନ ସୁରକ୍ଷା କର୍ମୀ ଓ ଶିକ୍ଷକଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ବିଭିନ୍ନ ଦାବି ନେଇ କନିଷ୍ଠ ଶିକ୍ଷକ ସଂଘ ଲୋୟର ପିଏମଜିରେ ୧୫ଦିନ ହେଲା ଧାରଣାରେ ବସିଥିଲେ । ଦାବି ପୂରଣ ନହେବାରୁ ସୋମବାର ଧାରଣାରୁ ଉଠି ହଠାତ କିଛି ଆନ୍ଦୋଳନକାରୀ ବିଧାନସଭା ଆଡକୁ ମାଡି ଯାଇଥିଲେ । ବିଧାନସଭାର ଗେଟ ଠେଲି ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ତେବେ ସୁରକ୍ଷାକର୍ମୀ ବହୁ କଷ୍ଟରେ ସେମାନଙ୍କୁ କାବୁ କରିଥିଲେ। ଏହି ଘଟଣାରେ ପୋଲିସ୍ ୧୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ଅଟକ ରଖିଥିଲା।

## ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଲା

ଭୁବନେଶ୍ୱର,୧୫/୧୧ (ନି.ପ୍ର): ସୋମବାର ଦିନ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଛି । ଦୀର୍ଘ ଦେଢ ବର୍ଷ ପରେ ଛାତ୍ରଛାତ୍ରୀ ବିଦ୍ୟାଳୟ ମାଟି ମାଡ଼ିଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । କୋଭିଡ କଟକଣାକୁ ମାନି ପୂର୍ବ ଗାଇଡ଼ଲାଇନ ଅନୁସାରେ ଆଜି ଶିକ୍ଷାଦାନ ଆରମ୍ଭ ହୋଇଛି । ସକାଳ ୯ଟା ୩୦ରୁ ଦିନ ୧ଟା ପର୍ଯ୍ୟନ୍ତ ପାଠପଢା ଚାଲିବାକୁ ଥିବାବେଳେ ପୂର୍ବରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଜାରି ରହିଛି । ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ତଥା ଗଣଶିକ୍ଷା ବିଭାଗ ରାଜ୍ୟରେ ପର୍ଯ୍ୟାୟକ୍ରମେ ଶ୍ରେଣୀଗୃହ ପାଠପଢା ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ଏହି କ୍ରମରେ ଆଜି ସୋମବାର ଠାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀର ଅଫଲାଇନ ପାଠପଢା ଆରମ୍ଭ ହୋଇଛି । ତେବେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଲାଗି ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ କ୍ଲାସ୍ ଜାରି ରହିବ। ସେହିପରି ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଓ ହାତକୁ ସାନିଟାଇଜ କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଯେଉଁ ସ୍ଥାନରେ କରୋନା ସଂକ୍ରମଣ ଅଧିକ ରହିଥିବା ସେଠାରେ ବିଦ୍ୟାଳୟ ଖୋଲିବା ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ଜିଲ୍ଲାପାଳମାନେ ନେଇପାରିବେ।



## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ ସାମିଲ ହେଲା ଝାରସୁଗୁଡା ଜିଲ୍ଲା

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ଝାରସୁଗୁଡା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ପ୍ରାୟ ୧.୧୫ ଲକ୍ଷ ଲୋକ ଏହି ସୁବିଧା ପାଇବେ। ଝାରସୁଗୁଡା ସହିତ ରାଜ୍ୟର ୧୨ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହେଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୀରାକୁଦ ନଦୀ ବନ୍ଧ ପ୍ରକଳ୍ପ ଦ୍ୱାରା ଝାରସୁଗୁଡାର ୨୦୦୦ ବିସ୍ଥାପିତ ପରିବାରକୁ ଘରଡିହ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହାଦ୍ୱାରା ବିସ୍ଥାପିତଙ୍କର ଦୀର୍ଘ ଦିନର ସମସ୍ୟା ଦୂର ହେବ। ଆଜି ମୁଖ୍ୟମନ୍ତ୍ରୀ ଝାରସୁଗୁଡାର ୨୯୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ▶▶ପୃଷ୍ଠା ୭

## ଋଷରୁ ଆସିଲା ଅତ୍ୟାଧୁନିକ ମିଜାଇଲ ଲଂଚର

ନୂଆଦିଲ୍ଲୀ,୧୫/୧୧: ଭାରତର ପ୍ରତିରକ୍ଷା ବିଭାଗ ହୋଇଯିବ ଆହୁରି ଶକ୍ତିଶାଳୀ । ଯେତେବେଳ ଋଷିଆ ନିର୍ମିତ ଅତ୍ୟାଧୁନିକ ମିସାଇଲ୍ ସିଷ୍ଟମ ଭାରତୀୟ ସେନାରେ ସାମିଲ ହେବ । ଖୁବଶୀଘ୍ର ଋଷ ନିର୍ମିତ 'ଏସ-୪୦୦' ଏୟାର ଡିଫେନ୍ସ ମିଜାଇଲ ସିଷ୍ଟମ୍ ଭାରତରେ ପହଁଯିବାକୁ ଯାଉଛି । ଆଉ ଏହାକୁ ଭାରତ-ପାକିସ୍ତାନ ସୀମାରେ ନିୟୋଜିତ କରାଯିବ । କଣ ଏହି 'ଏସ-୪୦୦' ମିଜାଇଲ ସିଷ୍ଟମ୍, ଆସନ୍ତୁ ଜାଣିବା । ▶▶ପୃଷ୍ଠା ୭

## ବିଦେଶରେ ବଢୁଛି ସଂକ୍ରମଣ, କରୋନା ପ୍ରତି ଡର ରହିବା ଆବଶ୍ୟକ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୫/୧୧ (ନି.ପ୍ର): ଅନେକ ଦେଶରେ କମ୍ ଟିକାକରଣ ଏବଂ ଲୋକଙ୍କ ଭିଡ଼ ପାଇଁ ସଂକ୍ରମଣ ବଢୁଛି । ରାଜ୍ୟରେ କରୋନା ସଂକ୍ରମଣ କମ ରହିଥିଲେ ମଧ ବିଦେଶରେ ସଂକ୍ରମଣ ପୁଣି ବଢ଼ିବା ଆରମ୍ଭ କଲାଣି। କରୋନା ଆରମ୍ଭ ବେଳେ ଚୀନ ଓ ୟୁରୋପ ଦେଶଗୁଡ଼ିକରେ ସଂକ୍ରମଣ ବ୍ୟାପିବା ପରେ ଭୂତାଣୁ ଭାରତ ଆସିଥିଲା। ଏଣୁ ପୁଣି ସ୍ଥିତି ବିଗିଡ଼ିବା ପୂର୍ବରୁ ସମସ୍ତେ ସଚେତନ ହେବା ସହ ସମାଜରେ କରୋନା ପ୍ରତି ଡର ରହିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ସର୍ଭେଲାନ୍ସ କଡ଼ାକଡ଼ି ସହ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। କରୋନା ନିୟମ କଡ଼ାକଡ଼ି ପାଳନ କରିବାକୁ ମଧ ଲୋକଙ୍କୁ ସରକାର ସଚେତନ କରୁଛନ୍ତି। ସମସ୍ତେ କରୋନା ଟିକାର ଦୁଇଟି ଡୋଜ ନିଅନ୍ତୁ। ଯଦି କୌଣସି କାରଣରୁ କିଛି ଲକ୍ଷଣ ଦେଖାଯାଏ ତେବେ ଟେଷ୍ଟ କରନ୍ତୁ। ଏହାଦ୍ୱାରା ନିଜେ ସୁରକ୍ଷିତ ରହିବା ସହ ଚାରି ପାଖରେ ଥିବା ଲୋକଙ୍କୁ ସୁରକ୍ଷିତ ରଖିପାରିବା ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ବିଷାକ୍ତ ବାୟୁ ବଳୟ ଭିତରେ ଦିଲ୍ଲୀ : ପ୍ରଦୂଷଣ ରୋକିବାକୁ ହେବ କି ଲକଡାଉନ ?

ନୂଆଦିଲ୍ଲୀ,୧୫/୧୧: ଦିଲ୍ଲୀର ବାୟୁର ମାନ ଦିନକୁ ଦିନ ଅଧିକ ବିଷାକ୍ତ ହେବାରେ ଲାଗିଛି । ପ୍ରଦୂଷଣ ସ୍ତର ଅତି ଖରାପ ସ୍ତରରେ ପହଞ୍ଚିଛି । ଏ ନେଇ ପୁଣି କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ପ୍ରଦୂଷିତ ରାଜ୍ୟକୁ ନେଇ ଜରୁରୀକାଳିନ ବୈଠକ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ଦିଲ୍ଲୀ ସରକାର କହିଛନ୍ତି, ସମ୍ପୂର୍ଣ୍ଣ ଲକଡାଉନ ପାଇଁ ଦିଲ୍ଲୀ ପ୍ରସ୍ତୁତ ଅଛି । ଯଦି ଲକଡାଉନ ହୁଏ ତେବେ ପ୍ରଥମ ଥର ପାଇଁ କରୋନା ନୁହେଁ ପ୍ରଦୂଷଣ ପାଇଁ ଏପରି ଲକଡାଉନ ହେବ । ଆଜିର ଶୁଣାଣି ପରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି, ସେ ହେଉଛି ଦିଲ୍ଲୀରେ ଯାନବାହାନ ଚଳାଚଳ, କାରଖାନାରୁ ନିର୍ଗତ ଧୂଆଁ ଓ ଧୂଳିକଣା ହିଁ ପ୍ରଦୂଷଣର ମୁଖ୍ୟ କାରଣ । କୃଷକଙ୍କ ନଡା ପୋଡିବାକୁ ଯେମିତି ମୁଖ୍ୟ କାରଣ ବୋଲି କୁହାଯାଉଥିଲା, ଏହା ମାତ୍ର ୪ରୁ ୧୦ପ୍ରତିଶତ ପ୍ରଦୂଷଣ ସୃଷ୍ଟି କରୁଛି । ତେବେ ଏହା କମ୍ କରିବା ପାଇଁ ଦିଲ୍ଲୀ ସୀମାକୁ ଲାଗି ରହିଥିବା ୪ଟି ରାଜ୍ୟ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ବିଷାକ୍ତ ବାୟୁ ବଳୟ ଭିତରେ ଦିଲ୍ଲୀ । ପ୍ରଦୂଷଣ ରୋକିବାକୁ ହେବ କି ଲକଡାଉନ ? ଧୂଆଁ ଓ ଧୂଳିକଣାରେ ଭରି ରହିଛି ରାଜଧାନୀ ଦିଲ୍ଲୀର ପରିବେଶ । ଦିନ ପରେ ଦିନ ବିତୁଛି, ହେଲେ ପ୍ରଦୂଷଣ ସ୍ତରରେ ଉନ୍ନତି ଆସୁନାହିଁ । ସ୍କୁଲ ଓ ନିର୍ମାଣ କାମକୁ ବନ୍ଦ କରିଦେଇଛନ୍ତି କେଜ୍ରିୱାଲ ସରକାର । ଏହି ପ୍ରସଙ୍ଗରେ ପୁଣି ଥରେ କ୍ଷୋଭ ପ୍ରକାଶ କରିବା ସହ ପଞ୍ଜାବ, ହରିଆଣା, ଦିଲ୍ଲୀ ଓ ୟୁପି ସରକାରଙ୍କୁ ନେଇ ଜରୁରୀ ବୈଠକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ସେହିପରି ଅନାବଶ୍ୟକ ଯାନବାହନ ଚଳାଚଳ, ଶିଳ୍ପାନୁଷ୍ଠାନ ପ୍ରଦୂଷଣକୁ ରୋକିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ସେପଟେ କେନ୍ଦ୍ର ପକ୍ଷରୁ ଦିଲ୍ଲୀ ପାଇଁ ୩ଟି ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦିଆଯାଇଛି । ସେପଟେ ପଡ଼ୋଶୀ ରାଜ୍ୟର ଚାଷୀ ନଡ଼ା ପୋଡୁଥିବାରୁ ୩୦ରୁ ୪୦ ପ୍ରତିଶତ ବାୟୁ ପ୍ରଦୂଷଣ ହେଉଛି ବୋଲି ଦିଲ୍ଲୀ ସରକାର କହି ଆସୁଥିବା ବେଳେ ସୁପ୍ରିମକୋର୍ଟରେ ଏ ନେଇ ସତ୍ୟପାଠ ଦାଖଲ କରିଛନ୍ତି କେନ୍ଦ୍ର ସରକାର । ମାତ୍ର ୪ରୁ ୧୦ ପ୍ରତିଶତ ପ୍ରଦୂଷଣ ଏଥିଯୋଗୁଁ ହେଉଛି ବୋଲି କହିଛି କେନ୍ଦ୍ର । ପଡୋଶୀ ପଞ୍ଜାବ ଓ ହରିଆଣା ଚାଷୀ ଫସଲ ପରେ ଯେପରି ନଡା ନଜାଳିବେ, ସେନେଇ ଠୋସ ପଦକ୍ଷେପ ପାଇଁ କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ପରିସ୍ଥିତି ଏପରି ଉତ୍କଟ ହୋଇଛି ଯେ ଦିଲ୍ଲୀରେ ଦୁଇ ଦିନିଆ ଲକଡାଉନ କରିବାକୁ ଚାଲିଛି ବିଚାର ବିମର୍ଶ । ସ୍କୁଲ, ନିର୍ମାଣ କାମ ବନ୍ଦ କରାଯାଇଥିବା ବେଳେ କର୍ମଚାରୀଙ୍କ ଘରେ ରହି କାମ କରିବାକୁ ପରାମର୍ଶ ଦିଆଯାଇଛି । ଦୀପାବଳିରେ ପରେ ରାଜଧାନୀ ଦିଲ୍ଲୀର ପରିବେଶ ବିଷାକ୍ତ ହେବାରେ ଲାଗିଛି ।



## କୋରାପୁଟ ପରେ କଳାହାଣ୍ଡିରେ ଅପରାଜିତା

ଭୁବନେଶ୍ୱର,୧୫/୧୧(ନି.ପ୍ର): କଳାହାଣ୍ଡିରେ ବିଜେପି ସାଂସଦ ଅପରାଜିତାଙ୍କ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା । ନିଜର କିଛି କର୍ମୀଙ୍କୁ ନେଇ, ସ୍ଥାନୀୟ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଛନ୍ତି ଅପରାଜିତା । କିନ୍ତୁ ସାଙ୍ଗରେ ସ୍ଥାନୀୟ ସାଂସଦ କିମ୍ବା ବିଧାୟକ ଉପସ୍ଥିତ ନଥିଲେ । ପୂର୍ବରୁ କୋରାପୁଟରେ ବି ଏଭଳି କାର୍ଯ୍ୟକ୍ରମ କରିଥିଲେ ଅପରାଜିତା । କିନ୍ତୁ କାହିଁକି ଅନ୍ୟ ନେତା ସାମିଲ ହେଉନାହାନ୍ତି ତାକୁ ନେଇ ଚର୍ଚ୍ଚା ହେଉଛି । ଅକ୍ଟୋବରରେ କୋରାପୁଟ ଓ ଏବେ କଳାହାଣ୍ଡି । ଦଳୀୟ ବ୍ୟାନର ଧରି ଏକା ଏକା ବୁଲୁଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ସ୍ଥାନୀୟ ଓ ରାଜ୍ୟ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରୁଛନ୍ତି । ଅକ୍ଟୋବରରେ କୋରାପୁଟ ଗସ୍ତ କରିବା ପରେ ଏବେ କଳାହାଣ୍ଡିର କୋସିଙ୍ଗା ଓ କର୍ଲାମୁଣ୍ଡା ଯାଇ ଶକ୍ତି ପ୍ରଦର୍ଶନ କରିଛନ୍ତି । ଆଉ ଭବାନୀପାଟଣା ଆସି ଜିଲ୍ଲାର ଧାନ ଓ କପାର ଅଭାବୀ ବିକ୍ରି କଥା ଉଠାଇଛନ୍ତି । ଭୁବନେଶ୍ୱର ସାଂସଦ ଥାଇ ବିଜେପି ନେତ୍ରୀଙ୍କ ଘନ ଘନ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ ନେଇ ରାଜନୈତିକ ମହଲରେ ବି ଚର୍ଚ୍ଚା ଆରମ୍ଭ ହୋଇଛି । ଦଳୀୟ ନିର୍ଦ୍ଦେଶରେ ନା ନିଜର ସମର୍ଥନ ବୃଦ୍ଧି ପାଇଁ ଅପରାଜିତା ଏହି ଗସ୍ତ କରୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ବଡ କଥା ହେଉଛି, କଳାହାଣ୍ଡିର ବିଜେପି ନେତା ଅପରାଜିତାଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇନଥିଲେ । ଅପରାଜିତାଙ୍କୁ କେସିଙ୍ଗାରେ ବାଇକ ରାଲିରେ ଯୋଗଦେବା ସହ ପଦଯାତ୍ରା କରିଥିଲେ । ଏହା ପରେ ଦଳୀୟ କର୍ମକର୍ତ୍ତାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ପରେ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଘରୋଇ ଥିଲା । କିନ୍ତୁ ଜଣେ ରାଷ୍ଟ୍ରୀୟ ମୁଖପାତ୍ରଙ୍କ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ ବସନ୍ତ ପଣ୍ଡା କିମ୍ବା କୌଣସି ବିଧାୟକଙ୍କୁ ଦେଖାମିଳିନଥିଲା । ତେବେ ଏଭଳି ଏକ ପ୍ରଶ୍ନକୁ ଗୋଷ୍ଠୀ ବିବାଦ ନଥିବା କହି ଏଡାଇଯାଇଥିଲେ ସାଂସଦ । ଅପରାଜିତାଙ୍କ ଜିଲ୍ଲା ବୁଲିବା ପଛରେ କାରଣ କଣ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।



# 'ଲାଇଟ ଏଣ୍ଡ ସାଉଣ୍ଡ ଓନର୍ସ ଆସୋସିଏସନ'ର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୪/୧୧ (ନି.ପ୍ର): ବାଲେଶ୍ୱର ଲାଇଟ ଏଣ୍ଡ ସାଉଣ୍ଡ ଓନର୍ସ ଆସୋସିଏସନର ବାର୍ଷିକ ଉତ୍ସବ ସହର ଉପକଣ୍ଠ 'ପବିତ୍ର ରିଷ୍ଟା' କଲ୍ୟାଣମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ ସହ ସଂଗଠନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । କରୋନା ସଂକ୍ରମଣ ଜନିତ କଟକଣା ଯୋଗୁଁ ଲାଇଟ ଓ ସାଉଣ୍ଡ ବ୍ୟବସାୟୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁଣି ସେମାନଙ୍କୁ ମୁଖ୍ୟଧାରାକୁ ଫେରାଇ ଆଣିବା ଦିଗରେ ରାଜ୍ୟ ସରକାର ପ୍ରଚେଷ୍ଟା ଚଳାଇଥିବା ସେ କହିଥିଲେ । ସଙ୍ଗଠନର ଉପଦେଷ୍ଟା ରଞ୍ଜନ ବାଗ ଏଥିରେ ସଭାପତିତ୍ୱ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ଲାଇଟ୍ ଓ ସାଉଣ୍ଡ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତାର ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସଭାପତି ସତ୍ୟନାଥ ମାଝୀ, ଉପ-ସଭାପତି ଦେବନାଥ ସେନ, ସମ୍ପାଦକ ମନ୍ମଥ ଦାସ, ଆଇନ ପରାମର୍ଶଦାତା ସୁଶାନ୍ତ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ସରକାରଙ୍କ ନିର୍ଦ୍ଦେଶ ପାଳନ ଓ ପୁଲିସ ପ୍ରଶାସନର ସହଯୋଗରେ କାର୍ଯ୍ୟ କରିବାକୁ ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ । ଦୀର୍ଘ କୋଡ଼ିଏ ମାସ ଧରି ବ୍ୟବସାୟ ବନ୍ଦ ଥିବା ବେଳେ ସେମାନଙ୍କ ଜୀବିକର ସୁରକ୍ଷା ପାଇଁ ଜିଲା ପ୍ରଶାସନ ଲାଇଟ ଓ ସାଉଣ୍ଡ ଉପରେ ରହିଥିବା କଟକଣାକୁ କୋହଳ ପାଇଁ ଏହି କାର୍ଯ୍ୟକ୍ରମରେ ସଦସ୍ୟମାନେ ଦାବି କରିଥିଲେ । ଏନେଇ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ଉପସ୍ଥିତ କର୍ମକର୍ତ୍ତାମାନେ ନିଷ୍ପତ୍ତି ନେଇଥିଲେ । ସଙ୍ଗଠନର ପୂର୍ବତନ ଚେୟାରମ୍ୟାନ ବରିଷ୍ଠ ରାଜନୀତିଜ୍ଞ ସ୍ୱର୍ଗତ ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଉପଦେଷ୍ଟା ରାଜେନ୍ଦ୍ର ଚାଟାର୍ଜୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

କନ୍ଧମାଳ,୧୪/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଗତ ୧୧ ତାରିଖରେ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏଥିରେ ରେଳବାଇ ଟିମ ଚମ୍ପିଅନ ହୋଇଥିବା ବେଳେ ଭଦ୍ରଖ ଦଳ ରନର ହୋଇଛି । ଫୁଲବାଣୀ କରୋନେସନ ପଡିଆରେ ଚାଲିଥିବା ୬୯ତମ ଭଲିବଲ ପ୍ରତିଯୋଗିତା କିଟ୍ ଏବଂ କନ୍ଧମାଳ ଜିଲ୍ଲା କ୍ରିଡା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ, ବାଲିଗୁଡା, ଟିକାବାଲି ଓ ରାଇକିଆ ଏପରିକି ୪ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ରେଲୱେ ଟିମ୍ ଓ ଭଦ୍ରକ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ରେଲୱେ ଟିମ୍ ୨/୦ ସେଟ୍ ରେ ଭଦ୍ରକକୁ ହରାଇ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା । ଉଦଯାପନ ଦିବସରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ତଥା କିଟ୍ କିସର ପ୍ରତିଷ୍ଠାତା ଏବଂ ଜାତୀୟ ଫୁଟବଲ ଫେଡରେସନର ସଭାପତି ଡ଼ଃ.ଅଚ୍ୟୁତ ସାମନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଯୋଗ ଦେଇଥିଲେ ଅନ୍ୟତମ ଅତିଥି ଭାବେ ଜାତୀୟ କ୍ରୀଡା ସଂଘ ସମ୍ପାଦକ ଗଗନେନ୍ଦୁ ଦାସ,ରାଜ୍ୟ ଭଲିବଲ ସଂଘର କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ,କନ୍ଧମାଳ ଜିଲ୍ଲା କ୍ରୀଡା ସଂସଦର ସଭାପତି କମଳାକାନ୍ତ ପାଣ୍ଡେ,ସମ୍ପାଦକ ଶିବପ୍ରସାଦ ତ୍ରିପାଠୀ,ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭାପତି ପୁନମ କହଁର,ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଡ଼ଃ ସାମନ୍ତ ପୁରୁଷ ଚମ୍ପିୟାନ ରେଲୱେ ଦଳକୁ ବିଜୟ ଟ୍ରଫିସହ ୨୫ ହଜାର ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ରନର୍ସ ଭଦ୍ରକ ଦଳକୁ ଟ୍ରଫି ସହ ୧୫ ହଜାର ଅର୍ଥ ରାଶି ଏବଂ ତୃତୀୟ ଭାବେ ଦଳ ଭାବେ ଚୟନ ହୋଇଥିବା ମୟୁରଭଞ୍ଜ ଦଳକୁ ୧୦ ହଜାର ଟଙ୍କା ଏବଂ ଡ୍ୱାବା ଭଲିବଲ ଚମ୍ପିଆନ ବାଲିଗୁଡ଼ା ଦଳକୁ ୧୦ ହଜାର ଟଙ୍କା ରନର୍ସ ଚକାପାଦ ଦଳକୁ ୮ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ । ସେହିପରି ବୌଦ୍ଧ ଜିଲ୍ଲାରେ ଖେଳିଥିବା ମହିଳା ଦଳ ମଧ୍ୟରେ ମଧ୍ୟ ରେଲୱେ କିଟକୁ ହରାଇ ଚମ୍ପିୟାନ ହୋଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ ୩୨ ଟି ପୁରୁଷ ଦଳ ୨୦ ଟି ମହିଳା ଦଳ ଏବଂ ୨୦ ଡ୍ୱାବା ଭଲିବଲଙ୍କୁ ନେଇ ୭୨ଟିମ୍ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ରେ ରେଫରୀ ଭାବେ ଧନଞ୍ଜୟ ତ୍ରିପାଠୀ ଏବଂ ପ୍ରଭାତ ସାହୁ ପରିଚାଳନା କରିଥିବା ବେଳେ ଫୁଲବାଣୀର କେତେକ ଖେଳ ଶିକ୍ଷକ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳାର ସହ କେଳ ପରିଚାଳନା ପାଇଁ ପୋଲିସ ପ୍ରଶାସନ କକ୍ଷରୁ ପୋଲିସ ମୁତୟନ କରାଯାଇଥିଲା ।

# ଗୋପଳଗାଁ ସାଇ ମନ୍ଦିରରେ ଶ୍ରୀ ଗୁରୁ ଭାଗବତ ପାରାୟଣ

ବାଲେଶ୍ୱର,୧୪/୧୧ (ନି.ପ୍ର): ସହରର ଗୋପାଳ ଗାଁ ଶିରିଡ଼ି ସାଇ ମନ୍ଦିର 'ସାଇଧାମ'ରେ ଶ୍ରୀ ଗୁରୁ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି । 'ଓମ୍ ଶ୍ରୀ ଶିରିଡି ସାଇ ମହିମା ସଂସ୍ଥାନ ଟ୍ରଷ୍ଟ ଆନୁକୂଲ୍ୟରେ ତଥା ବାରିପଦା ସାଇ ମନ୍ଦିର ଓ ଖନ୍ତାପଡା ସାଇ ମନ୍ଦିର କମିଟିର ମିଳିତ ସହଯୋଗରେ ଏହି ପାରାୟଣ ଅନୁଷ୍ଠିତ ହୋଇଥିଲା । କୋଭିଡ କଟକଣା ଯୋଗୁଁ ଦୀର୍ଘଦିନ ଧରି ସାଇ ମନ୍ଦିରରେ ସାଧାରଣ ପ୍ରବେଶ ଉପରେ କଟକଣା ଜାରି ରହିଥିବା ବେଳେ ଶ୍ରଦ୍ଧାଳୁମାନେ ଶିରିଡି ସାଇ ଭଗବାନଙ୍କ ପୂଜାର୍ଚ୍ଚନା ପାଇଁ ବଞ୍ଚିତ ହୋଇଥିଲେ । କଟକଣା କୋହଳ ପରେ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପରାମର୍ଶକ୍ରମେ ସମସ୍ତ ସାଇ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଏହି ପାରାୟଣ ଆୟୋଜିତ ହୋଇଥିଲା । ଏଥିରେ କଟକ ଜିଲା ଗୋପାଳପୁରର ଶ୍ରୀ ଗୁରୁ ଭାଗବତ ଟୁଙ୍ଗୀର ମୁଖ୍ୟ ରୀତା ରୟ ଯୋଗଦେଇ ଶ୍ରୀ ଗୁରୁ ଭାଗବତ ପାରାୟଣର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଶ୍ରଦ୍ଧାଳୁମାନଙ୍କୁ ବୁଝାଇଥିଲେ । ଗୋପାଳଗାଁ ସମେତ ସହରର ବିଭିନ୍ନ ଅଞ୍ଚଳରୁ ବହୁ ସାଇଭକ୍ତ ଏହି ପାରାୟଣରେ ଯୋଗ ଦେଇଥିଲେ । ନିରୋଧ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଅମର ମହାନ୍ତି, ନିକୁଞ୍ଜ ମହାନ୍ତି, ଡାକ୍ତର ବିରଞ୍ଚି ମହାନ୍ତି, ଚିତ୍ତରଞ୍ଜନ ଓଝା, ଅଭୟ ମହାପାତ୍ର, ଶ୍ୱେତ ମହାପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ୯ ୦କୋଟି ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କଲା ପୋଲିସ

ମାଲକାନଗିରି,୧୪/୧୧ (ନି.ପ୍ର): ବର୍ତମାନ ଗଞ୍ଜେଇ ଚାଷକୁ ମୂଳ ପୋଛ କରିବା ପାଇଁ ଆକ୍ସନ ମୁଡ଼ ରେ ମାଲକାନଗିରି ଜିଲ୍ଲା ପୋଲିସ। ବଣ୍ଡାଘାଟିରେ ମୁଦୁଲିପଡ଼ା ଥାନା ପକ୍ଷରୁ ୬୫ହଜାର ବେଆଇନ ଗଞ୍ଜେଇ ଗଛ ଓ ଚିତ୍ରକୋଣ୍ଡା ପୋଲିସ ପକ୍ଷରୁ ବନଗୁରୁ ଓ ରେଖାପାଲି ଗାଁ ନିକଟ ରେ ହୋଇଥିବା ୬ ୦ଏକର ଜମିରେ ବେଆଇନ ଭାବେ ଚାଷ ହୋଇଥିବା ୮୪ହଜାର ଗଞ୍ଜେଇ ଗଛ କୁ ନଷ୍ଟ କଲା ପୋଲିସ । ମାଲକାନଗିରି ଜିଲ୍ଲା ବଣ୍ଡାଘାଟିର ବଡ଼ଡୁରାଲ ଅଂଚଳରେ ବ୍ୟାପକ ଗଞ୍ଜେଇ ଚାଷ ହୋଇଥିଲା । ଉଭୟ ସ୍ଥାନରେ ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ବଜାର ମୂଲ୍ୟ ୯ ୦କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି ।ଖଇରପୁଟ ତହସିଲଦାର ରାମ କୃଷ୍ଣ ନାୟକଙ୍କ ନେତୃତ୍ୱରେ ମୁଦୁଲିପଡ଼ା ଥାନାର ପୋଲିସ କର୍ମଚାରୀମାନେ ୪୬ଏକର ଫରେଷ୍ଟ ଲ୍ୟାଣ୍ଡରେ ହୋଇଥିବା ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରିବାରେ ସଫଳ ହୋଇଛନ୍ତି । ପୂର୍ବରୁ ଏହି ଅଂଚଳରେ ମାଓବାଦୀ ସକ୍ରିୟ ରହି ଥିବାରୁ ପୋଲିସ ଏହି ଅଂଚଳକୁ ପ୍ରବେଶ କରିବା ପାଇଁ ସାହାସ କରିପାରୁନଥିଲା । ମାତ୍ର ବଣ୍ଡାଘାଟିରେ ଦୁଇଟି ବିଏସଏଫ କ୍ୟାମ୍ପ ସ୍ଥାପନ ହେବାରୁ ପୋଲିସକୁ ଏହି ସଫଳତା ମିଳିଛି ।

# ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ



ଜଳେଶ୍ୱର ୧୪/୧୧(ନିପ୍ର): ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ଜନ୍ମ ଜୟନ୍ତି ଓ ଶିଶୁ ଦିବସ ପାଳିତ ହୋଇ ଯାଇଛି । ଏଥିରେ ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ବିଜେପି ଓବିସି ମୋର୍ଚ୍ଚା ସଭାପତି ସଂଜୟ ବେରା, ଅରୁଣ କୁମାର ବେଜ, କ୍ଷେତ୍ରମୋହନ ଗିରି, ସତିଶ ଚନ୍ଦ୍ର ପରିଡା, ତନ୍ମୟ ଚାନ୍ଦ, ମନମୋହନ ଆଚାର୍ଯ୍ୟ, ସତ୍ୟବ୍ରତ ପଣ୍ଡା, ରବିନ୍ଦ୍ର କୁମାର ପାତ୍ର, ରଂଜନ ପାତ୍ର, ଗୌତମ ପାତ୍ର, ଦୀପକ ଚୌରାସିଆ, ବିଶ୍ୱଜିତ୍ ରଣା, ଅଜୟ ପାତ୍ର, ଗୋପିନାଥ ସିଂ, ଛବି ଦେହୁରୀ ପ୍ରମୁଖ ଯୋଗ ଦେଇ ଚାଚା ନେହେରୁଙ୍କ ସବୁ ପିଲାମାନଙ୍କୁ ଭଲପାଇବା ସଂପର୍କରେ ଆଲୋକପାତ କରିଥିଲେ ।

# ଖୁଆଡ ପଂଚାୟତରେ ଅନିୟମିତତା : ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର ,୧୪/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ପଂଚାୟତରେ ବହୁ ଅନିୟମିତତା ହୋଇଥିବା ବିଭିନ୍ନ ଅଭିଯୋଗ ଜିଲାପାଳଙ୍କୁ ଅବଗତ କରାଯାଉଥିବା ବେଳେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଜି ସାମ୍ବାଦିକ ସମ୍ମିଳନୀରେ ପଂଚାୟତବାସୀଙ୍କ ପକ୍ଷରୁ କେତେକ ବ୍ୟକ୍ତି କ୍ଷୋଭ ପ୍ରକାଶ କରିଛନ୍ତି । ଏଥିରେ ୧୩ଜଣ ବ୍ୟକ୍ତିଙ୍କୁ ୨ଥର ଲେଖାଏଁ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପ୍ରଦାନ, ୭ଜଣଙ୍କୁ ଚଞ୍ଚକତାପୂର୍ଣ୍ଣଭାବେ ଆବାସ ଯୋଜନା ଯୋଗାଣ, ୧୧ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ୍‌କାର୍ଡ ଯୋଗାଣ, ୧୧ଜଣଙ୍କୁ ମନୋରେଗା ଯୋଜନାରେ ଗୁହାଳ ଘର ନିର୍ମାଣ ସକାଶେ ଅର୍ଥ ପ୍ରଦାନ ସଂପର୍କରେ ସୂଚନା ଅଧିକାର ଆଇନ୍‌ରୁ ମିଳିଥିବା ତଥ୍ୟକୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଥିଲା । ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଟଙ୍କା ହାତେଇବା, ଗାଈ ଗୋରୁ ନଥିବା ବ୍ୟକ୍ତିଙ୍କୁ ଗୁହାଳ ଯୋଗାଇବା, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଦୁର୍ନିତି ହେବା, ଜଣେ ବ୍ୟକ୍ତି ୨ଟି ପାଇଖାନା ହାତେଇବା ଓ ଏକ୍ସନପ୍ଲାନରେ ଦୁର୍ନିତୀ ହୋଇଥିବା ସଂପର୍କରେ ଅଭିଯୋଗ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅଶ୍ରୁମୋଚନ ଘୋଷ, ପ୍ରବୀର କୁମାର ଦାସ, ତାପସ ସାହୁ, ମଧୁ ଦାସ, ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର ତଥା ନିଯୁକ୍ତି ମେଳା

ମାଲକାନଗିରି,୧୪/୧୧ (ନି.ପ୍ର): ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ପଡିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ତଥା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଯୁବକ ଓ ଯୁବତୀ ଯୋଗ ଦେଇଥିଲେ । ଏହି ଅବସରରେ ମାଲକାନଗିରି ଡେପୁଟି କଲେକ୍ଟର ଧ୍ରୁବ ମୁଦୁଲି ମୁଖ୍ୟ ଅତିଥି ଏବଂ ପଡିଆ ବିଡିଓ ରଘୁନାଥ ମୁଣ୍ଡାରି, ପଚାଂୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ, ବିଧାୟକ ପ୍ରତିନିଧି କୋଟମ ବାଲାୟା, ଜିଲ୍ଲା ନିୟୋଜନ ଅଧିକାରୀ ମନମ୍ଭୀ ସେଠୀ, ଏସିଡି ଶାଶ୍ୱତୀ ରାଉତ, ଡିସି ଜିତେନ୍ଦ୍ର ପାତ୍ର, ଏସଡିସି ରତନ ଗୋଲଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଅଂଚଳର ୨୨୪ ଜଣ ବେରୋଜଗାର ଯୁବକ ଓ ଯୁବତୀଙ୍କୁ ବିଭିନ୍ନ ଟ୍ରେଡ୍ରେ ଜଡ଼ିତ କରାଯାଇଥିଲା । ଏଥିସହ ନିଲିଗୁଡ଼ା, ଉଣ୍ଡୁରୁକୋଣ୍ଡା, ପଡ଼ିଆ ପଞ୍ଚାୟତସ୍ତରୀୟ ବିଭିନ୍ନ ସଂଘ ଦ୍ୱାରା ନାଟକ, ସଂଗୀତ, ନୃତ୍ୟ ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦକ୍ଷତା ବିକାଶରେ ଉତ୍କୃଷ୍ଟତା ପାଇଁ ପଡ଼ିଆ ପଚାଂୟତସ୍ତରୀୟ ସଂଘ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଶକ୍ତିକରଣ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ସିଆରପି ଚମ୍ପା ବିଶ୍ୱାସଙ୍କୁ ସମ୍ମାନିତ କରାଯାଇଛି । ବିପିଏମ୍ ଅନୁପ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଏଲସି ଅମିତ ନମଦାସ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଡିଆ ପଚାଂୟତ ସମିତିର ସମସ୍ତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଯୁବକ ଓ ଯୁବତୀ ଉପସ୍ଥିତ ଥିଲେ ।

# ପୂର୍ବତନ ସରପଚଂଙ୍କୁ ହତ୍ୟା ଘଟଣା : ୬ ଗିରଫ

ଗଞ୍ଜାମ,୧୪/୧୧ (ନି.ପ୍ର): ଗତ ୫ ତାରିଖରେ ବ୍ରହ୍ମପୁର ସହର ଉପକଣ୍ଠରେ ଅନନ୍ତେଇ ପଚାଂୟତର ପୂର୍ବତନ ସରପଚଂ ପ୍ରଦୀପ ବିଶୋଇଙ୍କୁ ହତ୍ୟା ଘଟଣାରେ ମାମୁଁ ଭଣଜା ସମେତ ୬ ଜଣଙ୍କୁ ବଡ଼ବଜାର ଥାନା ପୋଲିସ ଗିରଫ କରିଛି ।

# ଦିଗମ୍ବରୀ ମହାନ୍ତିଙ୍କ ବିୟୋଗରେ ସ୍ମୃତିଚାରଣ ସଭା



ଜଳେଶ୍ୱର,୧୪/୧୧ (ନି.ପ୍ର): ନିକଟରେ ପରଲୋକ ଗମନ କରିଥିବା ଦିଗମ୍ବରୀ ମହନ୍ତିଙ୍କ ବିୟୋଗରେ ଆଜି ଜଳେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଏକ ଶୋକ ସଭା ଷ୍ଟେସନବଜାର କାଳୀମନ୍ଦିରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପରିଷଦର ସମ୍ପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ସଭାପତିତ୍ୱ କରି ଜଳେଶ୍ୱରରେ ଗଢି ଉଠିଥିବା ବିଭିନ୍ନ ଅନୁଷ୍ଠାନ ତାଙ୍କ ନାମରେ ନାମିତ ହୋଇଥିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତଚନ୍ଦ୍ର ପରିଡା, ସିଦ୍ଧେଶ୍ୱର ପଣ୍ଡା, ରିଆଜ୍ ଖାଁ, ଆଦିତ୍ୟନାରାୟଣ ପାତ୍ର ଓ ରବିନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଦିଗମ୍ବରୀ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା, ପରପୋକାର, ଦରିଦ୍ରଙ୍କୁ ସହାୟତା, କର୍ତ୍ତବ୍ୟନିଷ୍ଠ, ସାଧନା ସଂପର୍କରେ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘର ୩୯ତମ ବାର୍ଷିକୋତ୍ସବ

ପଟ୍ଟାମୁଣ୍ଡାଇ, ୧୪ ନଭେମ୍ବର (ହି.ସ.)ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘର ୩୯ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଶିକ୍ଷକ ଭବନ ଠାରେ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ ସଂଘ ପତାକା ଉତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ସଂଘ ସଭାପତି ଶ୍ରୀସାହୁଙ୍କ ପୌରହିତ୍ୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଶିକ୍ଷକନେତା ରାଜେନ୍ଦ୍ର ପ୍ରସାଦ ସିଂହ ମୁଖ୍ୟଅତିଥି, ଶିକ୍ଷାବିତ ପ୍ରମୋଦ ନାୟକ ମୁଖ୍ୟବକ୍ତା, ସଂଘ ଉପସଭାପତି ଉଦକର ସାମଲ ଓ ସୁଧାଂଶୁବାଳା ମହାପାତ୍ର ମସମ୍ମାନୀତଅତିଥି ଭାବେ ଯୋଗ ଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା, କର୍ତବ୍ୟ ଓ ଦାୟିତ୍ୱବୋଧ ସଂପର୍କରେ ଆଲୋକପାତ କରିଥିଲେ । ସଂଘ ସାଧାରଣସଂପାଦକ ବଳଭଦ୍ର ରାଉତ ବାର୍ଷକ ବିବରଣୀ ପାଠ କରିଥିଲେ । ଆରତ କୁମାର ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବ ଉଦଘାଟନ କରିବା ପରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏଇ ଅବସରରେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଶାନ୍ତିଲତା ନାୟକ ଓ ବାସନ୍ତୀ ମହାରଣାଙ୍କୁ ମୁଖ୍ୟଅତିଥି ସାଲ, ଗୀତା ଓ ପୁଷଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସଂଘ ଉପସଭାପତି ରତ୍ନାକର ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ନୀରୋଦ କୁମାର ଦାସ, ଆରତୀ ଭଳ, ବିଜୟ ସୁନ୍ଦର ରାୟ, ସୁକାନ୍ତ ପରିଡା ଓ ରେଜିଆ ସୁଲତାନା ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ୟାଙ୍କରେ ଅଧିକ କର୍ମଚାରୀ ଯୋଗାଇ ଦେବାକୁ ଦାବି

ପଟ୍ଟାମୁଣ୍ଡାଇ,୧୪/୧୧ (ନି.ପ୍ର): ସଂପ୍ରତି ପଟ୍ଟାମୁଣ୍ଡାଇର ଦାଣ୍ଡିସାହି ଠାରେ ଥିବା କାନାରା ବ୍ୟାଙ୍କ ଶାଖାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ବ୍ୟାଙ୍କ କାର୍ଯ୍ୟ ବସ୍ତୁତଃ ଅଚଳ ହୋଇପଡୁଥିବା ଦେଖିବାକୁ ମିଳୁଛି । ଏହି ବ୍ୟାଙ୍କ ଶାଖା ଉପରେ ପଟ୍ଟାମୁଣ୍ଡାଇ ଧୋୟାଚଂଳ ସମେତ ଆଖପାଖ ଅଚଂଳର ହଜାର ହଜାର ଗ୍ରାହକ ନିର୍ଭର କରୁଥିବାବେଳେ ଆବଶ୍ୟକ କର୍ମଚାରୀ ଅଭାବରୁ ଗ୍ରାହକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଏହି ବ୍ୟାଙ୍କ ଶାଖାରେ ଅଧିକ ସଂଖ୍ୟାରେ କର୍ମଚାରୀ ନିଯୁକ୍ତ କରିବା ପାଇଁ ଧୋୟାଚଂଳ ବିକାଶ ମଚଂ ପକ୍ଷରୁ ଦାବି କରାଯାଇଛି ।

# ଦାରିଙ୍ଗବାଡ଼ି ରିଲାଏନ୍ସ ଜିଓ ଟାୱାରରେ ନିଆଁ

କନ୍ଧମାଳ ,୧୪/୧୧ (ନି.ପ୍ର): ଦାରିଙ୍ଗବାଡି ରେ ଥିବା ଜିଓ ମୋବାଇଲ ଟାୱାର ନିଆଁ ଲାଗି ସମ୍ପୁର୍ଣ୍ଣ ଭାବରେ ପୋଡି ଯାଇଛି । ରବିବାର ସନ୍ଧ୍ୟାରେ ଦାରିଙ୍ଗବାଡି ଚାରିଛକ ନିକଟରେ ଥିବା ରିଲାଏନ୍ସ ଜିଓ ମୋବାଇଲ ଟାୱାର ରେ ସଟ୍ ସର୍କିଟ ଯୋଗୁଁ ଜିଓ ଟାୱାର ର ଡିଜି (ଜେନେରେଟର)ରେ ନିଆଁ ଲାଗିଯାଇଛି ନିଆଁ ର ପ୍ରକୋପ ଅଧିକ ହେବାରୁ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ନିଆଁ ଲାଗିବା ଫଳରେ ବର୍ତ୍ତମାନ ଦାରିଙ୍ଗବାଡ଼ି ରେ ଜିଓ ସେବା ଅଚଳ ହୋଇଯାଇଛି ଯାହା ଫଳରେ ସ୍ଥାନୀୟ ଲୋକଙ୍କ ସମେତ ପର୍ଯ୍ୟଟକ ମାନଙ୍କ ଯୋଗଯୋଗ ପାଇଁ ସମସ୍ୟା ସୃଷ୍ଟି କରିଛି ।

# ହରିଚନ୍ଦନପୁରରେ ଶିଶୁ ତରଙ୍ଗ ମହୋତ୍ସବ

ହରିଚନ୍ଦନପୁର,୧୪/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକରେ ଜିଲ୍ଲାର ଅଗ୍ରଣୀ ସ୍ୱଛାସେବୀ ଅନୁଷ୍ଠାନ ଆଶ୍ୱାୟାର ଓ ଜିଲ୍ଲା ଶିଶୁ ସୁରକ୍ଷା ସମିତିର ମିଳିତ ଆୟୋଜନରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜନ୍ମ ଜୟନ୍ତୀ ଅବସରରେ କରୋନା କଟକଣାକୁ ପାଳନ କରି ବୁଢାଖମଣ ପଂଚାୟତର ସୋମଗିରୀ ଗ୍ରାମରେ ଶିଶୁ ତରଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଛି । ଶିକ୍ଷକ ବୈଲୋଚନ ମହାପାତ୍ର, ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ଓଝା, ଆଶା ସୁଚିତ୍ରା ମହାରଣା, ଅଙ୍ଗୱାଡ଼ି କର୍ମୀ ଲଳିତା ପଳେଇ, ସରପଂଚ ଦମୟନ୍ତୀ ଦେହୁରୀ, ଆଶ୍ୱାୟର ବ୍ଲକ ସଂଯୋଜକ ଗଦାଧର ମହାନ୍ତ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରିଣୀ ଦେବାଙ୍ଗନା ବାରିକ ଯୋଗଦେଇ ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟରେ ପାଠ ପଢ଼ାଇବା ସହିତ ଶିଶୁଙ୍କ ସୁରକ୍ଷା ପାଇଁ ସମସ୍ତେ କାର୍ଯ୍ୟ କରିବା ଏବଂ ଶିଶୁମାନଙ୍କ ପାଇଁ ଉପଲବ୍ଧ ଥିବା ସମସ୍ତ ସରକାରୀ ଯୋଜନା ବାବଦରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଜାମୁଜୋଡି , ଜିରାଙ୍ଗ, ପିଠାଗୋଳା, ବୁଢାଖମଣ ପଂଚାୟତର କୁନି ଶିଶୁ କଳାକାରଙ୍କ ଦ୍ୱାରା ସାମାଜିକ ଭିତ୍ତିକ ଡ୍ରାମା, ନୃତ୍ୟ,ସଙ୍ଗୀତ ପରିବେଷଣ କରିଥିଲେ । ଏଥିସହ ବ୍ଲକରେ ବୁଢ଼ାଖମଣ ପଂଚାୟତର ସୋମଗିରୀ, ହରିଚନ୍ଦନପୁର ପଂଚାୟତର ହରିଡ଼ାଗୋଠ, ତେନ୍ତଲାପଶି, ଦୈତାରୀ ଠାରେ ଶିଶୁ ତରଙ୍ଗ ମହୋତ୍ସବ ପାଳିତ ହୋଇଯାଇଛି । ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ସମସ୍ତେ ଶପଥପାଠ କରିଥିଲେ । କାର୍ଯ୍ୟକ୍ରମଟିକୁ ରାଜୀବ ଲୋଚନ ମହାନ୍ତ ପରିଚାଳନା କରିଥିବା ବେଳେ କ୍ଲଷ୍ଟର ସଂଯୋଜକ ପ୍ରମୋଦ କୁମାର ସାହୁ, ବିଦ୍ୟୁତପ୍ରଭା ସେଠୀଙ୍କ ସମେତ କ୍ଲଷ୍ଟରର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ ।

# ବିଶ୍ୱ ମଧୁମେହ ଦିବସରେ 'ଶ୍ରୀ ପଲି କ୍ଲିନିକ'ର ସଚେତନତା ଶୋଭାଯାତ୍ରା



ବାଲେଶ୍ୱର,୧୪/୧୧ (ନି.ପ୍ର): ବାଲେଶ୍ୱର ସହରର ଶ୍ରୀ ପଲି କ୍ଲିନିକ ପକ୍ଷରୁ ବିଶ୍ୱ ମଧୁମେୟ ଦିବସ ରବିବାର ପାଳିତ ହୋଇଯାଇଛି । ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସକାଳେ ଏକ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା । କ୍ଲିନିକର ମୁଖ୍ୟ ତଥା ବରିଷ୍ଠ ମଧୁମେହ ବିଶେଷଜ୍ଞ ଡାକ୍ତର ଅମୂଲ୍ୟ କୁମାର ଦାସ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଉଦଘାଟନ କରିବା ସହିତ ସାମ୍ପ୍ରତିକ ସମାଜ ପାଇଁ ଘାତକ ସାବ୍ୟସ୍ତ ହୋଇଥିବା ମଧୁମେହ ରୋଗର ଭୟାବହତା ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ନିୟମିତ ଶାରୀରିକ ବ୍ୟାୟାମ ଓ ଉତ୍ତମ ଚିକିତ୍ସା ଦ୍ୱାରା ମଧୁମେୟ ରୋଗୀ ସମ୍ପୂର୍ଣ୍ଣ ଭଲ ହୋଇପାରିବ ବୋଲି ଡାକ୍ତର ଦାସ ସୂଚନା ଦେଇଥିଲେ । କଲେଜ ରୋଡ଼ସ୍ଥିତ କ୍ଲିନିକ ନିକଟରରୁ ଏହି ଶୋଭାଯାତ୍ରା ବାହାରି କଲେଜ ଛକ, ଆଜିମାବାଦ, ପୁଲିସ ଲାଇନ ଛକ, ଷ୍ଟେସନଛକ, ଫାଣ୍ଡିଛକ, ବିବେକାନନ୍ଦ ରୋଡ଼, ପାଣିଟାଙ୍କି ଛକ ଓ ସିନେମାଛକ ଦେଇ ପୁନର୍ବାର ଶ୍ରୀ ପଲି କ୍ଲିନିକ ନିକଟରେ ଶେଷ ହୋଇଥିଲା । ଶୋଭାଯାତ୍ରାରେ ନର୍ସ, ସ୍ୱାସ୍ଥ୍ୟ କର୍ମୀ ଓ ବହୁ ମଧୁମେୟ ରୋଗୀ ସାମିଲ ହୋଇ ପ୍ଲା'କାର୍ଡ଼ ପ୍ରଦର୍ଶନ ପୂର୍ବକ ତଥା କୋଭିଡ୍ ଗାଇଡ ଲାଇନ ଅନୁସାରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଗୋପାଳ କୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବଟକୃଷ୍ଣ ଦାସ, ପ୍ରାଣକୃଷ୍ଣ ଦାସ, ଦେବାଶିଷ ଦାସ, ସୁଶାନ୍ତ କୁମାର ଦାସ, ତପନ ଜେନା, ଚିତ୍ତରଂଜନ କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରକାଶ ମିଶ୍ର, ସୁଧାକର ନନ୍ଦ, ଗୌରାଙ୍ଗ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ମା'ର ଅବସାଦ ପିଲାର ମସ୍ତିଷ୍କ ବିକାଶରେ ବାଧକ

ଗର୍ଭାବସ୍ଥା କିମ୍ବା ତାପରେ ମହିଳାଙ୍କଠାରେ ଅବସାଦ ଲକ୍ଷଣ ରହିଲେ, ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୁଏ । ମା'ଠାରେ ଏହି ଲକ୍ଷଣ ଥିଲେ, ପିଲାର ମସ୍ତିଷ୍କର ବାହ୍ୟ ପରସ୍ତର ଘନତ୍ୱ ହ୍ରାସ ପାଏ ବୋଲି ଅଧ୍ୟନରୁ ଜଣାପଡ଼ିଛି । ଗବେଷଣାରେ ଉଭୟ ଗର୍ଭାବସ୍ଥା ଓ ମାତୃତ୍ୱ ପରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା କାନାଡ଼ାର ଆଲବର୍ଟା ସ୍ଥିତ କାଲଗାରୀ ୟୁନିଭର୍ସିଟିର ମୁଖ୍ୟ ଗବେଷକ କ୍ୟାଥେରିନ ଲେବେଲ କହିଛନ୍ତି । ଜୀବନର ଜଟି ସୋପାନରେ ପିଲାର ମସ୍ତିଷ୍କ ବିକାଶ ଉପରେ ମାର ମୁଡ୍ ପ୍ରଭାବ ପକାଇପାରେ । ଗର୍ଭାବସ୍ଥା ଓ ମାତୃତ୍ୱ ସମୟରେ ୧୮ ପ୍ରତିଶତ ମହିଳା ଅବସାଦର ଶିକାର ହୋଇଥାନ୍ତି, ଯାହା ସେମାନଙ୍କ ପିଲାର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଅଧ୍ୟନ ପାଇଁ ଗବେଷକମାନେ ୫୨ ମହିଳାଙ୍କ ଗର୍ଭାବସ୍ଥା ଓ ମାତୃତ୍ୱ ପରର ଅବସାଦ ଲକ୍ଷଣ ଯାଞ୍ଚ କରିଥିଲେ ।



# ସଂକ୍ରମଣରୁ ରକ୍ଷା କରୁଥିବା ଛତୁ

ପିଲାଙ୍କୁ ଅପପୁଷ୍ଟି ଏବଂ ଭାଇରାଲ ଜ୍ୱରରୁ ସୁରକ୍ଷା ଦେବା ଲାଗି ଉତ୍ତରପ୍ରଦେଶ କାନପୁରସ୍ଥିତ ଚନ୍ଦ୍ରଶେଖର ଆଜାଦ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଛତୁର ଏକ ନୂଆ ପ୍ରଜାତି ପ୍ରସ୍ତୁତ କରିଛନ୍ତି । ଏହି ଛତୁରେ ଦୁଇଟି ଉଦ୍ଭିଦଜାତ ବିଶେଷ ପ୍ରକାର ହରମୋନ ସହାୟତାରେ ପୁଷ୍ଟିକର ଏବଂ ଔଷଧୀୟ ଗୁଣ ବଢ଼ାଇ ଦିଆଯାଇଛି । ଗହମ ଚୋକଡ଼ ଓ ଆଖୁଛେଦାକୁ ବିଭିନ୍ନ ତାପମାତ୍ରାରେ ରଖି ଆର୍ଦ୍ରତା ଦେଇ ଏଭଳି ଛତୁ ଫୁଟାଯାଇଛି । ଏହି ଛତୁ ମାତ୍ର ୨୫ଦିନ ମଧ୍ୟରେ ହୋଇ ପାରୁଥିବା ବେଳେ ରୋଗପୋକ ଲାଗିବାର ଆଶଙ୍କା ନାହିଁ ଏବଂ ଅଧିକ ଦିନ ରହିପାରେ । ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ଗଛରୁ ବାହାରୁଥିବା ଦୁଇପ୍ରକାରର ହରମୋନ ଇଣ୍ଡୋଲ ଏସିଟିକ୍ ଏସିଡ୍ ଏବଂ ଜିବରିଲିନ୍ ସହାୟତାରେ ଏହି ନୂଆ ପ୍ରଜାତିର ଛତୁରେ ଭିଟାମିନ, ଆଣ୍ଟିଅକ୍ସିଡାଣ୍ଟ ବିଭିନ୍ନ ପ୍ରକାର ଏନଜାଇମ ଏବଂ ରୋଗପ୍ରତିରୋଧକ କ୍ଷମତା ବଢ଼ାଉଥିବା ତତ୍ତ୍ୱର ମାତ୍ରା ଅଧିକ କରାଯାଇଛି । ଏହା ମଣିଷ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ସହ ଭୂତାଣୁ ସଂକ୍ରମଣରୁ ସୁରକ୍ଷା ଦେବ । କ୍ରମାଗତ ଭାବେ ଚାରିବର୍ଷ ଧରି ଗବେଷଣା କରିବା ପରେ ଏହି ଛତୁ ପ୍ରସ୍ତୁତ କରାଯାଇଥିବା ବୈଜ୍ଞାନିକମାନେ କହିଛନ୍ତି । ଏହି ଛତୁରେ ଅନ୍ୟ ଛତୁ ଅପେକ୍ଷା ପାଣିର ମାତ୍ରା କମ୍ ଥାଏ । ପିଲାଙ୍କୁ ନିୟମିତ ଏହା ଖାଇବାକୁ ଦେଲେ ସେମାନେ ଅପପୁଷ୍ଟି ସମସ୍ୟାରୁ ମୁକ୍ତ ହୋଇପାରିବେ । ଏହା ସମ୍ପୂର୍ଣ୍ଣ ଭାବେ ଜୈବିକ ଏବଂ ସୁରକ୍ଷିତ । ଦୀର୍ଘଦିନ ଧରି ରୋଗାକ୍ରାନ୍ତ ରହିଥିବା ଲୋକେ ଏହାକୁ ଖାଇଲେ ପ୍ରୋଟିନ୍, ମିନେରାଲସ, କାର୍ବୋହାଇଡ୍ରେଟ, ଫଲିକ୍ ମିଳିପାରିବ ବୋଲି ଗବେଷଣାରେ ଜଣାପଡ଼ିଛି । ଏଥିରେ ବିଟା ଗ୍ଲୁକୋନ୍ ଓ କୟୁଗେଟେଡ ଲିନୋଲିକ୍ ଏସିଡ ରହିଛି ଯାହା ଶରୀର ଉପରେ ଆଣ୍ଟି କାର୍ସିନୋଜେନିକ୍ (କର୍କଟ ପ୍ରତିରୋଧୀ) ପ୍ରଭାବ ସୃଷ୍ଟି କରେ । ବିଶେଷ କରି ହସପିଟାଲ ଓ ଅଙ୍ଗନୱାଡ଼ିଗୁଡ଼ିକରେ ଏହି ଛତୁ ବ୍ୟବହାରକୁ ପ୍ରସାର କରାଯିବା ଉଚିତ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଏଥିରେ କମ ପରିମାଣରେ କାର୍ବୋହାଇଡ୍ରେଟସ ଥିବାରୁ ଏହା ଶର୍କରା ସ୍ତର ତୁରନ୍ତ ବଢ଼ାଏ ନାହିଁ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ମଧ ଉପକାରୀ ହୋଇପାରେ ।





# ପିଲାଙ୍କ ସହ ବନ୍ଧୁତା

ନିଜ ପିଲାର ଉଭୟ ଉତ୍ତମ ଆଚରଣ ଓ ବଦ୍‌ଭ୍ୟାସ ନିମନ୍ତେ ପ୍ରଥମେ ଅଭିଭାବକଙ୍କୁ ଦାୟୀ କରାଯାଇଥାଏ । ଏହା କୌଣସି ଆଶ୍ଚର୍ଯ୍ୟଚକିତ ପ୍ରସଙ୍ଗ ନୁହେଁ । ପିଲାଙ୍କ ବନ୍ଧୁହେବା ସହ ସେମାନଙ୍କୁ ଯଥୋଚିତ ଶିକ୍ଷା ଦେବାରେ ହେଳା କରନ୍ତୁନାହିଁ । ଏହା ଆଦୌ ଭାବନ୍ତୁନାହିଁ ଯେ ଯଥା ସମୟ ଆସିଲେ ପିଲା ସବୁ ଶିଖିଯିବ । ବରଂ ଉଭୟ ବାପା ଓ ମା' ସେମାନଙ୍କ ସହ ବନ୍ଧୁ ଭଳି ଆଚରଣ କରିବା ଉଚିତ ।

- ◆ ପିଲା ସ୍କୁଲରୁ ଆସିବା ପରେ ମା'ମାନେ ସପ୍ତାହରେ ୨-୩ ଥର ସେମାନଙ୍କୁ ସପିଂ ମଲ୍ କିମ୍ବା ପରିବା ଦୋକାନ ଆଡେ ନେଇଯିବା ଆବଶ୍ୟକ । ଏପରି କଲେ ସେମାନଙ୍କ ସହ ବିଭିନ୍ନ ପରିବାର ଆବଶ୍ୟକତା ବୁଝିପାରିବେ । ଏହା ସହ ବିଭିନ୍ନ ଜିନିଷ କିଣିବାର ଜିଦ୍‌ରୁ ମଧ ପିଲାର ମନୋଭାବ ପରିବର୍ତ୍ତନ କରିପାରିବେ । ଯଦି କୌଣସି ଖେଳନା କିମ୍ବା ଅନ୍ୟ ଜିନିଷ ସେ କିଣିବାକୁ । ଚାହୁଁଛି, ତେବେ ତାହାର ଆବଶ୍ୟକତା ବୁଝାନ୍ତୁ । ଦେଖିବେ, କିଛି କ୍ଷଣରେ ଆପଣଙ୍କ ପିଲା ବୁଝିଯିବ ।
- ◆ ରୋଷେଇ ଘରେ କାମ କରୁଥିବାବେଳେ ନିଜ ପିଲାକୁ ବିଭିନ୍ନ ପରିବା ଫ୍ରିଜ୍‌ରୁ ଆଣିବାକୁ ବରାଦ୍ ଦିଅନ୍ତୁ । ଅନ୍ୟ ଏକ କଥା ଧ୍ୟାନରେ ରଖନ୍ତୁ, ଆପଣଙ୍କ ପିଲାର ବୟସ ଅତିକମ୍‌ରେ ୭ବର୍ଷରୁ ଅଧିକ ହୋଇଥିବ । ଅତି କୁନି ପିଲାକୁ ଏସବୁ କାମରେ ଲଗାଇଲେ କୌଣସି ଲାଭ ମିଳେନାହିଁ, ବରଂ ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରେ । କେଉଁ ପରିବା ଖାଇଲେ ଶରୀର ଉପରେ କିଭଳି ପ୍ରଭାବ ପକାଇଥାଏ , ତାହା ପିଲାକୁ ବାରମ୍ବାର କହି ଚାଲନ୍ତୁ ।
- ◆ ପାଠ ପଢ଼ିବାର ଏକ ନିର୍ଦ୍ଦିଷ୍ଟ ସମୟ ଧରି ଆଗକୁ ବଢ଼ାନ୍ତୁ । ନିୟମିତ ୩୦-୪୦ ମିନିଟ୍ ସେ ପଢ଼ିବା ଜରୁରୀ, ଏହି କଥାର ମର୍ମ ଆପଣଙ୍କ ପିଲା ମଧ ବୁଝିବା ଉଚିତ ।
- ◆ ସବୁ କଥାରେ ବିରକ୍ତ ନ ହୋଇ ବରଂ ଠିକ୍ ଓ ଭୂଲର ତଫାତ୍ ପିଲାକୁ ଜଣାଇଦେବା ଉଚିତ ।









# ଲାଭ ଦାୟକ ଝାଡ଼ୁ ଘାସ

ସାଧାରଣତଃ ଗୋପାଳନ କରୁଥିବା ଲୋକେ ଘାସ ଚାଷ କରିବାର ଯୋଜନା କରନ୍ତି । ତେବେ ଝାଡ଼ୁ କରିବା ଲାଗି ମଧ ଘାସଚାଷ ଉପଯୋଗୀ ହୋଇପାରେ । ଘର ଓଳାଇବାରେ ବ୍ୟବହାର କରାଯାଉଥିବା ଫୁଲଝାଡ଼ୁ ସାଧାରଣତଃ ଝାଡ଼ୁ ଘାସ ବା ଟାଇଗର ଗ୍ରାସରୁ ତିଆରି ହୋଇଥାଏ । ଏହାର ବୈଜ୍ଞାନିକ ନାମ ଥାଇସାନୋଲେନା ମ୍ୟାକ୍ସିମା । କେବଳ ଝାଡ଼ୁ ଲାଗି ନୁହେଁ, ଏହି ଗଛ ମାଟିକୁ ଭଲରେ ବାନ୍ଧି ରଖିବା ଦ୍ୱାରା ମୃତ୍ତିକା କ୍ଷୟ ରୋକିଥାଏ । ଏହାର ଫୁଲ ଓ ଡେମ୍ଫରେ ଝାଡ଼ୁ ତିଆରି ହେଉଥିବାବେଳେ ପତ୍ରକୁ ଗୋଖାଦ୍ୟ ଭାବେ ବ୍ୟବହାର କରିପାରିବେ । ବିଶେଷକରୀ ପାହାଡ଼ିଆ ଅଞ୍ଚଳ ଏଭଳି ଘାସ ଚାଷ ପାଇଁ ଉପଯୁକ୍ତ । ଟାଙ୍ଗରା ଜମିରେ ଖୁବ ଶୀଘ୍ର ସବୁଜ ସୁନ୍ଦର ହୋଇ ଏହି ଝାଡ଼ୁ ଘାସ ବଢ଼ିଥାଏ । ଭାରତର ଉତ୍ତର-ପୂର୍ବାଞ୍ଚଳରେ ଏହାକୁ ସବୁଠାରୁ ଅଧିକ ଚାଷ କରାଯାଏ । ଏହି ଘାସ ସବୁ ପ୍ରକାର ନିଷ୍କାସନ ବ୍ୟବସ୍ଥା ରଖନ୍ତୁ ଏବଂ ଅନାବନା ଘାସ ନିୟନ୍ତ୍ରଣ କରନ୍ତୁ । ବର୍ଷା ଯଦି କମ ହୁଏ ତେବେ ଜଳସେଚନର ଆବଶ୍ୟକତା ପଡ଼ିପାରେ । ଟାଇଗର ଗ୍ରାସ୍ ସାଧାରଣତଃ ଶୀତଦିନରେ ଜାନୁଆରୀ ଫେବୃଆରୀ ମାସରେ କଟାଯାଏ । ଘାସର ଲମ୍ବାଲମ୍ବା ଫୁଲକୁ ଡେମ୍ଫ ପାଖରୁ କାଟି କିଛିଦିନ ଖରାରେ ଶୁଖାଇଲା ପରେ ଏହା ଛାଡ଼ୁ ତିଆରି ଲାଗି ଉପଯୁକ୍ତ ହୋଇଥାଏ । ଝାଡ଼ୁ ତିଆରି ପାଇଁ ପ୍ରାୟତଃ ୧ରୁ ଦେଢ଼ଫୁଟ ଲମ୍ବା ଡେମ୍ଫ ରଖିବାକୁ ପଡ଼େ । ୩୦ରୁ ୩୫ଟି ଫୁଲ ଗୋଟିଏ ଝାଡ଼ୁ ତିଆରି ପାଇଁ ଦରକାର । ଥରେ ଲଗାଯାଇଥିବା ଟାଇଗର ଗ୍ରାସ୍ ୪-୫ ଥର ଫୁଲ ଦେଇପାରିବ। ଏହାପରେ ଏହି ଗଛକୁ ସମ୍ପୂର୍ଣ୍ଣ କାଟି ପୁଣି ଥରେ ମଞ୍ଜି ବୁଣିବାକୁ କିମ୍ବା ନୂଆ ବୁଦା ଲଗାଇବାକୁ ପଡ଼େ । ଏହି ଘାସର ବଜାର ଦର କିଲୋପ୍ରତି ପ୍ରାୟ ୪୫ ଟଙ୍କା ।



# କେଉଁ ଦିଗକୁ ମୁହଁ କରି କାର୍ଯ୍ୟ କଲେ ଶୁଭ

- ➡ ଅଫିସ କିମ୍ବା ଦୋକାନରେ ମୁହଁ ଉତ୍ତର ଦିଗକୁ କରି ବସିବା ଦ୍ୱାରା ସୁଫଳ ମିଳିଥାଏ ।
- ➡ ଘରର ଦକ୍ଷିଣ କିମ୍ବା ଉତ୍ତରା ଦକ୍ଷିଣ ଦିଗରେ ଟିଭି ରଖନ୍ତୁ ।
- ➡ ପୂର୍ବ ଓ ଉତ୍ତର ଦିଗକୁ ମୁହଁକରି ଭୋଜନ କରନ୍ତୁ । ଏହାଦ୍ୱାରା ଖାଦ୍ୟରୁ ମିଳୁଥିବା ଉପଯୁକ୍ତ ଶକ୍ତି ଶରୀରକୁ ମିଳେ ।
- ➡ ବିଦ୍ୟାର୍ଥୀ ପଢ଼ିବା ସମୟରେ ପୂର୍ବ ଦିଗକୁ ମୁହଁ କରି ପଢ଼ନ୍ତୁ ।
- ➡ ଯଦି କିଛି ନୂଆ କାମ ଆରମ୍ଭ କରୁଥାଆନ୍ତି ଉତ୍ତର ଦିଗ ଆଡ଼କୁ ମୁହଁ କରି ରୋଷେଇ କଲେ ପରିବାରର ମଙ୍ଗଳ ହୁଏ ।



# ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମତଳ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀକୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକକଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ। ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ଋଣ କେମିତି ଶୁଝିବୁ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।



# ସାମାନ୍ୟ ସମସ୍ୟା ହୋଇପାରେ ଗମ୍ଭୀର ରୋଗର ଲକ୍ଷଣ

**ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ଯାହାଦ୍ୱାରା ସେମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହନ୍ତି ନାହିଁ । ମହିଳାମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆସେ ସେଥିପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରିବା କଷ୍ଟକର ହୁଏ । ଅଧିକାଂଶ ମହିଳା ଗମ୍ଭୀର ଲକ୍ଷଣ ଅନୁଭବ କଲେ ଚିକିତ୍ସକଙ୍କ ପାଖକୁ ଯାଆନ୍ତି । କିନ୍ତୁ ଏହା ଠିକ୍ ଅଭ୍ୟାସ ନୁହେଁ । ଯଦି ଆପଣଙ୍କ ଶରୀରରେ କୌଣସି ପରିବର୍ତ୍ତନ ଦେଖୁଛନ୍ତି ତେବେ ଆପଣ ସଚେତନ ହେବା ଆବଶ୍ୟକ ।**

### ପେଟ ଫୁଲିବା:

ଅନେକ ମହିଳାମାନଙ୍କର ପିରିୟଡସ ସମୟରେ ପେଟ ଫୁଲିବା ସମସ୍ୟା ସାଧାରଣ କଥା । ଯଦି ଏହି ସମସ୍ୟା ଏକ କିମ୍ବା ଦୁଇ ସପ୍ତାହ ବା ତାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହେ, ତେବେ ଏହା ବିପଦର ସଙ୍କେତ ବୋଲି ଭାବନ୍ତୁ । ଏହାର ଅର୍ଥ ଆପଣଙ୍କର ସ୍ୱାସ୍ଥ୍ୟର ସନ୍ତୁଳନ ଠିକ୍ ନାହିଁ । ଏହା ଏଣ୍ଡୋମେଟ୍ରିୟୋସିସ୍ ହୋଇପାରେ, ଏହା ଦ୍ୱାରା ପେଟ ଫୁଲିଯାଏ । ଏହାର ପ୍ରଭାବ ପ୍ରଜନନ କ୍ଷମତା ଉପରେ ମଧ ପଡ଼ିପାରେ ଓ ଗର୍ଭଧାରଣ କରିବାରେ ମଧ ସମସ୍ୟା ଦେଖାଦେଇପାରେ । ଯଦି ଏହା କ୍ରମାଗତ ଭାବରେ ରହେ ତେବେ ଟ୍ୟୁମର, ହାର୍ନିଆ, ଲିଭର ଇନ ଫେକସନ, ଓଭାରିଆଲ କ୍ୟାନସର ମଧ ହୋଇପାରେ ।

### ଥଣ୍ଡା, ଗରମ ଅଧିକ ଲାଗିବା:

ଯଦି ଆପଣ ନିଜ ରୁମର ତାପମାତ୍ରାକୁ ସହଜ ଅନୁଭବ କରୁନାହାଁନ୍ତି, ତେବେ ଏହାର ଅର୍ଥ ଆପଣଙ୍କ ହର୍ମୋନ ଅସନ୍ତୁଳନ ଅବସ୍ଥାରେ ରହିଛି । ଏହାର ଏକ ମୁଖ୍ୟ କାରଣ ଏଷ୍ଟ୍ରୋଜନର ସ୍ତର ହୋଇପାରେ । ଏଷ୍ଟ୍ରୋଜନ ହର୍ମୋନ ମହିଳା ଓ ପୁରୁଷ ଦୁଇଜଣଙ୍କ ମଧ୍ୟରେ ଦେଖାଯାଏ । କିନ୍ତୁ ଏହା ମିହିଳାମାନଙ୍କ ମଧ୍ୟରେ ଅଧିକ ଥିବାର ଦେଖାଯାଏ । କିନ୍ତୁ ଏହା ମହିଳାମାନଙ୍କ ମଧ୍ୟରେ ଅଧିକ ଥିବାର ଦେଖାଯାଇଥାଏ । ଏହା ମିହିଳାମାନଙ୍କ ଶଶରିରୀକ ପରିବର୍ତ୍ତନ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି କାରଣ ପାଇଁ ଏହାକୁ ଫିମେଲ ଡେଭଲପମେଣ୍ଟ ହର୍ମୋନ ମଧ କୁହାଯାଏ । ଏଷ୍ଟ୍ରୋଜନ ହମୋନ ଆପଣଙ୍କ ଶରୀରର ତାପମାତ୍ରାକୁ ପ୍ରଭାବିତ କରେ ଏହାର ମାତ୍ରା ଯଦି କମ ହୁଏ ବା ଏହାର ସ୍ତରରେ ପରିବର୍ତ୍ତନ ହୁଏ ତେବେ ଆପଣ ଆପଣଙ୍କ ହାତ ଓ ଗୋଡ଼ ଥଣ୍ଡା ରହୁଥିବାର ଅନୁଭବ କରୁଥିବେ ।

### କେଶ ଝଡ଼ିବା:

କେଶ ଝଡ଼ିବା ଟେଷ୍ଟୋଷ୍ଟେରାନ ହମୋନର ଲକ୍ଷଣ ମଧ୍ୟରୁ ଅନ୍ୟତମ । ଏହି ହର୍ମୋନ ସୁସ୍ଥ କେଶର ଉତ୍ପାଦନରେ ସାହାଯ୍ୟ କରେ । ଏହାର ଅସନ୍ତୁଳନ ଯୋଗୁଁ ଆପଣଙ୍କ କେଶ ଝଡ଼ିଯାଏ ଓ ପତଳା ହୋଇଯାଏ । ଏହି ହର୍ମୋନ ପୁରୁଷ ଓ ମହିଳା ଉଭୟଙ୍କ ମଧ୍ୟରେ ଥାଏ । ଟେଷ୍ଟୋଷ୍ଟେରାନ ମହିଳାମାନଙ୍କର ଓଭାରିରେ ବହୁତ କମ ମାତ୍ରାରେ ଥାଏ । ଏହା ଶରୀରରେ ଅଧିକ ମାତ୍ରାରେ ରହିବା ଦ୍ୱାରା ମହିଳାମାନଙ୍କର କେଶହାନି ହୁଏ ଓ କେଶ ପତଳା ହୋଇଯାଏ ଏହା ଦ୍ୱାରା ଓଜନ ବଢ଼ିଯାଏ, ଚେହେରା ଓ ଅନ୍ୟ ଅଙ୍ଗରେ କେଶ ମଧ ଦେଖାଯାଏ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ପ୍ରତିରକ୍ଷା ବ୍ୟବସ୍ଥା...

ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ଅତ୍ୟାଧୁନିକ କରିବା ସକାଶେ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ଦିନଠାରୁ ପ୍ରୟାସ ଜାରି ରଖିଛନ୍ତି। ରୁଷିଆଠାରୁ ଯୋଗାଣ ଆରମ୍ଭ ହୋଇଥିବା ଏସ-୪୦୦ କ୍ଷେପଣାସ୍ତ୍ର ବ୍ୟବସ୍ଥା ଏହାର ସଦ୍ୟତମ ଓ ସବୃବୃହତ୍ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ। ଭାରତକୁ ଏହି ଅତ୍ୟାଧୁନିକ କ୍ଷେପଣାସ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଥିବା କଥା ସରକାରୀ ଭାବେ ସୂଚାଇଛନ୍ତି ରୁଷିଆର ସଂଘୀୟ ସେବା ଓ ସାମରିକ ପ୍ରଯୁକ୍ତି ସହଯୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିମିତ୍ର ସୁଗାୟେଭ। ଦୁବାଇ ଏୟାର ସୋ'ରେ ଯୋଗଦେବା ଅବସରରେ ଶ୍ରୀ ସୁଗାୟେଭ କହିଛନ୍ତି ଯେ, ସର୍ତ୍ତାନୁସାରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ତା'ର ପ୍ରଥମ ଦଫା ଏସ-୪୦୦ କ୍ଷେପଣାସ୍ତ୍ର ବ୍ୟବସ୍ଥା ପାଇପାରିବ। ସୂଚନାଯୋଗ୍ୟ ଯେ, ଭାରତକୁ ୫ ସ୍କ୍ୱାଡ୍ରନ୍ ଏସ-୪୦୦ କ୍ଷେପଣାସ୍ତ୍ର ଯୋଗାଣ ନିମନ୍ତେ ୨୦୧୭ ମସିହାରେ ରୁଷିଆ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଭୂପୃଷ୍ଠରୁ ଆକାଶକୁ ନିକ୍ଷେପକ୍ଷମ ଏହି ଅତ୍ୟାଧୁନିକ କ୍ଷେପଣାସ୍ତ୍ରକୁ ୫୨୦ କୋଟି ଡଲାର ମୂଲ୍ୟରେ କ୍ରୟ କରିବା ଲାଗି ଭାରତ ସ୍ଥିର କରିଥିଲା। ଏହି କ୍ଷେପଣାସ୍ତ୍ର ହାସଲ କଲେ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ବେଶ୍ ସୁଦୃଢ଼ ହୋଇପାରିବ ଏବଂ ବିଶେଷ କରି ଚୀନ୍ ଓ ପାକିସ୍ତାନ୍ ଭଳି ଅବିଶ୍ୱସ୍ତ ପ୍ରତିବେଶୀଙ୍କୁ ସହଜରେ ମୁକାବିଲା କରାଯାଇପାରିବ। କାରଣ ଇତିମଧ୍ୟରେ ଚୀନ୍ ଲଦାଖ ସୀମା ଆରପଟେ ନାଗାରୀ ଗାର୍ ଗୁନସା ଏବଂ ଅରୁଣାଚଳ ପ୍ରଦେଶ ସୀମାର ଅପର ପାର୍ଶ୍ୱରେ ନିଙ୍ଗଚିଠାରେ ଦୁଇ ସ୍କ୍ୱାଡ୍ରନ୍ ଏସ-୪୦୦ କ୍ଷେପଣାସ୍ତ୍ର ମୁତୟନ କରିସାରିଛି। ଏହାର ସମକକ୍ଷ ବ୍ୟବସ୍ଥା କରିବା ଭାରତ ପାଇଁ ଅତ୍ୟାବଶ୍ୟକ ହୋଇପଡ଼ିଥିଲା। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଭାରତ ଏହି କ୍ଷେପଣାସ୍ତ୍ର କ୍ରୟ ପାଇଁ ରୁଷିଆ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ତେବେ ରୁଷିଆଠାରୁ ଏଭଳି କ୍ଷେପଣାସ୍ତ୍ର କ୍ରୟ କରିବା ପ୍ରସଙ୍ଗକୁ ନେଇ ଆମେରିକାର ଦୃଢ଼ ବିରୋଧାଭାଷ ପ୍ରକଟ କରିଥିଲା। ଗତ ଦଶବର୍ଷ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଭାରତ-ଆମେରିକା ରଣନୀତିକ ସମ୍ପର୍କ ବୃଦ୍ଧି ସତ୍ତ୍ୱେ ଆମେରିକାର ଏଭଳି ପ୍ରତିବାଦ ଯେତିକି ବିସ୍ମୟକର ଥିଲା ସମଗ୍ର ବ୍ୟବସ୍ଥାଟିକୁ ତାହା ଅଧିକ ଜଟିଳ କରି ପକାଇଥିଲା। ରୁଷିଆଠାରୁ ଏଭଳି କ୍ଷେପଣାସ୍ତ୍ର କ୍ରୟ କରୁଥିବା ଯେକୌଣସି ରାଷ୍ଟ୍ରଙ୍କ ବିରୋଧରେ କଟକଣା ଜାରି କରିବା ନିମନ୍ତେ ମାର୍କିନ୍ କଂଗ୍ରେସ 'କାଟ୍ସା' ପ୍ରତିବନ୍ଧ ଆଇନ ପାରିତ କରିଥିଲା। ଭାରତ ଓ ଆମେରିକା ମଧ୍ୟରେ ସଂପର୍କ ବୃଦ୍ଧି ସତ୍ତ୍ୱେ ଏହା ସ୍ପଷ୍ଟ ଯେ, ଭାରତ ଫ୍ରାନ୍ସଠାରୁ ରାଫାଲ୍ ବିମାନ କ୍ରୟ କରିଛି। ଏବେ ରୁଷିଆଠାରୁ ଶହ ଶହ କୋଟି ଟଙ୍କାର ଅତ୍ୟାଧୁନିକ କ୍ଷେପଣାସ୍ତ୍ର କ୍ରୟ ଆମେରିକାର ଗାତ୍ରଦାହ କରିବା ସ୍ୱାଭାବିକ। ତେଣୁ ସେଥିରେ କେଁ ବାହାର କରି ଏଭଳି ପ୍ରତିବାଦର ସ୍ୱର ଉଠାଇଛି ଆମେରିକା। କିନ୍ତୁ ଭାରତ ତା'ର ନିଜସ୍ୱ ସିଦ୍ଧାନ୍ତରେ ଅଟଳ ରହି ଏହାକୁ ଆହରଣ କରି ନିଜର ସ୍ୱାଧୀନ ଚିନ୍ତାଧାରା ଓ ଅନ୍ୟର ଚାପ ଆଗରେ ମୁଣ୍ଡ ନନୁଆଇଁବାର ସାମର୍ଥ୍ୟ ପ୍ରଦର୍ଶନ କରିଛି। ଏସ-୪୦୦ କ୍ଷେପଣାସ୍ତ୍ରରେ ୪୦୦ କି.ମି., ୨୫୦ କି.ମି., ୧୨୦ କି.ମି. ଏବଂ ୪୦ କି.ମି. ପର୍ଯ୍ୟନ୍ତ ନିକ୍ଷେପକ୍ଷମ କ୍ଷେପଣାସ୍ତ୍ର ସହିତ ଶତ୍ରୁପକ୍ଷ ବିମାନକୁ ଠାବ ଓ ଆକ୍ରମଣ କରିବା ଭଳି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଆଓ୍ୱାକ୍ସ ବ୍ୟବସ୍ଥା ରହିଛି। ତେଣୁ ଚୀନ୍ ପକ୍ଷରୁ ଆକାଶ ମାର୍ଗରୁ ଥିବା ଆକ୍ରମଣ ଭୟକୁ ଏବେ ଭାରତ ସହଜରେ ମୁକାବିଲା କରିପାରିବ। ଏହାକୁ ପଶ୍ଚିମ ଓ ପୂର୍ବ ସୀମାନ୍ତରେ ପ୍ରଥମେ ମୁତୟନ କରାଯିବ ବୋଲି ସୂଚନା ମିଳେ। ଏଥିପାଇଁ ଭାରତୀୟ ପ୍ରତିରକ୍ଷା ବାହିନୀର ଅଧିକାରୀମାନେ ରୁଷିଆରେ ତାଲିମ ଗ୍ରହଣ କରିସାରିଛନ୍ତି ଏବଂ ଭାରତକୁ ଏସ-୪୦୦ କ୍ଷେପଣାସ୍ତ୍ର ଉଭୟ ଆକାଶମାର୍ଗରେ ଓ ଜଳପଥରେ ପଠାଯାଉଛି। ତେଣୁ ଚଳିତ ବର୍ଷ ଶେଷ ସୁଦ୍ଧା ଏହାର ମୁତୟନ ଭାରତକୁ ଯେତିକି ପ୍ରତିରକ୍ଷା ସକ୍ଷମ କରିବ ତା'ଠାରୁ ଅଧିକ ମାତ୍ରାରେ ସୀମା ସୁରକ୍ଷା ପାଇଁ ସହାୟକ ହେବ। ଏକପକ୍ଷରେ ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ସ୍ୱଦେଶୀ ଉତ୍ପାଦନ ବୃଦ୍ଧି ଏବଂ ଅନ୍ୟପକ୍ଷରେ ସର୍ବାଧୁନିକ ଯୁଦ୍ଧାସ୍ତ୍ର ଓ ବିମାନାଦି କ୍ରୟ ଭାରତର ନିରାପତ୍ତା ବ୍ୟବସ୍ଥାକୁ ଅଭେଦ୍ୟ ଓ ଅପରାଜେୟ କରିବାକୁ ଅବଶ୍ୟ ସକ୍ଷମ ହୋଇପାରିବ।

# ରାଷ୍ଟ୍ରୀୟ ପ୍ରଗତିର ମୂଳ ଆଧାର



ପଙ୍କଜ କୁମାର ପାଣିଗ୍ରାହୀ

କ୍ରମାନୁଗତିକ ପରିବର୍ତ୍ତନ ସହିତ ଭବିଷ୍ୟଦ୍ରଷ୍ଟା ବିଚାର ଓ କାର୍ଯ୍ୟଶୈଳୀ ଉପରେ ନିର୍ଭର ରାଷ୍ଟ୍ରର ପ୍ରଗତି !

ଅଯୌକ୍ତିକ, ଅସାମସ୍ୟ ପ୍ରବଚନ କ୍ଷିଣ ଆଶାୟୀ କରିପାରେ, କିନ୍ତୁ ବାସ୍ତବତାର ରୂପ ନେବା ଅସମ୍ଭବ!!

ପୁରାତନ ପ୍ରସ୍ତର ଯୁଗରୁ ସମୟାନୁକ୍ରମ ପରିବର୍ତ୍ତିତ ଆଜିର ଯେଉଁ ସଭ୍ୟ ସମାଜ ଦେଖିବାକୁ ମିଳୁଛି ତାହାର ବ୍ୟବସ୍ଥାପିତ ରୂପରେଖ ଉପରେ ସାଧାରଣ ମଣିଷଙ୍କ ପର୍ଯ୍ୟାପ୍ତ ଜ୍ଞାନ ନଥାଇ ମଧ୍ୟ ସବୁ ଜାଣିବାର ଅଭିନୟ କରୁଥିବା କାରଣରୁ ବହୁ ଦଶନ୍ଧି ଧରି ସୀମିତ ବର୍ଗର ଗୋଷ୍ଠୀଙ୍କ ଦ୍ୱାରା ସମଗ୍ର ସମାଜ ପରିଚାଳିତ, ପ୍ରତାରିତ ହୋଇ ଆସୁଥିବା ସମସ୍ତେ ଜାଣନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଆସ୍ଥା, ଆଗ୍ରହ ରହିନଥିବା ପ୍ରକାଶ କରନ୍ତି ଅନେକ ବ୍ୟକ୍ତି । ବାସ୍ତବରେ କେଉଁ ଜ୍ଞାନର ଅଭାବ ହେତୁ ସାମାଜିକ ଅଭାବନୀୟତା ଦେଖାଯାଉଅଛି ତାହାରି ଉପରେ ଗବେଷଣାତ୍ମକ ଆଲୋଚନା ପରିବେଷଣ ହେଉନଥିବା ହେତୁ ସାଧାରଣ ଜନତା ସଠିକ ଆକଳନ କରିବାରେ ଅସମର୍ଥ ହେଉଛନ୍ତି । ଆମ ସାମାଜିକ ବ୍ୟବସ୍ଥାର ମୂଳ ଆଧାର ଏବଂ ତାହାର ଉତ୍ତରୋତ୍ତର ବିକାଶ ବାଧିତ ହେବାର ମୁଖ୍ୟ କାରଣ ଗୁଡିକ ଉପରେ ଗୋଟିଏ ବିଶ୍ଳେଷଣାତ୍ମକ ଅନୁଶୀଳନ କରି ଦେଖିବା......

ବାଲ୍ୟ ସମୟର ସାମୁହିକ ଜ୍ଞାନ ଉପରେ ଆଧାରିତ ଶିକ୍ଷା ସମାପ୍ତି କରିବା ପରେ କିଶୋର, କିଶୋରୀଙ୍କୁ ଯେଉଁ ଧାରାରେ ଶିକ୍ଷା ଦିଆଯିବା ବ୍ୟବସ୍ଥା ଆବହମାନ କାଳରୁ ପ୍ରଚଳିତ ଅଛି ସେଥି ମଧ୍ୟରେ ମୁଖ୍ୟତଃ କଳା, ବିଜ୍ଞାନ ଓ ବାଣିଜ୍ୟ, ତିନୋଟି ଶ୍ରେଣୀଭୁକ୍ତ ପାଠ୍ୟକ୍ରମ ରହିଥାଏ । ଏହି ତିନୋଟି ଶ୍ରେଣୀର ପାଠ୍ୟକ୍ରମ କେବଳ ସାମାଜିକ ପରିଚାଳନା, ଉତ୍ତରୋତ୍ତର ପ୍ରଗତିର ପଥ ପ୍ରଦର୍ଶକ ହେଉଥିବା ବେଳେ ଭିନ୍ନ ଭିନ୍ନ ରୁଚି ରଖିଥିବା ଛାତ୍ର, ଛାତ୍ରୀ ସମ୍ପୃକ୍ତ କ୍ଷେତ୍ରରେ ପାରଦର୍ଶିତା ଲାଭ କରି ବିଭିନ୍ନ ସାମାଜିକ କ୍ଷେତ୍ରରେ ସହାୟକ ହୋଇପାରିବେ ବୋଲି ଏହି ବ୍ୟବସ୍ଥା କରାଯାଇ ଅଛି । ବ୍ୟବସ୍ଥାପିତ ଏହି ତିନୋଟି ପାଠ୍ୟକ୍ରମ ମଧ୍ୟରେ ବିଜ୍ଞାନକୁ ପ୍ରାଥମିକତା ଦିଆଯାଉଥିବା ବେଳେ ବାଣିଜ୍ୟ ଦ୍ୱିତୀୟରେ ରହି କଳାକୁ ତୃତୀୟ ସ୍ଥାନିତ କରାଯାଇ ଥିବା ବିଷୟ ସମସ୍ତଙ୍କୁ ଗୋଚର । ଏହାର କାରଣ ହେଉଛି ବିଜ୍ଞାନ ଏବଂ ବାଣିଜ୍ୟ ରାଷ୍ଟ୍ରର ପ୍ରଗତିରେ ପ୍ରାଧାନ୍ୟତା ରଖୁଥିବା ବେଳେ କଳା ପାଠ୍ୟକ୍ରମରେ ରହିଥିବା ବିଷୟ ଗୁଡିକ ସାମାଜିକ ପରିଚାଳନାରେ ବିଶେଷ ସହାୟକ ହୋଇଥାଏ । ତେଣୁ ଏହି ପାଠ୍ୟକ୍ରମ ଗୁଡିକୁ ନେଇ ଆମ ସାମାଜିକ ବ୍ୟବସ୍ଥା କେଉଁ ଦିଗରେ ପରିଚାଳିତ କରାଗଲେ ରାଷ୍ଟ୍ରର ପ୍ରକୃତ ଉନ୍ନତି ସମ୍ଭବ ହୋଇପାରିବ ଏବଂ ବର୍ତ୍ତମାନର ପ୍ରଚଳିତ ସ୍ଥିତି ଉପରେ ଦୃଷ୍ଟିପାତ କଲେ ଜାଣିହେବ ଯେ.....

ବୈଜ୍ଞାନିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟାର ପ୍ରଖରତା ଅତ୍ୟାଧୁନିକ ପ୍ରେରଣା, ସୌଖିନ ଜୀବନ ଶୈଳୀ ଦେଇ ପାରୁଥିବା କାରଣରୁ ପୃଥିବୀ ପୃଷ୍ଠରେ ମଣିଷ ଆଜି ଅତି ଉଚ୍ଚକୋଟୀର ପ୍ରାଣୀ ଭାବେ ପରିଚିତ । ଏକ ନିଷ୍କର୍ଷରୁ ସଦ୍ୟ ପ୍ରମାଣିତ ହୁଏଯେ ଆଜି ସମୟରେ ଯେତେଗୁଡ଼ିଏ ବୈଜ୍ଞାନିକ କୌଶଳ, ପଦାର୍ଥ ଏବଂ ଯନ୍ତ୍ର ସବୁ ଭାରତ ବର୍ଷରେ ବ୍ୟବହୃତ ହେଉଛି ସେଗୁଡିକ ମଧ୍ୟରୁ କୌଣସି ଗୋଟିଏ ହେଲେ ଆମ ଦେଶରେ ଉଦ୍ଭାବନ / ଅବିଷ୍କୃତ ହୋଇ ନାହିଁ ଯାହା କେବଳ ପାଶ୍ଚାତ୍ୟର ଦେୟ ମାତ୍ର ! ଅନୁରୂପ ବାଣିଜ୍ୟ କ୍ଷେତ୍ରର ଅନୁଭୂତି ଏବଂ କୌଶଳ ଗୁଡିକ ମଧ୍ୟ ପାଶ୍ଚାତ୍ୟ ଦେଶ କିମ୍ବା ସେମାନଙ୍କ ବଂଶଜ ମାନଙ୍କ ପ୍ରୟୋଗାତ୍ମକ ଅଭିଜ୍ଞତାରୁ ଉଦ୍ଧୃତ ଯାହା ଭାରତୀୟ ମାନଙ୍କ ନିଜସ୍ୱ ବିକଶିତ ଅନୁଭୂତିରୁ ଆସିନାହିଁ । କଳା କ୍ଷେତ୍ରରେ ନିର୍ଦ୍ଧାରିତ କେତେକ ପାଠ୍ୟକ୍ରମ ମଧ୍ୟରୁ କେବଳ ସାହିତ୍ୟ ଏବଂ ଇତିହାସ ବ୍ୟତୀତ ଅନ୍ୟାନ୍ୟ ପାଠ୍ୟକ୍ରମ ଗୁଡିକ ମଧ୍ୟ ସବୁ ବୈଦେଶିକ ବିଚାରଧାରାରେ ଅଭିଲିଖିତ ! ଅର୍ଥାତ କହିବାକୁ ଗଲେ କେବଳ ସାହିତ୍ୟ ଏବଂ ଇତିହାସ ବ୍ୟତୀତ ଅନ୍ୟାନ୍ୟ କୌଣସି କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ କୌଣସି ପାଠ୍ୟକ୍ରମ କିମ୍ବା ଜ୍ଞାନ ବିକାଶ ଧାରା ହେଉକି ପ୍ରୟୋଗାତ୍ମକ କୌଶଳ ଭାରତ ବର୍ଷରେ ଉଦ୍ଭାବନ / ଅବିଷ୍କୃତ ହୋଇନାହିଁ କିମ୍ବା ଆଜି ସମୟରେ ମଧ୍ୟ କରିବା ଭଳି କୌଣସି ଅନୁସନ୍ଧିତ୍ସୁ ପରିବେଶ ଦିଶୁନାହିଁ ! ଅଧିକନ୍ତୁ ମନୋରନ, ନାଟକ, ନୃତ୍ୟ, ବ୍ୟଙ୍ଗ, ପରିହାସ, ଐତିହାସିକ ଆଲୋଚନା, ସମାଲୋଚନା, ଅନ୍ଧ ଭକ୍ତି, ସାମ୍ପ୍ରଦାୟୀକତା, ଗୋଷ୍ଠବଦ୍ଧ / ଦଳୀୟ ବିଚାର, ବିଯୁକ୍ତାତ୍ମକ ଭାବଧାରା ଭଳି ଅନେକ ପରିପାର୍ଶ୍ୱିକ ଶୈକ୍ଷିକ ବିଚାରରେ ଧୁରନ୍ଧର ଆମେ ଭାରତୀୟ ବୋଲି କହିବାରେ କୌଣସି ଅଯୌକ୍ତିକତା ନାହିଁ । ଏମିତି ହେବାର ମୂଳ ବିଷୟ କେଉଁଠି ରହିଛି କେହି ଭାବନ୍ତି ନାହିଁ କି ଭାବିଲେ ମଧ୍ୟ କିଛି ବୁଝନ୍ତି ନାହିଁ । ଅଧିକନ୍ତୁ ସେହି ଭଳି କୌଣସି ବିକାଶଶୀଳ କାର୍ଯ୍ୟ କରିବା ପାଇଁ ଭାରତୀୟ ମାନଙ୍କର କ୍ଷମତା ନାହିଁ କି ଆମ ବ୍ୟବସ୍ଥା ତାହାର ପରିପନ୍ଥୀ ହେଉନାହିଁ ବିଚାର କରିବା......

ସାହିତ୍ୟକୁ ମାଧ୍ୟମ କରି ଇତିହାସ ରଚନା କରିବା ଆମ ଦେଶର ଚତୁର୍ପାର୍ଶ୍ୱରେ ଏତିକି ବିସ୍ତାରିତ ଦେଖିବାକୁ ମିଳୁଛି ଯାହା ଅନ୍ୟ କୌଣସି ଦେଶରେ ନଥିବ । ରାଷ୍ଟ୍ରୀୟ ପ୍ରଗତିର ମୂଳ ଆଧାର ବୈଜ୍ଞାନିକ ଓ ବାଣିଜ୍ୟିକ ବିକାଶର ସୁଦୃଢ଼ ଉତ୍ସ ନାହିଁ କି ପ୍ରେରଣା ନାହିଁ । ସେଗୁଡିକର ମନୋବୈଜ୍ଞାନିକ ଭାବଧାରା ସମ୍ପନ୍ନ ଭାରତୀୟ ଅନ୍ତର୍ଜ୍ଞାନୀଙ୍କ ବାସସ୍ଥଳ ବୃକ୍ଷ କୋରଡ଼, ପାହାଡ଼ ଗୁମ୍ଫାରେ ! ଇତି ମଧ୍ୟରେ ରାଜନୀତିର ମୂଳ ମନ୍ତ୍ର ଜାଣିନଥିବା ଅଶିକ୍ଷା, ଅଜ୍ଞାନର ଚରମ ଶୀର୍ଷରେ ରହିଥିବା ଅସାମାଜିକ, ଅମାନବୀୟ କାର୍ଯ୍ୟରେ ଲିପ୍ତ ଅଧିକାଂଶ ରାଜନୈତିକ ନେତାଙ୍କ ଦୌରାତ୍ମ୍ୟ ବିଷୟ କହିବା ଆବଶ୍ୟକ ନାହିଁ ! ସବୁବେଳେ ଇତିହାସ ତଥା ପୂର୍ବ ଘଟଣାବଳୀକୁ ଦୋହରାଉଥିବା ଅଜ୍ଞାନ ରାଜନେତା ମାନେହିଁ ଆମ ଦେଶକୁ ଶାସନ କରି ଆସୁଥିବା କାହାକୁ ଅଗୋଚର ?! କେବଳ ପୂର୍ବର ଅଭାବନୀୟତାକୁ ପୃଷ୍ଠପୋଷକ କରୁଥିବା ମଣିଷର ଅଭିବୃଦ୍ଧି ଉପରେ କୌଣସି ଦୃଷ୍ଟାନ୍ତମୂଳକ ପ୍ରଗତି ପରିବର୍ତ୍ତେ ଦୁର୍ଗତି ଅନିବାର୍ଯ୍ୟ ହୁଏ ଯାହା ଭବିଷ୍ୟତରେ ପୁଣି ଆଉ କାହାଦ୍ୱାରା ଚର୍ଚ୍ଚା, ସମାଲୋଚନାର ପରିସରଭୁକ୍ତ ହୋଇଥାଏ ଆମ ଦେଶରେ, ଯାହା ସବୁ ଦେଖି, ଶୁଣି ଆମର ଦେହସୁହା ହୋଇଗଲାଣି । ଶାସନ ବ୍ୟବସ୍ଥାରେ ରହି ଆସୁଥିବା କୌଣସି ରାଜନେତା ପୂର୍ବ ଶାସନ ପ୍ରଣାଳୀକୁ ପ୍ରଶଂସା କରିବା ଆମେ ଆଜି ପର୍ଯ୍ୟନ୍ତ ଶୁଣିନଥିବା ନିଶ୍ଚିତ ପ୍ରମାଣିତ କରୁଛିକି ଆମେ ଯାହାଙ୍କୁ ଦେଶ ଶାସନ ଭାର ଦେଇ ଆସୁଅଛେ ସେମାନେ ସମସ୍ତେ କେବଳ ନିଜସ୍ୱ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଟିଏ ନା'ର ଭିନ୍ନ ନାଉରୀ ଭଳି କାର୍ଯ୍ୟ ନିର୍ବାହ କରୁଥିବା ବେଳେ ସାଧାରଣ ଲୋକଙ୍କୁ ବ୍ୟାପକ ଅଭାବନୀୟତା ମଧ୍ୟରେ ପରିଚାଳିତ କରି ଆସୁଥିବା କଥା କିଏ ନଜାଣେ ?! ପ୍ରେତ୍ୟେକ ଥର ଆମେ ଆଶାୟୀ ରହିଥାଉ କି ଏହି ଥରର ଶାସକ ଦଳ କିଛି ସୁଧାର କରିବେ । କିନ୍ତୁ ପୁନର୍ବାର ସେହି ବିପରୀତ ଆଲୋଚନା, ସମାଲୋଚନା ଛଡା କିଛି ହେଉନାହିଁ । ଏହା ଜ୍ୱଳନ୍ତ ଅନୁଭୂତି କହୁଛିକି ନିଶ୍ଚିତ ଭାବେ ଆମେ ଏକ ଅସଭ୍ୟ, ହିଂସାତ୍ମକ ସମାଜରେ ବଂଚୁଛେ କେବଳ ବିଶ୍ୱାସରେ ବିଷ ପିଇ ! ଚତୁର, ଚାଟୁକାର ପ୍ରଶଂସା କରି ନିଜର ସ୍ୱାର୍ଥ ହାସଲ କରୁଥିବା ବେଳେ ନିର୍ବୋଧ, ଅଜ୍ଞାନ ସେଗୁଡିକୁ ଶୁଣି ନିଜକୁ ପରୋକ୍ଷରେ ପ୍ରତାରିତ କରିଥାନ୍ତି, ଏହା ଆମ ଦେଶର ଏକ ପାରମ୍ପରିକ ଶିକ୍ଷଣୀୟତାରେ ପରିଣତ ନୀତି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ସାଧାରଣ ଲୋକଙ୍କୁ ଅଜ୍ଞାନ କରି ରଖି ବିଭାଜନ ଏବଂ ଶାସନ- ଡିଭାଇଡ ଏଣ୍ଡ ରୁଲ ବ୍ରିଟିଶ ନୀତି ଅଦ୍ୟାବଧି ବଳବତ୍ତର ରହି ଦିନକୁ ଦିନ ଅଧିକରୁ ଅଧିକ ଘନୀଭୂତ ହେଉଥିବା ପ୍ରକାଶ କରନ୍ତି ବିଜ୍ଞ, ବିଶ୍ଳେଷକ !

କହିବାକୁ ଗଲେ ପାଶ୍ଚାତ୍ୟର ରାଜନୀତି ବିଜ୍ଞାନ, ଆଇନ, କାନୁନରେ ଯୋଡ଼ିଦେଇ ତାକୁ ଯଥେଷ୍ଟ ବିକୃତ କରି ରାଜଅନୀତିରେ ପରିଣତ କରି ଚାଲିଥିବା ବ୍ୟବସ୍ଥା ବିଷୟରେ ସାଧାରଣ ଲୋକେ ସମ୍ପୂର୍ଣ୍ଣ ଅସଚେତନ! ତେଣୁ ଏହି ଇତିହାସ ଏବଂ ରାଜଅନୀତିର ପ୍ରଖରତାର ପାରିପାର୍ଶ୍ୱିକ ପରିବେଶ ମଧ୍ୟରେ ଦିନରୁ ରାତି ପର୍ଯ୍ୟନ୍ତ ନିବିଡ଼ତା ରଖୁଥିବା ଭାରତୀୟ ଆମ ପିଢ଼ିକୁ ପିଢ଼ି ଏକ ପ୍ରକାର ଜନ୍ମଗତ ଚରିତ୍ର ପ୍ରବାହ କରି ତା'କୁ ହିଁ ସର୍ବେସର୍ବା ମନେ କରୁଥିବା ଆମ ରାଷ୍ଟ୍ରର ବିକାଶ ଯେମିତି ହେବା କଥା ହେଉଛି ଯାହା ଆମେ ଦେଖୁଛେ ! ଇତିହାସକୁ ପ୍ରତ୍ୟେକ ସମୟରେ ଦୋହରାଉଥିବା ମଣିଷ କେବେହେଲେ ଭବିଷ୍ୟ ଦ୍ରଷ୍ଟା ହୋଇ ପାରିବେ ନାହିଁ! ପଛକୁ ଚାହିଁ ପଥ ଅତିକ୍ରମ କରୁଥିବା ପଥିକର ପଥ ସବୁବେଳେ କଣ୍ଟକିତ, କାରଣ ଆଗ ରାସ୍ତା ପରିଷ୍କାର କରିବା କ୍ଷମତାକୁ ସଂକୁଚିତ କରିଥାଏ ପୂର୍ବ ନୁଭବର କରାଳତା । ସାଧାରଣ ଲୋକଙ୍କ ପାଇଁ ନିର୍ଦ୍ଧାରିତ ସାମାଜିକ ନୀତିକୁ ବ୍ୟାପକ, ସାର୍ବଜନୀନ ନକରି ସ୍ୱେଚ୍ଛାକୃତ କାର୍ଯ୍ୟଧାରା ଚଳାଉଥିବା ରାଜନେତାଙ୍କ ଦ୍ୱାରା ପରିଚାଳିତ ସମାଜ କେବେହେଲେ ବିକଶିତ ହୋଇପାରିବ ନାହିଁ । ତେଣୁ ଉପସ୍ଥିତ ସମୟର ବ୍ୟବହୃତ ଏହି ଦୁଇଟି ବିଷୟ ମଧ୍ୟ ସାମାଜିକ ଉନ୍ନତି ଦିଗରେ କାର୍ଯ୍ୟ ନକରି କେବଳ କ୍ଷୀଣତା ଆଡକୁ ପ୍ରବାହିତ କରୁଥିବା ସାଧାରଣରେ କେହି ଜାଣି ପାରୁନାହାଁନ୍ତି ଯାହା ଆସନ୍ତା ଭବିଷ୍ୟତରେ ପୁଣି ଆଉ କାହାଦ୍ୱାରା ଚର୍ଚ୍ଚିତ, ସମାଲୋଚିତ ହେବ । ଅଧିକନ୍ତୁ ଶିଥିଳ ଯୁକ୍ତାତ୍ମକ ମସ୍ତିଷ୍କ ଯୁକ୍ତ ମଣିଷକୁ ଅହରହ ଅଶାନ୍ତି, ଅସ୍ଥିରତା ପ୍ରବଣ କରି ରଖିବାରେ ଯଥେଷ୍ଟ ସହାୟକ ହେଉଥିବା ଏହି ଅମାନୁଷିକ ବିଚାରଧାରା ଜନିତ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ଆଜି ସମୟରେ ଦେଖିବାକୁ ମିଳୁଛି ଆମ ଦେଶ ବ୍ୟାପି ।

କହିବାକୁ ଗଲେ ଆଜି ସମୟରେ ସମଗ୍ର ଭାରତ ବର୍ଷର ସାଧାରଣ ମଣିଷ ମାନଙ୍କ ମନରେ ତୃତୀୟ ସ୍ତରରେ ରହିଥିବା କେବଳ ଐତିହାସିକ ଏବଂ ରାଜନୈତିକ ଚିନ୍ତାଧାରା ବ୍ୟତୀତ କୌଣସି ଅଗ୍ରଗାମୀ ବାଣିଜ୍ୟିକ, ବୈଜ୍ଞାନିକ ଭବିଷ୍ୟ ଦ୍ରଷ୍ଟା ଉପାଖ୍ୟାନ ସଂଚରିତ ହଉନାହିଁ । ପିଢ଼ିକୁ ପିଢ଼ି ଏହି ଭାବଧାରରେ ନିମଗ୍ନ ଆମର ବଂଶଜ ସମୂହ କେବଳ ସେହି ଦିଗରେ ହିଁ ନିମଜ୍ଜିତ ରହିଥା'ନ୍ତି । ନିଜସ୍ୱ କ୍ଷମତା ବହିର୍ଭୂତ ବିଦେଶୀ ପାଠ୍ୟକ୍ରମ ଗୁଡିକୁ ମୁଖସ୍ତ କରି କୌଣସି ସାମାଜିକ କ୍ଷେତ୍ରରେ ନିୟୋଜିତ ରୋଜଗାର ପନ୍ଥା ସହିତ କ୍ଷଣସ୍ଥାୟୀ ସାମାଜିକ ମାନ୍ୟତା ଏବଂ ଅଜସ୍ର ଅହଂଭାବର ଅପୂର୍ବ ସମ୍ଭାରରେ ବିଭୂଷିତ ଭାରତୀୟଙ୍କ ବିକାଶ କେବଳ ଆକାଶର ନକ୍ଷତ୍ର ସଦୃଶ୍ୟ ଦଣ୍ଡାୟମାନ ! ମଧ୍ୟବିତ୍ତ ପରିବାରଙ୍କ ଏହି ଭାବଧାରା ସାମାଜିକ ନିମ୍ନ ସ୍ତରର ନିର୍ବୋଧ ଅଶିକ୍ଷିତଙ୍କ ପାଇଁ ପ୍ରେରଣା ଯୋଗାଉଥିବା ବେଳେ ରାଜଅନୈତିକ ନେତାଙ୍କ ଆକର୍ଷଣୀୟ ଉପହାରରେ ବିମଣ୍ଡିତ ଗରିବ, ଦଳିତଙ୍କ ବିଚାରଧାରାର ବିଶ୍ଳେଷଣ କଲେ ଥିବା ମସ୍ତିଷ୍କଟି ଶୂନ୍ୟ ହୋଇଯିବ । କୌଣସି ବାସ୍ତବବାଦୀ ବିକାଶଶୀଳ କାର୍ଯ୍ୟରେ ସୁଯୋଗ ସୃଷ୍ଟି କରିବା, ପ୍ରେରଣା ଦେବା ବଦଳରେ ତାହାର ବିପରୀତେ କେବଳ ଅମାନବୀୟ, ଅସାମସ୍ୟ, ବିଗତ ଘଟଣାବଳୀର ଅଭାବନୀୟ ବିଚାରଧାରା ଗୁଡିଏ ବିଭିନ୍ନ ମାଧ୍ୟମରେ ପ୍ରଚାରିତ, ପ୍ରସାରିତ କରି ଅଲୌକିକ, ମିଥ୍ୟା ସଂଭାଷଣରେ ଲୋକଙ୍କ ବିକଶିତ ମସ୍ତିଷ୍କର କ୍ଷମତା, ଦକ୍ଷତାକୁ ସଂକୁଚିତ କରି ଚାଲିଥିବା ବଂଶାନୁକ୍ରମିକ ରାଜଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ନର ରାକ୍ଷସ ଗୁଡିକୁ ସାଧାରଣ ଜନତା ବର୍ଜନ ନକରିବା ପର୍ଯ୍ୟନ୍ତ ଆମେ କ୍ରୀତଦାସ ଅବସ୍ଥାକୁ ଗତି କରୁଥିବା ଦିଗରୁ ତ୍ରାହି ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି କ'ଣ.....??

♥ସୋସିଆଲ ଫୋରମ
(ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୩୨୪୯୧୭

# ମାସ ମଧ୍ୟେ ଶ୍ରେଷ୍ଠ କାର୍ତ୍ତିକ



ଶିବ ପ୍ରସାଦ ବାହିନୀପତି

ବର୍ଷକ ବାରମାସ ଓ ଛ ଋତୁ ; ତନ୍ମଧ୍ୟରୁ କାର୍ତ୍ତିକ ଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ । ସ୍କନ୍ଦ ପୁରାଣରେ କୁହାଯାଇଛି ଯେ ,

'ମାସାନାଂ କାର୍ତ୍ତିକ ଶ୍ରେଷ୍ଠ ଦେବାନାଂ ମଧୁସୁଦନଃ । ତୀର୍ଥନାରାୟଣକ୍ଷାମ୍ହି ତ୍ରିତୟମଦୁର୍ଲଭମ୍ କଲୌ ।

ନାକାର୍ତ୍ତିକ ସମଃମାସୋ ନକୃତେନ ସମଃଯୁଗମ୍ । ନା ବେଦ ସଦୃଶ ଶାସ୍ତ୍ରମ୍ ନା ତୀର୍ଥ ଗଙ୍ଗା ସମମ୍ ।।'

ଅର୍ଥାତ ମାସ ମଧ୍ୟେ କାର୍ତ୍ତିକ , ଦେବତାଙ୍କ ମଧ୍ୟେ ମଧୁସୁଦନ , ତୀର୍ଥ ସମୂହ ମଧ୍ୟେ ନାରାୟଣ ତୀର୍ଥ ବା ବଦ୍ରିକା ତୀର୍ଥ ଶ୍ରେଷ୍ଠ ଅଟେ । କାର୍ତ୍ତିକ ସମାନ ମାସ ନାହିଁ , ସତ୍ୟଯୁଗ ପରି ଯୁଗ ନାହିଁ , ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗା ପରି ତୀର୍ଥ ନାହିଁ । କୃତ୍ତିକା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣମା ପଡୁଥିବା ଚାନ୍ଦ୍ରମାସ ହେଉଛି କାର୍ତ୍ତିକ । ନାରଦୀୟ ପୁରାଣ ବି କାର୍ତ୍ତିକ ମାସକୁ ଶ୍ରେଷ୍ଠ ମାସ ବୋଲି ବିବେଚନା କରିଛି । କାର୍ତ୍ତିକ ହେଉଛି ଧର୍ମର ମାସ , ତେଣୁ ଗ୍ରାମରୁ ସହର ସମସ୍ତେ ନିଷ୍ଠାର ସହ ପାଳନ ବିଧି ଆଚରନ୍ତି । କେହି ଯଦି ମାସ ଗୋଟାକ ନ ପାଳିପାରେ ତେବେ ପଞ୍ଚୁକ ପାଞ୍ଚଦିନ ପାଳନ୍ତି । ଏ ସମୟରେ ପଡ଼େ ଦୀପାବଳି , ବୋଇତ ବନ୍ଦାଣ , ରାଧା ଦାମୋଦର ପୂଜା , ବଡ଼ଓଷା , ବାଲୁଙ୍କା ପୂଜା ଆଦି ପର୍ବାଣୀ । କାର୍ତ୍ତିକ ମାସର ଶୁକ୍ଳ ଏକାଦଶୀରୁ ପୂର୍ଣ୍ଣିମା ଯାଏଁ (ପଞ୍ଚୁକ ପାଞ୍ଚଦିନ)କୁ ଭୀଷ୍ମ ପଞ୍ଚକ , ବକ ପଞ୍ଚକ, ମହାପଞ୍ଚକ ଆଦି ନାମରେ ନାମିତ ହୋଇଥାଏ । ଏ ମାସଟି ସ୍ୱୟଂ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ ମାସ । କାର୍ତ୍ତିକ ପୂର୍ଣ୍ଣମୀରେ ଭଗବାନ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ ପୂର୍ବକ ପୃଥିବୀର ରକ୍ଷାକର୍ତ୍ତା ସାଜିଥିଲେ ବୋଲି ପୁରାଣ ଶାସ୍ତ୍ରର ମତାମତ ରହିଛି ।

ଏ ମାସ ଅତ୍ୟନ୍ତ ଧର୍ମୀୟ ମାସ; ମାସ ସାରା ଦୀପଦାନ ଚାଲେ ଏବଂ ତୁଳୀ ଅର୍ଚ୍ଚନା ଏ ମାସର ଅନ୍ୟତମ ବୈଶିଷ୍ଟ୍ୟ । ହବିଷ୍ୟାଳୀ ମାନଙ୍କର ମାସ ସାରା ହବିଷ୍ୟ ବ୍ୟଞ୍ଜନ ଭୋଜନ ଏବଂ ହରିନାମ କୀର୍ତ୍ତନ । କାର୍ତ୍ତିକ ପୂର୍ଣ୍ଣମୀ ପ୍ରାତଃରେ ବୋଇତ ବନ୍ଦାଣ ବେଳେ କୁହାଯାଏ ଯେ -

'ଆ କା ମା ବୈ
ପାନ ଗୁଆ ଥୋଇ ;
ପାନ ଗୁଆ ତୋର
ମାସକ ଧରମ ମୋର ।'

ବୈଶାଖ , ଆଶାଢ଼ , କାର୍ତ୍ତିକ ଓ ମାଘ ଅତି ପବିତ୍ର ଓ ଧର୍ମର ମା; ଏଥି ମଧ୍ୟରେ କାର୍ତ୍ତିକ ଶ୍ରେଷ୍ଠ । ଏହି ମସରୁ ଦେବ ତତ୍ତ୍ୱ ସୁଦୃଢ଼ ହୋଇଥାଏ ଓ ତୁଳସୀ ରୋପଣ ଓ ବିବାହ ସର୍ବୋତ୍ତମ ହୋଇଥାଏ । ଶାସ୍ତ୍ର କହେ ଏ ମାସରେ ଦାନ କରିବା ମହାପୁଣ୍ୟ ଏବଂ ଦୀପଦାନ କଲେ ଅକ୍ଷୟ ଶୁଭ ଫଳ ପ୍ରାପ୍ତ ହୁଏ । କାର୍ତ୍ତିକ ମାସରୁ ସ୍ନିଗ୍ଧ ଜିନିଷ ଏବଂ ଡ୍ରାଇ ଫ୍ରୁଟ୍ସ୍ ଖାଇବାକୁ ପରମର୍ଶ ଅଛି । ଗରମ ତଥା ଦୀର୍ଘ ସମୟ ଯାଏଁ ଶକ୍ତି ବଜାୟ ରଖି ପାରୁଥିବା ଜିନିଷ ଭୋଜନ କରିବା ଉଚିତ ; କିନ୍ତୁ ଏ ମାସରେ ଡାଲି ଖାଇବା ପାଇଁ ବାରଣ ଅଛି ଏବଂ ମଧ୍ୟାହ୍ନରେ ନିଦ୍ରା ନଯିବାକୁ କୁହାଯାଇଛି। ସୂର୍ଯ୍ୟ କିରଣରେ ସ୍ନାନକୁ ଏହି ମାସରେ ଉତ୍ତମ ବିବେଚିତ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ନିର୍ଜନ ରାତିର ନାୟିକା-୫୩



ଶରତ କୁମାର ଦାସ

ବୋଧହୁଏ କାଲି କଥା ଭିନ୍ନ ଥିଲା
ଭିନ୍ନ ଥିଲା ମୋ ଭାଷା ଓ ପରିଚୟ
ଆଉ ଭାବନାର ନଭଶ୍ଚୁମ୍ବୀ ଉତ୍ସ ।

ପବନକୁ ଭେଦିବାର
ଅନ୍ଧାରକୁ ଅତିକ୍ରମ କରିବାର
ଅସୀମ ସାହସ ଲହଡିଭାଙ୍ଗୁଥିଲା
ମୋ ସକଳ ସତ୍ତାରେ।

ସାତ ସମୁଦ୍ର ତେର ନଈ ଲଂଘିବାର
ଶକ୍ତି ବି ଥିଲା ଅଫୁରନ୍ତ
ଅନ୍ୱେଷଣର ଘନଘଟା ଯୁଦ୍ଧ ଭିତରେ
ସମ୍ଭାବନାଟିଏ ସ୍ୱତଃ ଗଜୁରି ଉଠୁଥିଲା।

ଇଚ୍ଛାଟିଏ ବି ଥିଲା ଘରଟିଏ ତୋଳିବାକୁ
ଲବଙ୍ଗଦ୍ୱୀପରେ
ଜହ୍ନ ସାଥେ ଖେଳିବାକୁ
ପୁନେଇ ରାତିରେ
ଅସରନ୍ତି ତାରାଭର୍ତ୍ତି ଆକାଶ ସହ
କଥା ହେବାକୁ ନିତି ନିରୋଳାରେ।

କାଲିଯାଏ ନାୟକ ମୁଁ ଥିଲି ତମ ଆଖିରେ
ବସା ବାନ୍ଧିଥିବା ଅଯୁତ ସ୍ୱପ୍ନର
ଈଶ୍ୱର ମୁଁ ଥିଲି ତମ ଈପ୍ସିତ ଅର୍ଘ୍ୟର
ପୁଣ୍ୟର ମହାର୍ଘ ସକାଳ ବି ଥିଲି
ତମ ଚିର ଆକାଂକ୍ଷିତ ମଧୁଯାମିନୀର ।

ତମ ବିଶ୍ୱାସର ଶିକୁଳିରେ ବନ୍ଧାପଡିଥିଲା
ମୋ ଆପାଦମସ୍ତକ
ତମ ପ୍ରୀତି ପ୍ରଣୟର ଉତ୍ତାଳ ଢେଉରେ
ମୁଁ ବୁଡୁଥିଲି କାହିଁ କେତେ ବାର ।

କାହାକୁ ଅବିଶ୍ୱାସ କରିବି ମୁଁ ଏବେ
ସମୟକୁ ନା ସମ୍ପର୍କକୁ....... ?
ନା ତମ ଦେବୀତ୍ୱର ଖୋଳପା ଭିତରେ
ଲୁଚି ରହି ଅଟ୍ଟହାସ୍ୟ କରୁଥିବା
ଛଳନାର ଚିତ୍ରିତ ମୂର୍ତ୍ତିକୁ.... ?

ଦେବତ୍ୱର ସନ୍ଧାନରେ
ହାରିଛ କି ଜିତିଛ ତମେ ଜାଣିନି ମୁଁ ଜମା
କେତେବାଟ ଚାଲିଛ କି ଥକିଛ
ଅଜଣା ଆଜି ବି ମୋତେ ।

ମୁଁ କିନ୍ତୁ ପରାହତ ଆଶା ନେଇ
ଜୀଇଁବାର ଲୁଚକାଳି ଖେଳୁଥିବି
ଲେଖିଦେଇ ଯନ୍ତ୍ରଣାର ଇସ୍ତାହାର
ଜୀବନର ଖୋଲା କାଗଜରେ ।

ହସୁଥିବି ନିର୍ଜନଦ୍ୱୀପରେ ଠୋ..ଠୋ...
ଅକ୍ଳେଶରେ ଉତ୍ସର୍ଗ କରିଦେଇ
ମୋ ଆୟୁଷର ଅବଶିଷ୍ଟ ଫର୍ଦ୍ଦ
ତମ ପାଇଁ ବିନା ସର୍ତ୍ତେ ଏକା ଏକା
କେବଳ ଏ ଜନ୍ମରେ ନୁହେଁ,
ବରଂ, ଜନ୍ମ ଜନ୍ମାନ୍ତରେ ।

♥ ବଡବିଲ ମହାବିଦ୍ୟାଳୟ,
ବଡବିଲ,କେନ୍ଦୁଝର
ମୋ-୮୨୪୯୧୩୭୦୯୧



## ସାଥୀ

ସଞ୍ଜୟ କୁମାର



ମୋ ଜୀବନ ତୁହି ମୋ ସପନ ତୁହି
ଚିର ସାଥି ଟିଏ ହୋଇ
ଦିନ ଅବା ରାତି ବର୍ଷ ଅବା ମାସ
ମୋ ହୃଦୟେ ଥାଅ ରହି।

ହୃଦୟ ଅଂଚଳେ ପ୍ରୀତି ମନ୍ଦାକିନି
ବହୁ ଚିରସ୍ରୋତା ହୋଇ
ଅନ୍ତର ଆତ୍ମାକୁ ପ୍ରଫୁଲ୍ଲିତ କରୁ
ଆତ୍ମିକ ଆବେଗ ଦେଇ।

ଆଷାଢ଼ର ଧାରା ହୋଇ ବରଷୁତୁ
ମୋ ଜୀବନ ପୃଷ୍ଠ ଦେଶେ
ଯେତେସବୁ ଦୁଃଖ ଯେତେଅବଶୋଷ
ଦୁରେ ତୋ ଶୀତଳ ସ୍ପର୍ଶେ।

ଜୀବନ ପଥେ ତୁ ପଥ ପ୍ରଦର୍ଶକ
ଭରି ଦେଉ ମନେ ଶାନ୍ତି
ତୁହି ଥିଲେ ପାଶେ ଜୀବନେ ମୋହର
ମହକେ ମଧୁର ପ୍ରୀତି।

♥ ବରୀ, ଯାଜପୁର,
(ମୋ)୯୪୩୭୮୪୧୭୯୫

## ପ୍ରତିଦାନ

ଆଦ୍ୟାଶା ମହାପାତ୍ର



ସ୍ନେହ କିମ୍ବା ଘୃଣା
ପ୍ରୀତି ଅବା ପ୍ରତାରଣା
ଯାଚିଦେବା ନିଜ ଅଧିକାର
ଭଲ କିମ୍ବା ମନ୍ଦ
ପାପ ଅବା ପୂଣ୍ୟ
ସାଉଁଟିବା ନିଷ୍ପତ୍ତି ତୁମର
କିଛି ନାହିଁ ବୋଲି
କୁହ ନାହିଁ ତୁମେ
ଦି' ବୁନ୍ଦା ରକ୍ତ ଢାଳିଦିଅ
ଲୋଡ଼ୁଥିବା ନିସ୍ତେଜ ଦେହରେ
ଦେଖ....
ଅଳ୍ପ ଚେଷ୍ଟାରେ ବି
ତୁମେ ଭେଟି ଦେଇପାର
କାହାର ବଳକା ଆୟୁଷ
ଶୁଖିଲା ଓଠରେ ଫୁଟାଇପାର
ଆଞ୍ଜୁଳାଏ ହସ
ଅନୁଭବ କରିବ
ତୁମ ଉଦାରତାର ପ୍ରତିଦାନରେ
ସ୍ନେହ ଓ ସଦିଚ୍ଛାର ଶିହରଣଟିଏ
ସଞ୍ଚରିଯିବ ଦେହ ଓ ମନରେ...!!!

♥ ନୂଆପଡା, କଟକ





## ଭଲ ପାଏ ବୋଲି

ସୁଦର୍ଶନ ମହାପାତ୍ର

ମନ ମନ୍ଦିରରେ ଦୀପଟିଏ ଜାଳି
କେତେ ରାତି ଅଛି ଉଜାଗର
କଥା ଦେଇ ତୁମେ ଫେରିଲନି ବୋଲି
ସହୁଛି ଯନ୍ତ୍ରଣା ନିଦାଘର ।

ଘାତ ପ୍ରତିଘାତେ ହୋଇନି ବିଚ୍ୟୁତ
ପ୍ରତୀକ୍ଷା ମୁହୂର୍ତ୍ତେ ପ୍ରୀତିଲଗ୍ନ
ସମୟ ଛାତିରେ ତଥାପି ସାଇତା
ଭଗ୍ନ ହୃଦୟର ଶେଷ ଚିହ୍ନ ।

ଅସମାପ୍ତ ଏଇ ଚାଲିବାର ପଥେ
ତୁମରି ସାନ୍ନିଧ ଲୋଡୁଥାଇ
ଅସହ୍ୟ ଲାଗିଲେ ବିରହର ଜ୍ୱାଳା
ଝରିଯାଏ ଆପେ ଲୁହ ହୋଇ ।

ତୁମେ ନାହଁ ବୋଲି ଜଳୁଛି ପରାଣ
ମନରେ ନାହିଁ ମୋ ଆବିଳତା
ଜଳିପାରେ ଯିଏ ସେହି ଏକା ଜାଣେ
ଜ୍ୱଳନରେ କେତେ ମାଦକତା ।

ସ୍ନିଗ୍ଧ ସୁମଧୁର ପ୍ରେମରୁ ସାଉଁଟେ
ଯେତେ ସବୁ ମିଠା ସଉରଭ
ଜିଇଥିବା ଯାଏ ପ୍ରେମ ଅମଳିନ
ମୁଗ୍ଧ ମନୋହର ଅନୁଭବ ।

ଆଶା ଆକାଶରେ ଇନ୍ଦ୍ରଧନୁ ଆଙ୍କି
ଭିଜେ ନିତି ପ୍ରୀତି ପୁଲକରେ
ନିରାଜନା କରେ ଶାଶ୍ୱତ ପ୍ରେମକୁ
ସାଇତିଛି ଯାହା ହୃଦୟରେ ।

♥କୁଞ୍ଜବିହାରୀ ଲେନ, କଟକ

## ବୀଭତ୍ସ
### ଆନନ୍ଦ କୁମାର ମାଇତି



ମୁଁ ତ ଭୁଲି ପାରୁନି ତୁମ ଅନୁଗତ୍ୟକୁ
ଯେବେ ଯେବେ ମୋ ଅପହଞ୍ଚ ଇଲାକାରେ
ତମେ ତୁମ ପଦ ଚିହ୍ନ ଆଙ୍କିଛ
ତତ୍‌କ୍ଷଣାତ ରକତ ଝରାଇଛି
ବିଭକ୍ତ ଭାରତ।
ସେ ଆହତ ହୋଇଛି ତୁମ ଭୂମିଷ୍ଠ ସୁବାଶରେ
ତମେ ଭୁଲି ଯାଇଛ ତାର
ସେଇ ଦଳିତ ହୃଦୟକୁ
ଯେଉଁ କଳିଯାରେ ବମ୍ ଫୁଟିଛି
ରକେଟ ବିଦ୍ଧ ହୋଇଛି,
ଯେଉଁ ହୃଦୟକୁ ଖିନ୍ ଭିନ୍ କରି
କାଢି ନିଆ ଯାଇଛି ହୃଦୟରୁ ନିଶ୍ୱାସକୁ
ଏମିତି ଯେ ତାର ଦୁଃଖ
ଆଖିର ବାରି ଧାରା ନଭିରେ ସଂଗଠିତ
ସେଠି ବି ଘଟିଛି ବିଭତ୍ସ
ଧର୍ଷିତା ହୋଇଛି ହୋଇଛି କୋମଳ ଟଗର
ଗଣ୍ଡା ପରେ ଗଣ୍ଡା।
ତୁମର ସେଇ ଦୁଇ ହାତ ଏବେବି ସୁଠାମ
କେତେବେଳେ ଯେ ଗିଳି ଖାଉଛ କାହାକୁ
କାହାକୁ ଜଣା ନାହିଁ
ଅଥଚ ସଭିଏଁ ଭଲ ପାଉଛି
କଳା କଳା ପାଷାଣ ମୂର୍ତ୍ତିକୁ
ସଭ୍ୟ ଉଦ୍ୟାନ ଆଜି ମଳିନ
ଯାହାର ନାହିଁ ବାକ୍ ଶକ୍ତି କି ଦୃଷ୍ଟି।
ସଭିଏଁ ଭୁଲିଛି ସଭ୍ୟତାର କଣ୍ଠସ୍ୱର ଆଉ
ଆନନ୍ଦିତ ସେଇ ଧ୍ୱନି।
ସଭିଏଁ କେମିତି ବିଭତ୍ସ ଶୃଙ୍ଖଳରେ
ବନ୍ଦୀ ହୋଇଛି
ତଥାବି କେହି ସଭ୍ୟତାର ଅସ୍ପଷ୍ଟ ସ୍ମୃତିରେ
ଭୋର୍‌ର ଦାମରା କାଉଟେ
ପରି ଚିତ୍କାର କରୁଛି
କେବଳ କିଛି ଜଖମର ଯନ୍ତ୍ରଣାକୁ ସାଥିକରି।

♥ ଏରସମା, ଜଗତସିଂହପୁର
(ମୋ)୯୪୩୯୦୭୭୩୯୫

## ଇଚ୍ଛା ହୁଏ
### ପ୍ରଶାନ୍ତ କୁମାର ନାଥ



ଇଚ୍ଛା ହୁଏ ମୋର ତୁମ ଭେନିଟିରେ
ଆଇନାଟେ ହେବା ପାଇଁ
ସଜେଇ ହୁଅନ୍ତ କେତେ ସରାଗରେ
ମୋତେ ଥରେ ତୁମେ ଚାହିଁ।

ଇଚ୍ଛାହୁଏ ମୋର ତୁମରି ପାଦରେ
ହାଇ ହିଲ୍ ସାଜିବାକୁ
ନରମ ନରମ ତୁମରି ପାଦର
ସ୍ପର୍ଶ ଟିକେ ପାଇବାକୁ।

ଇଚ୍ଛାହୁଏ ମୋର କଣ୍ଢ ଚାମଚଟେ
ସାଜନ୍ତିକି ତୁମ ପାଇଁ
ନରମ ନରମ ଗୋଲାପୀ ଓଠରେ
ଦେଉଥାନ୍ତ ମୋତେ ଛୁଇଁ।

ଇଚ୍ଛାହୁଏ ମୋର ତୁମରି ଆଖିରେ
ଲୁହ ବୁନ୍ଦେ ହେବା ପାଇଁ
ଝରିବା ଆଗରୁ ଗାଲକୁ ତୁମରି
ଆସନ୍ତି ଥରୁଟେ ଛୁଇଁ।

♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର।
(ମୋ)୦୮୮୯୨୩୦୧୧୪୩

## ଅଧିକାର
### ସୁବ୍ରତ କୁମାର ଜେନା



କଣ ଭୁଲ୍ ଥିଲା ସେ ବଣି ଛୁଆର ?
ବିରୋଧ କରିବାର
ଅଧିକାର ନଥିଲା ବୋଲି,
ନା ସ୍ନେହୀ କାଙ୍ଗାଳ ହୋଇ
ଭରସିଥିଲା ମଣିଷକୁ,
ନା ହୋଇଯାଇଥିଲା କ୍ଷଣିକ ଲାଗି ଅନ୍ଧ,
ଭଲ ଖାଦ୍ୟ ଲାଳନ ପାଳନର ମୋହରେ,
କେତେ ସହଜରେ ସମର୍ପିଦେଲା ନିଜକୁ
ମଣିଷ ହାତରେ।

ଏକାନ୍ତରେ ବିଚାର ବିମର୍ଷର ଢେର ସମୟ,
କେବେ କେବେ ଚେଷ୍ଟା କରେ
ମନରଖିବାକୁ,
ଅଧା ଅଧା ଗାଇବାକୁ ସାରୀ ପରି,
ବାରମ୍ବାର ଚେଷ୍ଟାପରେ ସୁଖର ବଦଳେ
ଦୁଃଖରେ ଡାକେ ପଦେ ଅଧେ,
ସୀତା -ରାମ....ସୀତା- ରାମ,
ଆଗ ଭଳି ଆଉ ଭଲ ଲାଗୁନି ତାକୁ
ଆଜିକାଲି,
ପ୍ରତି ମୁହୂର୍ତ୍ତରେ ଚରିତ୍ର ପରିବର୍ତ୍ତନ
କରୁଥିବା ମଣିଷ,
ଯୋଉଠି ମଣିଷ ମଣିଷର ନୁହେଁ,
ସେଠି ଜାଣି ଜାଣି କାହିଁ ପଶିଗଲା ଜଳନ୍ତା
ଅଗ୍ନିର ଶିଖାରେ।

ପ୍ରତିବାଦର ସ୍ୱରବି ନିଆରା !
ନିଜ ସ୍ୱାର୍ଥଲାଗି କିଏ ଦେଶ ବିକୁଛି,
କିଏ ନିଜର ବିଶ୍ୱାସକୁ ବଳି ଦେଉଛି,
କିଏ ଇଜ୍ଜତକୁ ବଜାରରେ ନିଲାମ କରୁଛି,
ଆଉ ପ୍ରତିବାଦର ଦ୍ୱାହି ଦେଇ
କିଏ ମଉଜ କରୁଛି,
ଗରୀବର ସ୍ତ୍ରୀକୁ ନିଜର ଭାରିଜା ଭାବି,
ହେଲେ ଏଥିରୁବା କଣ ପାଇବ
ବିଚରା ବଣି,
ଆଜି ଏବେ ଏବେ ଝୁରୁଛି ବୁଝୁଛି,
ମୁକ୍ତ ଆକାଶ, ଜଙ୍ଗଲର ବିସ୍ତୀର୍ଣ୍ଣ ପ୍ରାନ୍ତ,
ନିଜ ସାମ୍ରାଜ୍ୟର ମଧୁର ଆଳାପକୁ,
ହେଲେ ଏ ବନ୍ଧନରୁ ମୁକ୍ତି କାହିଁ ଯେ,
ଗୋଟେ ଯନ୍ତାରୁ ମୁକ୍ତିରେ ଆଉ ଗୋଟେ
ଯନ୍ତ୍ରଣାର ଆରମ୍ଭ।

♥ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ)୮୨୪୯୨୨୦୮୩୦

## କପେ... ଚା’
### କାଦମ୍ବରୀ ମହାଖୁଡ଼



କ୍ଷୀର ସାଥେ ପତି ଚିନି ମିଶ୍ରଣ
ଅଦା ସାଥେ ଗୁଜୁରାତି ପରିମାଣ
ଚା’ର ସ୍ୱାଦକୁ ମନ ମିଶ୍ରଣ
ଚା’ପିଆଳି କରନ୍ତି କେତେ ଅନ୍ୱେଷଣ।

ଗରମ ବାଙ୍ଗକୁ ଚା’ ଗିଲାସ ତାତି
ଶୀତ ଋତୁ ଥଣ୍ଡା ଚା’ ଅଭୁଲା ସ୍ମୃତି
ଗ୍ରୀଷ୍ମ ବର୍ଷା ଶୀତ ପ୍ରେମ ବାରମାସୀ
କି ଅବା ଲେଖିବି ଚା’ ପୀରତି।

ଅଢେଇ ଅକ୍ଷରେ ମନର ଶାନ୍ତ୍ୱନା
ଅନ୍ୟମନସ୍କରେ ଭୁଲିବି ହୁଏନା
ବ୍ୟାକୁଳତା ଓଠ ସ୍ପର୍ଶ ବି ବୁଝେନା
ସକାଳ ସଂଧ୍ୟାର ଗୋଟିଏ ଭାବନା।

ହେଉ ବଡ ବାବୁ ଅବା ଚପରାସି
ଚା’ ମନର ମୋହିନୀ ନିଃସଙ୍ଗ ସାଥୀ
କ୍ଲାନ୍ତ ଅନୁଭବୀ ମନର ମାନସୀ
ମୁହୂର୍ତ୍ତରେ ଭରେ ସତେଜତା ଫୁର୍ତ୍ତି।

ନିଜଠୁ ନିଜର.... ଚା’ର ଖଟି
ପ୍ରିୟା, ପ୍ରିୟ କି ବୁଝିବେ.... ଏହାର ପ୍ରୀତି
ତା’ଠାରୁ ନିଜର.... ଏ ଚା’କପ୍‌ଟି
ତା’ଠାରୁ ନିଜର.... ଏ ଚା’କପ୍‌ଟି।

♥ ଢେଙ୍କାନାଳ
(ମୋ) ୮୯୦୮୪୧୪୯୭୯

## ସ୍ୱାସ୍ଥ୍ୟ କାର୍ଡ
### କବି ବିପ୍ଳବ



ଶୁଣିଥିଲି
ରାତିରେ ଶୁଆଇ ଦିଏନି
ରୋଗ, ପ୍ରେମ ଅଥବା କରଜ
ସବୁ ଭୁଲ୍ ପ୍ରମାଣିତ
ଏବେ ରାଜାଙ୍କୁ କଷ୍ଟ ଦେଉଚି
ଆମ ଦେହର ଦରଜ !
ଭାରରେ ବୁହାହେଇ
ବାଟରେ ପ୍ରସବ କରୁଥିବା ମା’
କେବେ ନଶୁଖି
କ୍ୟାନସର ପାଲଟି ଯାଉଥିବା ଘା..
ଏମିତି ଖବର
ଶୁଣିବାକୁ ହେବନି ଆଉ,
ହେଲିକାପ୍ଟରରେ ଆସୁଛନ୍ତି ରାଜା
ଥାଟବାଟ ଧରି
ଦୁଃଖ ସାଉଁଟି ନେବେ
ଚାହୁଁ ଚାହୁଁ।
ଉପକୃତ ହେବେ
ଟଙ୍କିକିଆ ଚାଉଳ ଅଥବା
ପାଞ୍ଚ ଟଙ୍କିଆ ଆହାରରରେ
ନିଜକୁ କୃତାର୍ଥ ମଣୁଥିବା
ସୀମାରେଖା ତଳ ମଣିଷ।
ଏଇ ସ୍ୱାସ୍ଥ୍ୟ କାର୍ଡ ହିଁ ତାଙ୍କର
ଶେଷ ଆଶ୍ରୟ
ଉଭୟ ରାଜା ଓ ପ୍ରଜାଙ୍କର
ଯେଣୁ ମୃତ୍ୟୁ ତାଙ୍କୁ ଡରାଏ
ଆଉ ଉଭୟେ ଏବେ ଭେଣ୍ଟିଲେଟରରେ।

♥ ମକୁନ୍ଦ ପୁର, ବାଙ୍କୀ
(ମୋ) ୯୪୩୭୪୬୮୦୧୬

## ଶୀତ
### ମହମ୍ମଦ ହନିଫ୍ ସାହା



ଶୀତଳ ପବନ କୁହୁଡ଼ିକୁ ଧରି
ନଇଁ ନଇଁ ଆସେ ଶୀତ
ଘାସ ଗାଲିଚାରେ ଶିଶିରକୁ ଦେଖି
ସୁରୁଜ ଗାଉଛି ଗୀତ।

ଶୀତ ଶିହରଣେ ଖେଳିଯାଏ ସବୁ
ବାଡ଼ି, ଦାଣ୍ଡ ଓ ଦୁଆର
ପିଆଜ ଧରି ମୁଁ ଦୂରେଇ ବସିଛି
ପଖାଳକୁ ଦେଖି ଡର।

ଅଜା ବସିଛନ୍ତି କଅଁଳ ଖରାରେ
ଚାହା କପ୍ ଟିକୁ ଧରି
ଖବର କାଗଜେ ବୁଲାନ୍ତି ଆଖିକୁ
ନକରି ଜମାରୁ ଡେରି।

ଧରଣୀ ରାଣୀ ହଳଦୀ ଶାଢୀରେ
ଆଃ କି ସୁନ୍ଦର ଦିଶୁଛି
ଚଷାପୁଅ ଦେଖ ଦାଆଟିକୁ ଧରି
ଭୋରୁ ବିଲକୁ ଧାଇଁଛି।

ସହରେ ଉଲବୁଣା ନେପାଳୀ ଝିଅ
ପସରା ମେଲି ବସିଛି
ରଙ୍ଗ ବେରଙ୍ଗ ଦାମୀ ପଶମ ଦେଖି
ଗରାଖ ଭିଡ଼ ଲାଗିଛି।

ହାଡ଼ ଭଙ୍ଗା ଶୀତ ଭାଙ୍ଗେ କେତେ ମନ
ଫୁଟପାଥ ନିରୀହର
ଚିରା କନ୍ଥାରେ ପଶି ଛାଡ଼ିଯାଏ ସେ
ସ୍ମୃତିର ପରଶ ତା’ର ....।

♥ ନୂଆଗାଁ, ଧାମନଗର, ଭଦ୍ରକ
(ମୋ)୮୦୯୩୪୦୬୭୯୬

## ସତ୍ୟାଗ୍ରହ
### ଅରୂପ କୁମାର ବିଶ୍ୱାଳ



ପରାଧିନତାର କଳା ବାଦଲଟା
ହଟାଇବା ପାଇଁ କେତେ,
ବିଦେଶୀଙ୍କ ଗୁଳି ଖାତିରି ନକରି
ସତ୍ୟାଗ୍ରହୀ ଥିଲେ ସତେ।
କେତେ ବୀର କେତେ ମହାପୁରୁଷ ଯେ
ଛାଡି ନିଜ ପରିବାର,
ସଂଗ୍ରାମରେ ଝାସ ଦେଇଥିଲେ ପୁଣି
ଇତିହାସ ସାକ୍ଷୀ ତା’ର।

କାଶ୍ମୀର ଠାରୁ କୁମାରୀକା ଯାଏ
କମ୍ପିଥିଲା ସଂଗ୍ରାମରେ,
ଗାନ୍ଧୀ, ଜବାହାର, ସୁଭାଷ ବୋଷ
ସଂଗ୍ରାମୀଙ୍କ ନେତୃତ୍ୱରେ।

ସତ୍ୟ ଅହିଂସାର ଅସ୍ତ୍ର ଧରି ସର୍ବେ
ସତ୍ୟାଗ୍ରହ ଜାରି କଲେ,
ହସିହସି ଫାଶୀ ଖୁଣ୍ଟ ଚଢି କେତେ
ଫିରିଙ୍ଗିକୁ ହରାଇଲେ।

ଉଡିଲା ତ୍ରିରଙ୍ଗା ଫରଫର ହୋଇ
ଗାଇ ଜନଗଣ ଗୀତି,
ପରାଧିନତାର ଶୃଙ୍ଖଳ ଛିଡିଲା
ପହିଗଲା ଅମାରାତି।

ଚଉସ୍ତରି ବର୍ଷ ବିତିଗଲା ହେଲେ
ବିକାଶ ଆମର କାହିଁ,
ବିକାଶଶୀଳର ମାନ୍ୟତା ପାଉଛେ
ଗରିବ ସଂଖ୍ୟା ବଢଇ।

ଗାନ୍ଧୀଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଛି
ଭାଳୁଛି ଭାରତମାତା,
ଉଠରେ ଉଠରେ ହେ ଭାରତ ବାସୀ
କର ଦେଶ କଥା ଚିନ୍ତା।
ସତ୍ୟାଗ୍ରହ ଏବେ ସ୍ମୃତି ହୋଇଅଛି
ଅସତ୍ୟର ଦୁନିଆରେ,
ଗାନ୍ଧୀବାଦ ଆଜି କବର ନେଉଛି
ଦେଶ ଆଜି ବିପଦରେ।

♥ ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ, ଜଗତସିଂହପୁର,
(ମୋ)୯୦୪୦୮୭୦୧୦୦

## ବର୍ଷା ରାଣୀ
### ଗୌରୀ ମେହେର



ଟୁପୁର୍ ଟାପୁର୍ ଗୀତ ଗାଇ ଗାଇ,
ସସର୍ ସସର୍ ଆସେ ମୁଁ ବୋହି ବୋହି,
ଘାସ ଠୁଁ ବୃକ୍ଷ ଛମଛମ୍ ନାଚନ୍ତି
ପିନ୍ଧି ଘୁଂଗୁର ବାଜେଣୀ,
ମୁଁ ବର୍ଷାରାଣୀ।
ଶୀତଳ ଶୀତଳ ଆସେ ମୃଦୁ ପବନ,
ଗାଢ ନିଳ ନିଳ ଦିଶେ ଦୂର ବନ,
ଖିଲିଖିଲି ହସି ଉଠେ
ଧରଣୀ ମୋ ବାର୍ତ୍ତା ଶୁଣି,
ମୁଁ ବର୍ଷାରାଣୀ।
ଖଳଖଳ ଦାଣ୍ଡେ ଯାଏ ବୋହି ବୋହି,
ଅଳିଆ, ଧୂଳି, ମଳି ସବୁ ଧୋଇ ଧୋଇ,
ମୋ ସୁଅରେ ପିଲାଏ ଡଙ୍ଗା ଭସେଇ
ଖେଳନ୍ତି ଝୁମି ଝୁମି,
ମୁଁ ବର୍ଷାରାଣୀ।
ଛମ୍ ଛମ୍ ମୟୂର ନାଚେ ତା’ ପର ମେଲି,
କେଁକେଁକେଁ ଶବ୍ଦେ କଂପାଏ
ମେଦିନୀ ବେଂଗ ବେଂଗୁଲି,
ଘୁଡୁଘୁଡୁ ମୃଦଂଗ ବଜାଏ ମେଘ,
ଗାଇ ମୋ ଗୀତିବାଣୀ,
ମୁଁ ବର୍ଷାରାଣୀ।
ବିଜୁଳି ଚମକ୍ ଚମକ୍ କରି ଜଳାଏ ଦୀପ,
କ୍ଷଣ କ୍ଷଣକେ ଚତୁର୍ଦ୍ଦିଗ ହେଉଥାଏ
ଆଲୋକିତ,
ଇନ୍ଦ୍ରଧନୁ ସପ୍ତରଂଗେ ରଂଗେଇ ପିନ୍ଧାଏ
ସପ୍ତରଂଗି ଓଢଣୀ,
ମୁଁ ବର୍ଷାରାଣୀ।
ଚାଷୀ ଭାଇ ଚାଷ କାମ କରେ
ଗୀତ ଗାଇ ଗାଇ,
କ୍ଷେତ, ଧାନବିଲ ସବୁଜ ସବୁଜ
ରଂଗେ ହୁଏ ରଂଗେଇ,
ନାଳ ନାଳ ହୋଇ ତଳକୁ ବୋହି ଶେଷକୁ
ହୋଇଯାଏ ମୁଁ ସମୁଦ୍ର ପାଣି,
ମୁଁ ବର୍ଷାରାଣୀ।

♥ ଗମ୍ଭାରୀଗୁଡା, ନୂଆପଡ଼ା

## ସୁନୀଳ ଆକାଶେ ଆଜି..
### ଶ୍ରୀ ସତ୍ୟବ୍ରତ ସାହୁ



ସୁନୀଳ ଆକାଶେ ଆଜି ମେଳା ମେଳା କଳା ଧଳା ବଉଦର ହାଟ,
ସମୀରକୁ ସାଥି କରି ଶ୍ରାବଣୀ କନ୍ୟା ଅମ୍ବରେ ଲଗାଇଛି ନାଟ।

ଧରଣୀକୁ ଭଲପାଏ ଆକାଶ ଦେଇଛି କହି
ରୁକ୍ଷ ରୂପ ଦେଖି ତାର ମମତା ଜାଗେ ତା’ ପାଇଁ
କମିବ ପ୍ରେୟସୀ ତାତି ଧରିଛି ଆକାଶ ତେଣୁ ମଉସୁମୀ ହାତ।
ସୁନୀଳ ଆକାଶେ ଆଜି...

ହସିବ ଜନ, ବିପିନ ପାଇ ତାର ପ୍ରୀତି ବାରି
ବର୍ଷା ରୂପେ ପ୍ରିୟା ବୁକେ ଶରଧାରେ ଦିଏ ଝାରି
ପ୍ରିୟା-ପ୍ରିୟ ମନବୁଝି ପ୍ରକୃତି ବି ଋତୁ ଆଣି ଫିଟାଇଛି ବାଟ।
ସୁନୀଳ ଆକାଶେ ଆଜି...

ସୁନୀଳ ଆକାଶେ ଆଜି ମେଳା ମେଳା କଳା ଧଳା ବଉଦର ହାଟ,
ସମୀରକୁ ସାଥି କରି ଶ୍ରାବଣୀ କନ୍ୟା ଅମ୍ବରେ ଲଗାଇଛି ନାଟ।

♥ ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
(ମୋ) ୯୩୩୮୧୬୫୬୧୯

## ତୁମେ ଓ ସେ
### ସ୍ମିତା. ଜି. ମହାପାତ୍ର



ସତରେ..
ତା’ ଭଳି ଜଣେ ନିର୍ବାକ, ନିଥର ପ୍ରତିମୂର୍ତ୍ତିକୁ
ତୁମ ଶବ୍ଦ ଛଳ ଛଳନିହାଣରେ
ଏକ ନିପୁଣ କଳାକାର ପରି..
ଗଢିବାକୁ ଚେଷ୍ଟା କରିଥିଲ ଅପରୂପା କରି...

ଭାବରେ ଭାବରେ କେବେ ଭିଜଉ ଥିଲ
ତୋଫା ଜହ୍ନର ଜୋଛନାରେ...
ଫୁଟାଉ ଥିଲ ପୁଣି କେବେ କଇଁ
କରି ତୁମରି ମନ ସରୋବରେ...
ପାଷାଣ ସେ, ତରଳୁ ନ ଥିଲା ଶବ୍ଦ ଜ୍ୱାଳାରେ..
ତୁମ ସରଳତା, ସଚ୍ଚୋଟତା ଅକପଟତା ବାମ୍ଫରେ..
ଧୀରେ ଧୀରେ ପାଲଟିଲା ସେ ମମତାର ଜଳବିନ୍ଦୁରେ..
ଚକିତ ହୋଇଯାଏ ସେ ତୁମ ପର୍ବତ ପରି ଧୈର୍ଯ୍ୟରେ..
କିଛି କ୍ଷଣ ଆପଣାର କରିଥିଲା ତା’ ଖିଆଲି ମନରେ..
କିନ୍ତୁ ବିନା ସୂଚନାରେ ମାଡି ଆସିଥିଲା ହୁଡ ହୁଡ ଝଡ଼..
କ୍ଷତ ବିକ୍ଷତ ହୋଇ ପକ୍ଷୀ ପରି ହେଲା ସେ ଫଡ ଫଡ..
ଭାଙ୍ଗି ପକାଇଲା ସେ ତୁମ ସହ ଗଢ଼ିଥିବା ଶବ୍ଦର ନୀଡ଼..

ପାଷାଣୀ ହୃଦୟରେ ରହିଲାନି ଆଉ ତୁମ ପାଇଁ ସ୍ପନ୍ଦନ..
ତୁମ ଶବ୍ଦର କ୍ଷର ନିଶ୍ୱାସ ସୃଷ୍ଟି କଲାନି ଜ୍ୱଳନ..
ନିରବରେ ହେଲା ତୁମ ପାଇଁ ଲହୁ ଲୁହାଣ..
ତୁମ ଅଜାଣତରେ ପାଲଟିଲା ପୁଣି ସେ ପାଷାଣ..
ତାକୁ ଶୁଭିଲାନି ଆଉ ତୁମ ଶବ୍ଦର କ୍ରନ୍ଦନ
ପାଶୋରି ଦେଲା ମଉଳା ଫୁଲରେ ଭରିଥିବା ବାସ ଚନ୍ଦନ
ମରୀଚିକା ଠାରୁ ଦୁରେଇ ଶାନ୍ତ କଲା ତା’ ପରାଣ..
ଭାବିଲା ଦୁଃଖ ସୁଖ ସବୁ ପରା ଈଶ୍ୱରଙ୍କର ଦାନ..

♥ ବାରିପଦା
(ମୋ)୯୪୩୭୬୧୫୨୨୧

## ମିଛ
### ବିନୟ ମିଶ୍ର

ମିଛ ସଂସାରଟି ସତ ପରି ଲାଗେ ମୋହ ଯାଏ ଯେବେ ବଢି,
ମୋହ ଆସିଗଲେ ମାୟା ବାନ୍ଧିଦିଏ ଜୀବ ଯାଏ ତହିଁ ପଡି।
ମାୟା, ମିଛ, ମୋହ, ଛନ୍ଦେ,
ସଂସାର ଚାଲିଛି ମଦ ମତ୍ତେ ଜଡି ଚାଟୁ କୁଟିଳ ପ୍ରବନ୍ଧେ।

ପୁତ୍ର କନ୍ୟା ସ୍ୱାମୀ ଜାୟା କି ଜନନୀ ଜନକ କେ କହ କା’ର,
ଜୀବ ଗଲେ ଛାଡି ଛାଡ଼ନ୍ତି ବୋବାଳି ଦି ଚାରି ଘଡି କେବଳ,
ସବୁ ଜାଣି ବି ଅଜଣା,
ସମସ୍ତେ କହନ୍ତି ସଭିଏଁ ଶୁଣନ୍ତି ଭଣ୍ଡାରୀ ଜଳାରେ ବଣା।

ଆତ୍ମାକୁ କିଏ ବା ଚିହ୍ନିଛି ଜଗତେ ସାନିଧ୍ୟେ ଯାଇଛି କିଏ,
ସେଥିପାଇଁ ଆତ୍ମା ନୁହଇଁ ନିଜର ନିରବେ ଶରୀରେ ଥାଏ,
ଭୋଗୁଥାଏ ସୁଖ ଦୁଃଖ,
ପଦ୍ମ ପତ୍ରେ ଯେହ୍ନେ ନୀର ଟଳମଳ ଆତ୍ମାର ସେ ରୂପରେଖ।

ସ୍ୱାର୍ଥ ଯହିଁ ବନ୍ଧା ପରମାର୍ଥ ତହିଁ ଆସିବ କେଉଁଠୁ କହ,
ଆତ୍ମା ପରମାତ୍ମା ଭାବ ନିକଟକୁ ମଧ୍ୟେ ଜାଲ ଅଟେ ମୋହ,
ମାନ ଅପମାନ ଯେତେ,
ଶତ୍ରୁ ମିତ୍ର ଶୀତ ଉଷ୍ମ ଯାହା ଭୋଗକରେ ଜୀବ ସେତେ।

ସ୍ୱାର୍ଥୀଜନ ମେଳେ ରହିଣ ବିଭୋରେ ଦେବା ନେବା ସଂସାରରେ,
ଶ୍ରେଷ୍ଠ ଇନ୍ଦ୍ରୀ ମନ ଲୋଭ ମାୟା ଜାଲେ ବିବେକକୁ ନ ପଚାରେ,
ଏଣୁ ନ ପଶଇ ଘରେ,
ବାର ଦ୍ୱାର ପିଣ୍ଡା ପନ୍ଦା ମନ୍ଦା ହୋଇ ଶେଷେ ପଶଇ ତେରରେ।

କଳା କରେ ଧଳା ଧଳା କରେ କଳା ଚର୍ମ ଚକ୍ଷୁ ଦେଖୁଥାଏ,
ଦଣ୍ଡି ପଲ୍ଲା ଭାରୀ ବଟକରା ନାହିଁ ବେପାରରେ ମାତିଥାଏ,
ଯେଉଁ ପଲ୍ଲା ହୁଏ ଭାରି,
ସେଇଠାରେ କାଳ କଣ୍ଟା ମାରିନିଏ ସମୟଟି ଯାଏ ସରି।

କର୍ମ କରେ ବାକ୍ୟ ଉହାଡ଼େ ନିଜକୁ ଲୁଚାଇ ଛଳନା କରି,
ଭାଗ୍ୟେ ଥିଲା ବୋଲି ହାତ ଗୋଡ଼ ଛାଟି କାନ୍ଦୁଥାଏ ମୁଣ୍ଡ କୋଡ଼ି,
ଡାକେ ରଖ ଚକାଆଖି,
ବେଲବୁଡା ଦେଖି ମଙ୍ଗ ଦିଏ ମୋଡ଼ି କର୍ମ ଫଳ ଦେଇ ଜୋଖି।

♥ ନିଆଳ, ଖୋର୍ଦ୍ଧା

## ଚହଲା ପାଣି
### ରାହାସ କୁମାର ବେହେରା



ସକାଳ ହେଲେ ଘାସ ଗାଲିଚାରେ
କାକର ଝରେ
ଗୋରା ମୁହଁ ଦିଶେ ତୋଫା,
ସଜ ଗୋଲାପ କଅଁଳ କଢ଼ିରେ ଭଅଁର ତୃପ୍ତ
ମନ ଲାଗେ ଭାରି ସଫା।
ଅଳସ ଦେହେ ବୟସ ଲାଗିଲେ
ସ୍ୱପନେ ଉଡେ
ସାଥି ଖୋଜେ ନିରୋଳାରେ,
କନକ ଗୋରୀ ପାନ ପତରି ଗୋ
ସୁନ୍ଦରୀ ଭାରି
ପ୍ରୀତି ଝୁରେ ଅନ୍ତରରେ।
ଝରା ଶେଫାଳି ହେହରେ ବୋଲି ଯେ
ମହକେ ତୋଳି
ଚିତ୍ତ ମତ୍ତ ଏକା କରି,
ମନ ଭ୍ରମରା ସୁଖ ପସରାରେ ହୁଏ ଅଧିରା
ସାଥୀବିନା ମରେ ଝୁରି।
ପୋଖରୀ ତୁଠ ସଖୀ ଗହଳିରେ ଦିଶେ ଚହଟ
ହଳଦୀ ଗିନାରେ ଲୋଭ,
ଚନ୍ଦ୍ରମା ତୁଲ ନଜର ଲାଗିଲେ ଅମୂଲ ମୂଲ
ପରଦେଶୀ ମଣେ ଶୁଭ।
ଚହଲା ପାଣି ଛନକା ଟାଣି ଯେ ବିରହ ଆଣି
ମନ ହୁଏ ଛନଛନ,
ଆଲୋ ମାନିନୀ ନିତି ସ୍ୱପନେ ଯେ
ରୂପ ଚାନ୍ଦିନୀ
ଦିନରେ ଖୋଜୁଛି ଜହ୍ନ।
ବହୁଛି ବାଆ ପଣତ ଖସିଲେ ସରମି ଯାଆ
ଲାଜରେ ଟାଣଇ ଗାର,
ନହନହକା କଅଁଳ ଅଣ୍ଟାରେ ପଶିଚି ରକା
କିଏସେ ମାରିଛି ତୀର।
ସୋରିଷ ଫୁଲ କରୁଛି ଗେଲ ଯେ ମାରିଛ ଖିଲ
ସୁରୁଜ ଦିଶିଲେ ଲାଲି,
ଷୋଳ ବୟସୀ କଖାରୁ କଷି ଯେ ବସିଛି ରୁଷି
ଯିବ ଶାଶୁଘର ଚାଲି।
ପ୍ରେମ ପତର ମଲ୍ଲି ଅତରରେ ମହକେ ଘର
ଦାଣ୍ଡରେ ଚଉରା ପିଣ୍ଡି,
ବାଜିଲା ବାଜା କନିଆଁ ସଜା ଯେ
ଆସିବେ ରାଜା /କିଏସେ ବସିଛି ଉଣ୍ଡି।
ବଂଶୀ ସୁର ଲାଗେ ମଧୁର ଯେ
ଲବଣି କ୍ଷୀର ବସିଛି କହେଁଇ ଜଗି,
ସଖା ସୁବଳ କାଳିନ୍ଦୀ ଜଳସେ ଦିଶେ ନିର୍ମଳ
ରାଧା ପାଇଁ ପ୍ରେମରୋଗୀ।

♥ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ-୭୫୯୦୧୫
(ମୋ) ୯୪୩୮୧୧୪୩୬୮

# ପୂର୍ଣ୍ଣ ଅନୁଦାନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଲା ୪୮୮ ବର୍ଗ କଲେଜ ସଂଘ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ୨୦୧୮ ମସିହା ଠାରୁ ବ୍ଲକ ଗ୍ରାଂଟ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହ ପ୍ରତ୍ୟେକ୍ଷ ପୂର୍ଣ୍ଣ ଅନୁଦାନ ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସତ୍ୱେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ନହେବା ପ୍ରତିବାଦରେ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ବର୍ଗ) ଅଧ୍ୟାପକ ଓ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି । ଏ କଥାର ପ୍ରାମାଣିକ ଚିତ୍ର ରାଜଧାନୀର ଗାନ୍ଧୀମାର୍ଗରେ ସର୍ବସାଧାରଣରେ ପ୍ରଦର୍ଶନ କରାଯାଇଛି । ସଂଘର ସଭାପତି ବନମାଳୀ ବାରିକଙ୍କ ନେତୃତ୍ୱରେ ପ୍ରତିକୂଳ ପାଗକୁ ଖାତିର ନକରି କୋଭିଡ଼ ନିୟମକୁ ପାଳନ କରି ଏହି ବିକ୍ଷୋଭରେ ସାମିଲ୍ ହୋଇଛନ୍ତି ରାଜ୍ୟର ଶହ ଶହ ଅଧ୍ୟାପକ ଓ କର୍ମଚାରୀ । ଏହି ବର୍ଗରେ କାର୍ଯ୍ୟ କରୁଥିବା ଅନ୍ୟ ସମସ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଏପରିକି ୨୦/୨୫ ବର୍ଷ ପରେ ଚାକିରୀ ଜୀବନ ଆରମ୍ଭ କରିଥିବା ନୂତନ ଅଧ୍ୟାପକମାନଙ୍କୁ ମଧ ସରକାର ସମସ୍ତ ଚାକିରୀ ସର୍ତ୍ତାବଳୀ ପ୍ରଦାନ କରୁଥିବା ବେଳେ ଅବସର ଶେଷ ପାହାଚରେ ପଦାର୍ପଣ କରିଥିବା ଆନ୍ଦୋଳନରତ ଏହି ଅଧ୍ୟାପକ ଓ କର୍ମଚାରୀମାନଙ୍କୁ କୌଣସି ଅବସରକାଳୀନ ସୁବିଧା ନଦେବା ଏକ ଗଣତାନ୍ତ୍ରିକ ସରକାର ପକ୍ଷେ ଶୋଭନୀୟ ନୁହେଁ ବୋଲି କାର୍ଯ୍ୟକାରୀ ସଭାପତି ମାନସ ପୁରୋହିତ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୁନଶ୍ଚ ଉଚ୍ଚଶିକ୍ଷା ବିଭାଗର ଭ୍ରମାତ୍ମକ ନିର୍ଦ୍ଦେଶନାମା ଯୋଗୁଁ ୪୮୮ ବର୍ଗ ମହାବିଦ୍ୟାଳୟ ମାନଙ୍କରେ ଏକା ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ୨୦୧୬ ମସିହାରେ ନିଯୁକ୍ତ ଅଧ୍ୟାପକ ଆଗାମୀ ତିନିବର୍ଷ ମଧ୍ୟରେ ପଦୋନ୍ନତି ପାଇ ତାଙ୍କ ଠାରୁ ୨୦/୨୫ବର୍ଷ ବରିଷ୍ଠ ଅଧ୍ୟାପକଙ୍କୁ ମାତ୍ ଦେଇ ସେହି ଅନୁଷ୍ଠାନରେ ଅଧକ୍ଷ ହେବା ନିହାତି ଅପମାନଜନକ ଓ ସେଭଳି ପରିବେଶରେ ଗୁଣାତ୍ମକ ଶିକ୍ଷାଦାନ କିପରି ସମ୍ଭବ ବୋଲି ପ୍ରଶ୍ନ କରିଛନ୍ତି ସଂଘର ସାଧାରଣ ସମ୍ପାଦକ ପ୍ରିୟରଞ୍ଜନ ରଥ , ଆବାହକ ଆଦିତ୍ୟ ପ୍ରସାଦ ରଥ ଓ ସଂଗଠନ ସମ୍ପାଦକ ସୁକାନ୍ତ ଦାସ ।

# କୋଭିଡର ଡର କମ୍ୟୁନିଟି ମଧ୍ୟରେ ରହିବା ଆବଶ୍ୟକ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ପୁଣି ବିଦେଶରେ ବଢ଼ିବାରେ ଲାଗିଛି କୋଭିଡ ସଂକ୍ରମଣ । ଆଉ ଏହାକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ କୋଭିଡର ଡର କମ୍ୟୁନିଟି ମଧ୍ୟରେ ରହିବା ଆବଶ୍ୟକ । କାରଣ ଅନେକ ଦେଶରେ କମ ଧରଣର ଟିକାକରଣ ସହ ଲୋକଙ୍କ ଏକଜୁଟ ପାଇଁ ସଂକ୍ରମଣ ବଢୁଛି । ରାଜ୍ୟରେ କରୋନା ସଂକ୍ରମଣ କମ ରହିଥିଲେ ମଧ ବିଦେଶରେ ସଂକ୍ରମଣ ବଢିବା ଆରମ୍ଭ କଲାଣି । ଯାହାକି କରୋନା ଆରମ୍ଭରୁ ଚାଇନା ଓ ୟୁରୋପ ଦେଶମାନଙ୍କରେ ପ୍ରଥମେ ଆରମ୍ଭ ହୋଇ ଭାରତକୁ କରୋନା ଭୂତାଣୁ ଆସିଲା । ତେବେ ଦେଶରେ ସଂକ୍ରମଣ କମ ଥିବା ବେଳେ ଏବେ ବି କରୋନା ପ୍ରତି ଡର ଭୟ କମ୍ୟୁନିଟି ମଧ୍ୟରେ ରହିବା ଆବଶ୍ୟକ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ ପୁଣିଥରେ ସଂକ୍ରମଣ ବଢିବାକୁ ନେଇ ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଲେଣି ଯେ ଯେଉଁଠାରେ ସଂକ୍ରମଣ ବଢୁଛି ସେଠାରେ କମ ଟିକାକରଣ, ଲୋକମାନଙ୍କ ସାମାଜିକ ଦୂରତା ନ ରହିବା ପ୍ରମୁଖ କାରଣ ହେଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସର୍ଭିଲାନ୍ସ କଡାକଡି କରାଯାଉଛି, ଟିକାକରଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି । କରୋନା ନିୟମକୁ କଡାକଡି ପାଳନ କରିବାକୁ ମଧ ଲୋକଙ୍କୁ ସଚେତନ କରାଯାଉଛି । ଯେଉଁମାନେ ଟିକା ନେଇନାହାନ୍ତି ସେମାନେ ଦୁଇଟି ଡୋଜ ନିଅନ୍ତୁ । ଯଦି କୌଣସି କାରଣରୁ କିଛି ଲକ୍ଷଣ ଦେଖାଯାଏ ତେବେ ଟେଷ୍ଟ କରନ୍ତୁ । ନିଜେ ସୁରକ୍ଷିତ ରହିବା ସହ ଚାରି ପାଖରେ ଥିବା ଲୋକଙ୍କୁ ସୁରକ୍ଷିତ ରଖିପାରିବା ।

# ପଂଚାୟତ ନିର୍ବାଚନ ସଂରକ୍ଷଣ କ୍ଷେତ୍ରରେ ଓବିସିଙ୍କୁ ପ୍ରତାରଣା : ସୁରଥ ବିଶ୍ୱାଳ

ଭୁବନେଶ୍ୱର,୧୪/୧୧ (ନି.ପ୍ର): କ୍ରମାଗତ ଭାବେ ରାଜ୍ୟର ପଛୁଆ ବର୍ଗଙ୍କୁ ଯେଉଁ ଭଳି ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରାଯାଉଛି, ତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପଂଚାୟତ ଆଇନ ସଂଶୋଧନ ସମୟରେ ଓବିସିମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ କଥା କହି ଭୂଆଁ ବୁଲାଉଥିବା ଶାସକ ବିଜେଡିର ଅସଲ ମୁଖା ଖୋଲିଯାଇଛି । ସଂପ୍ରତି ପଂଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ଜିଲ୍ଲା ସ୍ତରରେ ପ୍ରକାଶିତ ହୋଇଥିବା ସଂରକ୍ଷଣ ତାଲିକାରୁ ଏହା ସ୍ପଷ୍ଟ ହୋଇଛି । ଏପରିକି ଆଗାମୀ ପଂଚାୟତ ନିର୍ବାଚନରେ ରାଜ୍ୟର ୮ଟି ଜିଲ୍ଲାରେ ଓବିସିଙ୍କ ପାଇଁ କୌଣସି ସଂରକ୍ଷଣର ବ୍ୟବସ୍ଥା କରାଯାଇନାହିଁ । ୫୨ ପ୍ରତିଶତରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ସତ୍ୱେ ୮ଟି ଜିଲ୍ଲାରେ ଓବିସିଙ୍କ ପାଇଁ ସଂରକ୍ଷଣ ଶୂନ କାହିଁକି ହେଲା ? ପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ ଏବଂ ରାଜ୍ୟ ଓବିସି କମିଶନଙ୍କୁ ବିଜେପି ତରଫରୁ ଅଭିଯୋଗ କରାଯାଇଛି । ଏହି ପ୍ରସଙ୍ଗରେ ଜାତୀୟ ଓବିସି କମିଶନଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଓବିସି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ ବୈଠକରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଏବଂ ଡ.ଲେଖାଶ୍ରୀ ସାମନ୍ତସିଂହାର ଯୋଗ ଦେଇ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ମନୋଭାବ ଏବଂ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ତଳସ୍ତରରେ ପହଂଚାଇବା ପାଇଁ ଶ୍ରୀ ମହାପାତ୍ର ଏବଂ ଡ.ଲେଖାଶ୍ରୀ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ ଓ ସଂଯୋଜକମାନେ ଉପସ୍ଥିତ ଥିଲେ । ମୋର୍ଚ୍ଚାର ରାଜ୍ୟ ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ ଓ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ରାଜ୍ୟ ସଂପାଦକ ଦୁର୍ଗାପ୍ରସନ୍ନ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଭକ୍ତଙ୍କ ସତ୍ୟ ଜାଣି କଂଗ୍ରେସ ଭୟଭୀତ: ବିଜେଡି

ଭୁବନେଶ୍ୱର,୧୪/୧୧ (ନି.ପ୍ର): ବିଜେଡି ଦ୍ୱାରା କଂଗ୍ରେସ ନେତା ଭକ୍ତ ଚରଣ ଦାସଙ୍କ ବିଷୟରେ ସତ୍ୟାସତ୍ୟ ପଦାକୁ ଆସିବା ପରେ ଓଡିଶା କଂଗ୍ରେସ ଭୟଭୀତ ଓ ଚିନ୍ତିତ ହୋଇପଡ଼ିଛି । ଆଜି ପୁଣିଥରେ ଓଡିଶା କଂଗ୍ରେସ ବିନା ପ୍ରମାଣରେ ଭିତିହୀନ ଓ କୁତ୍ସିତ ଅଭିଯୋଗ ଉଠାଇଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଚିନ୍ମୟ ସାହୁ ।

କଂଗ୍ରେସ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ସାହୁ କହିଛନ୍ତି ଯେ କେବଳ ଶସ୍ତା ରାଜନୀତି ପାଇଁ ସେମାନେ ମନଗଢା କାହାଣୀରେ ଲିପ୍ତ ଅଛନ୍ତି । ଗତକାଲି, ଯେହେତୁ ଆମର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଭକ୍ତ ଦାସ ମହାଲିଙ୍ଗ କଲେଜ ସହ ଜଡିତ ଥିବାର ସତ୍ୟ ଉନ୍ମୋଚନ କରିଥିଲେ ତେଣୁ ଆଜି ଓଡିଶା କଂଗ୍ରେସ ଡକ୍ଟର ସସ୍ମିତ ପାତ୍ରଙ୍କ ସ୍ୱର୍ଗୀୟ ପିତାଙ୍କ ଉପରେ ବ୍ୟକ୍ତିଗତ ଆକ୍ରମଣ କରିଛି । ଆମ ଓଡିଆ ସଂସ୍କୃତିର ପରମ୍ପରା ହେଉଛି ସ୍ୱର୍ଗୀୟ ଆତ୍ମାକୁ ସମ୍ମାନ ଦେବା ଏବଂ ଶାନ୍ତି ପାଇଁ ପ୍ରାର୍ଥନା କରିବା । ଆଜି ସ୍ୱର୍ଗରେ ଥିବା ଜଣେ ଅମର ଆତ୍ମାଙ୍କୁ ଅସମ୍ମାନ କରିବାକୁ ଚେଷ୍ଟା କରି ଓଡିଶା କଂଗ୍ରେସ ଏକ ଜଘନ୍ୟ ପାପ କରିଛି । ଆମେ ଆଶା କରୁଛୁ ସ୍ୱର୍ଗୀୟ ଆତ୍ମାକୁ ଅସମ୍ମାନ କରିବାର ଏହି ଘୃଣ୍ୟ ପାପ ପାଇଁ ଭଗବାନ ଓଡିଶା କଂଗ୍ରେସକୁ କ୍ଷମା କରିବେ, ଜଣେ ବ୍ୟକ୍ତି, ଯାହାଙ୍କର ଦେହାନ୍ତ ହୋଇଯାଇଛି ସେ ଆଉ ନିଜ ପକ୍ଷ ରଖିବା ପାଇଁ ସ୍ୱର୍ଗରୁ ଫେରି ପାରିବେ ନାହିଁ ବୋଲି ବିଜେଡି ମୁଖପାତ୍ର ଶ୍ରୀ ସାହୁ କହିଛନ୍ତି ।

## ଭୁବନେଶ୍ୱରରେ ହେବନି ବାଲିଯାତ୍ରା

ଭୁବନେଶ୍ୱର,୧୪/୧୧ (ନି.ପ୍ର): ଚଳିତ ବର୍ଷ ଭୁବନେଶ୍ୱରରେ ହେବନି ବାଲିଯାତ୍ରା । କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱର ବାଲିଯାତ୍ରାକୁ ଅନୁମତି ନାହିଁ । ନଭେମ୍ବର ଗାଇଡଲାଇନ ଅନୁଯାୟୀ, ମେଳା କିମ୍ବା ଯାତ୍ରା ପାଇଁ ଅନୁମତି ମିଳିନି । ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ଏହି ସୂଚନାଦେଇଛନ୍ତି ।

# ଏକାମ୍ର ହାଟରେ ମୁକ୍ତ ପାଠାଗାର ଉନ୍ମୋଚିତ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନକୁ ଆସିବା ପରେ ନୂଆ ରୂପରେ ଏକାମ୍ରହାଟ ବର୍ତ୍ତମାନ ଭୁବନେଶ୍ୱରରେ ଏକ ଆକର୍ଷଣୀୟ କେନ୍ଦ୍ରରେ ପରିଣତ ହୋଇଛି । ଓଡିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବେ ଏହି ଏକାମ୍ର ହାଟରେ ଆଜି ଶିଶୁଦିବସ ଅବସରରେ ଯୋଡି ହୋଇଛି ମୁକ୍ତ ପାଠାଗାର । ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଉପସ୍ଥିତିରେ ଏହି ପାଠାଗାରକୁ ଉନ୍ମୋଚିତ କରିଛନ୍ତି । ଏକାମ୍ର ହାଟରେ ସର୍ବସାଧାରଣଙ୍କ ପାଇଁ ମୁକ୍ତ ପାଠାଗାର ସ୍ଥାପନ ଏକ ଅଭିନବ ପ୍ରୟାସ । ନୂତନ ଚିନ୍ତାଧାରାରେ ପୁରୁଣା ବଡ଼ ରେଫ୍ରିଜରେଟରରେ କାଚ ଲଗାଇ ପୁର୍ନବ୍ୟବହୃତ କରାଯାଇ ପୁସ୍ତକ ରଖାଯାଇ ଏହି ପାଠାଗାର ସ୍ଥାପନ କରାଯାଇଛି । ସର୍ବସାଧାରଣଙ୍କ ପଠନ ଅଭ୍ୟାସ ବୃଦ୍ଧି ନିମନ୍ତେ ବାହାରେ ଆକର୍ଷଣୀୟ ପଟ୍ଟଚିତ୍ର କାରୁକାର୍ଯ୍ୟ କରାଯାଇ ଏହାର ଶୋଭା ବର୍ଦ୍ଧନ କରାଯାଇଛି । ଏହି ପାଠାଗାରରେ ପ୍ରାୟ ୨୦୦ ଗୋଟି ପୁସ୍ତକ ରହିଛି । କେବଳ ଶିଶୁ ନୁହଁନ୍ତି ସବୁ ବର୍ଗ ଓ ବୟସର ପାଠକଙ୍କ ନିମନ୍ତେ ଇଂରାଜୀ ଓ ଓଡିଆ ଭାଷାରେ ପୁସ୍ତକ ରଖାଯାଇଛି । ଏହି ପାଠାଗାର ସ୍ୱୟଂଚାଳିତ । ଯେ କୌଣସି ପାଠକ ନିଜେ ପୁସ୍ତକ ଚୟନ କରି ବହିଟି ଧରି ଘାସର ଗାଲିଚା ଉପରେ କିମ୍ବା ଚଉକି ଉପରେ ବସି ପଢି ପାରିବେ । ଏକାମ୍ର ହାଟରେ ଆସୁଥିବା ଲୋକମାନଙ୍କ ପାଇଁ ନୂତନ ବନ୍ଧୁ ରୂପେ ପୁସ୍ତକ ମିଳିବ । ଏତଦ୍ ବ୍ୟତୀତ ଏକାମ୍ର ହାଟରେ ଦର୍ଶକମାନେ ମଧ୍ୟ ଭାରତର ବିଭିନ୍ନ ଖାଦ୍ୟ ଷ୍ଟଲରେ ଖାଦ୍ୟର ମଜା ନେଇ ପାରିବେ । ବ୍ୟକ୍ତି ବିଶେଷ ଏହି ହାଟରେ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲରୁ ହସ୍ତଶିଳ୍ପ ଓ ହସ୍ତତନ୍ତ ବସ୍ତୁ କ୍ରୟ କରିବାର ସୁଯୋଗ ପାଇ ପାରିବେ । ବ୍ୟକ୍ତିବିଶେଷ ପାଠାଗାର ନିମନ୍ତେ ପୁସ୍ତକ ଦାନ କରିପାରିବେ । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଓ ବକୁଳ ଫାଉଣ୍ଡେସନର ସହଭାଗୀତାରେ ଏହି ପାଠାଗାର ପ୍ରତିଷ୍ଠା କରାଯାଇଛି । ରାଜ୍ୟରେ ପାଠାଗାର ଆନ୍ଦୋଳନ ସହିତ ପୁସ୍ତକ ପଠନକୁ ଲୋକପ୍ରିୟ କରିବାରେ ବକୁଳ ଫାଉଣ୍ଡେସନର ଉଦ୍ୟମ ପ୍ରଶଂସନୀୟ । ଏକାମ୍ର ହାଟର ବାହ୍ୟ ଭାଗରେ ଆମ୍ଫିଥିଏଟର ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବାର ସୁବିଧା ରହିଛି । ଏକାମ୍ର ହାଟରେ ଗୋଟିଏ ସ୍ଥାନରେ ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟପଦାର୍ଥ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଏବେ ପୁସ୍ତକ ପଠନର ସୁବିଧା ଉପଲବ୍ଧ ହେବ । ଏକାମ୍ର ହାଟ ପ୍ରତ୍ୟହ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି । ଏହି ମୁକ୍ତ ପାଠାଗାର ମଧ୍ୟ ଏହି ସମୟରେ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ । ଆଜିର ପାଠାଗାର ଉନ୍ମୋଚନ ଉତ୍ସବରେ ସିଡାକ୍‌ର ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ, ବକୁଳ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଜିତ କୁମାର ମହାପାତ୍ର ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ ।

# ସିପିଆଇ ରାଜ୍ୟ ପରିଷଦ ବୈଠକ : ସମ୍ବିଧାନର ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଅଭିଯାନ ଚଳାଇବାକୁ ନିଷ୍ପତ୍ତି

ଭୁବନେଶ୍ୱର,୧୪/୧୧ (ନି.ପ୍ର): ସିପିଆଇ ଜାତୀୟ ପରିଷଦର ଆହ୍ୱାନକ୍ରମେ କେନ୍ଦ୍ର ବିଜେପି ସରକାରର ବେକାରୀ, ରାଷ୍ଟ୍ରାୟ ସମ୍ପତିର ବିକ୍ରି, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଓ ଅସହିଷ୍ଣୁତା ବିରୋଧରେ ସମ୍ବିଧାନର ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ନଭେମ୍ବର ୨୬ରୁ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅଭିଯାନ ଚଳାଇବା ପାଇଁ ସିପିଆଇର ରାଜ୍ୟ ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଏହି ଅଭିଯାନ କାଳରେ ସମସ୍ତ ଜିଲ୍ଲା ସଦର ମହକୁମା ଓ ସହରମାନଙ୍କରେ ସଭା ଓ ଆଲୋଚନାଚକ୍ରମାନ ସଂଗଠିତ କରାଯିବ । ଗତକାଲି ଓ ଆଜି ଦୁଇଦିନ ଧରି ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅଭିଜିତ ସାହୁଙ୍କ ସଭାପତିତ୍ୱରେ ସିପିଆଇର ରାଜ୍ୟ ପରିଷଦ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଡିସେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଗଣପାଣ୍ଠି ସଂଗ୍ରହ ପାଇଁ ନିଷ୍ପତି ହୋଇଛି । ସେହିପରି ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି ଗଠନ କରାଯିବା, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଏବଂ ମମିତାଙ୍କ ପରିବାରକୁ ୨ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଛି । ଆଗାମୀ ୨୦୨୨ ଅକ୍ଟୋବର ମାସରେ ପାର୍ଟିର ମହା ଅଧିବେଶନ ଅନୁଷ୍ଠିତ ହେଉଥିବା ଦୃଷ୍ଟିରୁ ସେପ୍ଟେମ୍ବର ପ୍ରଥମ ଭାଗରେ ରାଜ୍ୟ ସମ୍ମିଳନୀ, ମେ ଓ ଜୁନ ମାସରେ ଜିଲ୍ଲା ସମ୍ମିଳନୀ, ଏପ୍ରିଲ ମାସରେ ଜୋନ୍ ସମ୍ମିଳନୀ ଏବଂ ପଂଚାୟତ ନିର୍ବାଚନ ପୂର୍ବରୁ ଡିସେମ୍ବର ୩୧ ସୁଦ୍ଧା ଶାଖା ସମ୍ମିଳନୀ ଶେଷ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ବୈଠକର ପ୍ରାରମ୍ଭରେ ସ୍ୱାଧୀନତା ପୂର୍ବଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଗଣ ସଂଗ୍ରାମକୁ ଅନୁପ୍ରାଣିତ କରିଥିବା ସଂଗୀତର ସଂକଳନ 'ଗଣ ସଂଗ୍ରାମରେ ରଣ ସଂଗୀତ' ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ଅଧିବେଶନରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ପ୍ରଶାନ୍ତ ମିଶ୍ର, ସମ୍ପାଦକମଣ୍ଡଳୀ ସଭ୍ୟ ଅଶୋକ ଦାଶ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ ।

## ଦିବ୍ୟଶଙ୍କରଙ୍କୁ ବିଧାନସଭା ଭିତରେ ପୁରାଇ ନଦେବାକୁ କଂଗ୍ରେସର ଦାବି

ଭୁବନେଶ୍ୱର,୧୪/୧୧ (ନି.ପ୍ର): ବିଧାନସଭା ଅଧିବେଶନ ପୂର୍ବରୁ ମମିତା ମେହେର ପ୍ରସଙ୍ଗରେ ବିରୋଧୀଙ୍କ ରଣହୁଙ୍କାର । କଂଗ୍ରେସର ବରିଷ୍ଠ ବିଧାୟକ ସନ୍ତୋଷ ସିଂ ସାଲୁଜା ଦେଇଛନ୍ତି ବଡ଼ ବୟାନ । କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ବିଧାନସଭା ଆସିଲେ ପବିତ୍ର ଗୃହ ଅପବିତ୍ର ହେବ । ବାଚସ୍ପତିଙ୍କୁ ଆମେ ଅନୁରୋଧ କରିବୁ ଯାହାଙ୍କ ନାମରେ ହତ୍ୟା ଭଳି ସଙ୍ଗିନ ଅଭିଯୋଗ ରହିଛି ତାକୁ ବିଧାନସଭା ଭିତରକୁ ନ ପୁରାଯାଉ । ଯଦି ବାଚସ୍ପତି ତାଙ୍କୁ ବିଧାନସଭା ଆସିବାକୁ ଅନୁମତି ଦିଅନ୍ତି ତେବେ ଆମେ ପ୍ରବଳ ବିରୋଧ କରିବୁ । ସେ ସମୟରେ କ'ଣ ହେବ ସରକାର ଏବଂ ସମଗ୍ର ଓଡିଶା ଦେଖିବ ।

ଦିବ୍ୟଶଙ୍କର ମିଶ୍ର ଯଦି ମମିତା ମହେର ପ୍ରସଙ୍ଗରେ ବିବୃତି ରଖିବେ ବିଧାନସଭା କଳଙ୍କିତ ହେବ । ତାଙ୍କ ପରିବାର ଲୋକ କ୍ୟାପେଟେନ ଦିବ୍ୟଶଙ୍କର ନାମରେ ଅଭିଯୋଗ ଆଣିଛନ୍ତି । ଯଦି ଏହା ସତ୍ତ୍ୱେ ବି ଦିବ୍ୟଶଙ୍କର ମିଶ୍ର ବିଧାନସଭା ଆସିବେ ତେବେ ଆମେ ଜୋରଦାର ବିରୋଧ କରିବୁ । ଆମେ କିପରି ରଣନୀତି କରିବୁ ତାହା ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ । ସୂଚନା ଥାଉ କି ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ଡିସେମ୍ବର ୧ ତାରିଖରୁ ଆରମ୍ଭ ହେବ । ଏହା ଡିସେମ୍ବର ୩୧ ତାରିଖ ଯାଏ ଚାଲିବ । ଏହି ଅଧିବେଶନରେ ମୋଟ୍ ୨୬ଟି କାର୍ଯ୍ୟଦିବସ ରଖାଯାଇଛି ।

ଅଧିବେଶନରେ ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଗୃହରେ ଆଗତ ହେବ । ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଶୀତ ଅଧିବେଶନର ପ୍ରଥମ ଦିନରେ ଅତିରିକ୍ତ ବଜେଟ ଆଗତ ହେବ । ୧୦ ତାରିଖରେ ବ୍ୟୟ ମଞ୍ଜୁରି ବିଲ୍ ଆଗତ ହୋଇ ଅତିରିକ୍ତ ବଜେଟ୍ ଗୃହୀତ କରାଯିବ । ଡିସେମ୍ବର ୧୧ରୁ ୩୧ ତାରିଖ ଯାଏ ଅଫିସିଆଲ୍ ବିଜ୍‌ନେସ୍ ରଖାଯାଇଛି । ତାହା ମଧ୍ୟରୁ ୧୭, ୨୪ ଓ ୨୯ ତାରିଖରେ ପ୍ରାଇଭେଟ୍ ମେମ୍ବର୍ସ ବିଜ୍‌ନେସ୍ ରଖାଯାଇଛି । ଡିସେମ୍ବର ୫, ୧୨, ୧୯ ଓ ୨୬ ତାରିଖରେ ରବିବାର ଏବଂ ୨୫ ତାରିଖରେ ବଡ଼ ଦିନ ପାଇଁ ଗୃହ କାର୍ଯ୍ୟ ହେବ ନାହିଁ ।

# ମମିତା ହତ୍ୟା ଘଟଣାର ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ପାଇଁ ସରକାର ଓ ଶାସକ ଦଳ ଉଦ୍ୟମ କରୁଛନ୍ତି : କଂଗ୍ରେସ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ଅପହରଣ ଓ ହତ୍ୟା ମାମଲାରେ ଉଭୟ ରାଜ୍ୟ ସରକାର ଓ ବିଜୁ ଜନତା ଦଳ ମୁଖ୍ୟ ଅଭିଯୁକ୍ତ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଖସାଇ ଦେବାପାଇଁ ପ୍ରୟାସ ଜାରି ରଖିଛନ୍ତି । କେତେବେଳେ ରାଜ୍ୟ ସରକାର ପୋଲିସ ଡିଆଇଜିଙ୍କ ମାଧମରେ ସାମ୍ବାଦିକ ସମ୍ମିଳନୀ କରି ତଦନ୍ତକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ବିଜୁ ଜନତା ଦଳ ଆନ୍ଦୋଳନ କରୁଥିବା କଂଗ୍ରେସ ଓ ଦଳର ବରିଷ୍ଠ ନେତାଙ୍କୁ ବ୍ୟକ୍ତିଗତ କ୍ଷେତ୍ରରେ ମିଥ୍ୟାରୋପ ଲଗାଇ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ସେମାନେ ତାଙ୍କର ଏହି ଅପଚେଷ୍ଟାର ସଫଳ ହେବେ । ଶିକ୍ଷୟିତ୍ରୀ ହତ୍ୟକାଣ୍ଡରେ ମୁଖ୍ୟ ଷଡଯନ୍ତ୍ରକାରୀକୁ ଦଣ୍ଡିତ ନକଲା ଯାଏଁ କଂଗ୍ରେସ ତାର ଜନଆନ୍ଦୋଳନ ଜାରି ରଖିବ ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଛନ୍ତି । ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଗତ ୩ ଦିନ ହେଲାଣି ବିଜେଡ଼ିର ରାଷ୍ଟ୍ରୀୟ ପ୍ରବକ୍ତା ଡକ୍ଟର ସସ୍ମିତ ପାତ୍ର ସମେତ ବିଜେଡ଼ି ଦଳ ପକ୍ଷରୁ କଂଗ୍ରେସର ଆନ୍ଦୋଳନ ଉପରେ ଅଭିଯୋଗ ଆଣିଛନ୍ତି । ତାଙ୍କ ଅଭିଯୋଗ "ଓଡ଼ିଶା କଂଗ୍ରେସ" ବିଜେପିର ବି-ଟିମ୍ ଓ ଓଡ଼ିଶା କଂଗ୍ରେର ଆର୍ଥିକ ସ୍ଥିତି ଭଲ ନାହିଁ, ତେଣୁ କଂଗ୍ରେସ ବିଜେପି ପ୍ରାୟୋଜିତ ଆନ୍ଦୋଳନ କରୁଛି ବୋଲି ଯେଉଁ ଅଭିଯୋଗ କରୁଛନ୍ତି ତାହା ହାସ୍ୟାସ୍ପଦ ଓ ପାଗଳର ପ୍ରଳାପ ମାତ୍ର । ସେହି ପ୍ରବାଦ ପୁରୁଷ ଜନନେତା ସ୍ୱର୍ଗତ ବିଜୁ ପଟ୍ଟନାୟକ ଜାଣନ୍ତି ଭକ୍ତଚରଣ ଦାସ କିଏ ?ଭକ୍ତ ଦାସଙ୍କୁ ବ୍ୟକ୍ତିଗତ ରାଜନୈତିକ ସ୍ତରରେ କୁତ୍ସାରଟନା କଲେ ମଧ ମମିତା ମେହେର ହତ୍ୟାକାଣ୍ଡର ପାପ ଓ ପାପୀ ଶଙ୍କାସୁର କେବେ ନିସ୍ତାର ପାଇବେ ନାହିଁ । ବିଜେଡ଼ି ପ୍ରବକ୍ତା ଓ ରାଜ୍ୟ ସଭା ସାଂସଦ ଡ. ସସ୍ମିତ ପାତ୍ରଙ୍କୁ ସେ ପ୍ରଶ୍ନ କରିଛନ୍ତି ଯେ ସଂଖ୍ୟାଲଘୁ ନେତା ସ୍ୱରୂପାନନ୍ଦ ପାତ୍ର କିଏ ? ୨୦୦୭ କନ୍ଧମାଳ ଦଳିତ ଆଦିବାସୀ ଗଣ୍ଡଗୋଳ ଏହି ସ୍ୱରୁପାନନ୍ଦ ପାତ୍ର ଓ ତାଙ୍କର ପରିବାରର ଭୂମିକା ଥିଲା କି ? ୨୦୦୮ କନ୍ଧମାଳ ଦଙ୍ଗାର ତଦନ୍ତ କରୁଥିବା କମିଶନ ନିକଟରେ "ଦଙ୍ଗାପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର ଦୋଷୀ" ବୋଲି ସେହି ପାତ୍ର ଏଫିଡେଭିଟ ଦେଇଥିବା ସତ୍ୟ କି ? ୨୦୧୦ ମସିହାରେ ସେହି ସ୍ୱରୁପାନନ୍ଦ ପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ, ଦଙ୍ଗାରେ ୩୫ ଜଣ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦିଆଯାଇଛି । ସେଥିପାଇଁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦାବି କରିଥିବା ସତ୍ୟ କି ? ଏନଜିଓ ଫଣ୍ଡିଙ୍ଗ ପାଇଁ ସାଂସଦଓ ବିଜେଡ଼ିର ଆଉଜଣେ ସାଂସଦ ବିଜେପି ସଂପର୍କରେ ରହୁଥିବା ସତ୍ୟ କି ? ଗୋଟିଏ ନିର୍ଦ୍ଦିଷ୍ଟ ଫଟୋ ଏବଂ ଏକ କାଗଜ ଦେଖାଇ ବିଜେଡ଼ି ଅଭିଯୋଗ କରିଥିଲା ଯେ ଭକ୍ତ ଦାସଙ୍କ ପୁଅ କ୍ରାନ୍ତି ଦାସ ସେହି କଲେଜରେ ପରିଚାଳନା କମିଟିରେ ସଭାପତି ଥିଲେ । ଯାହା ସେ ୨୦୧୩ ମସିହାରୁ ଛାଡ଼ି ଦେଇଛନ୍ତି । ସେହି ନିର୍ଦ୍ଦିଷ୍ଟ ଫଟୋ ଯଦି ଭକ୍ତଦାସ ଦୋଷୀ ତାହାଲେ ମୁଖ୍ୟମନ୍ତ୍ରୀ ଖସିପାରିବେ ନାହିଁ । କାରଣ ଜେଲରେ ଥିବା ଗୋବିନ୍ଦ ସାହୁ ନୀବନ ନିବାସ ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ମଧ ଫଟୋ ଅଛି । ମୁଖ୍ୟମନ୍ତ୍ରୀଙ୍କର ଚିଟ୍‌ଫଣ୍ଡ ଲୁଟେରା ମାନଙ୍କ ସହିତ ମଧ ଫଟୋ ଅଛି ।ପରି ଘଟଣାରେ କୃଷି ମନ୍ତ୍ରୀ, ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣାରେ ଜଙ୍ଗଲ ମନ୍ତ୍ରୀ, ମାହାଙ୍ଗ ଡବଲ ମର୍ଡର କେସରେ ଆଇନମନ୍ତ୍ରୀ ଓ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ର କାରୀ ଗୃହରାଷ୍ଟ୍ରମନ୍ତ୍ରୀଙ୍କର ସଂପୃକ୍ତି ଅଭିଯୋଗ ଆସୁଛି ।ଅଭିଯୁକ୍ତଙ୍କର ତଦନ୍ତକାରୀ ସଂସ୍ଥା କିମ୍ବା ଅଫିସର ଚୟନ କରିବାର ଅଧିକାର ନାହିଁ । ଚୋରକୁ କେଉଁ ପୋଲିସ ବାନ୍ଧିବ ତାହା ଚୋର ସ୍ଥିର କରିପାରିବ ନାହିଁ । ଯଦି ମୁଖ୍ୟମନ୍ତ୍ରୀଙ୍କର ସତସାହାସ ଅଛି ତାହାଲେ ଏହି ୪ଟି କେସର ତଦନ୍ତ ଜଣେ ପୀଠାସୀନ ହାଇକୋର୍ଟ ବିଚାରପତିଙ୍କ ତତ୍ୱବଧାନରେ ଏସଆଇଟି ତଦନ୍ତ ହେଲେ ପୀଡ଼ିତା ନ୍ୟାୟ ପାଇବ ଓ ଦୋଷୀ ଦଣ୍ଡିତ ହେବ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମୀୟ ପାଣ୍ଡବ, ପଦ୍ମାକର ଗୁରୁ ଓ ଜିନେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପଂଚଶୀଳ ନୀତି ନେହେରୁଙ୍କୁ ଚିର ସ୍ମରଣୀୟ କରିଛି

ଭୁବନେଶ୍ୱର,୧୪/୧୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ୍ ନେହେରୁଙ୍କ ୧୩୨ ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ବକ୍ତାମାନେ ନିଜ ବକ୍ତବ୍ୟରେ ଗାନ୍ଧିଜୀଙ୍କର ନୀତି, ଆଦର୍ଶରେ ଅନୁପ୍ରାଣୀତ ହୋଇ ସ୍ୱାଧୀନତା ସଂଗ୍ରାମୀରେ ନିଜକୁ ସାମିଲ୍ କରି ବହୁବାର କାରାବରଣ କରିବା ସଙ୍ଗେସଙ୍ଗେ ନିଜ ପରିବାରକୁ ମଧ ନେହେରୁ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ କରିଥିଲେ ବୋଲି କହିଥିଲେ । ଦେଶ ସ୍ୱାଧୀନତା ପରେ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରି ସେ ଯୁଦ୍ଧର ବିଭୀଷିକା ହଟାଇବା ପାଇଁ ପଂଚଶୀଳ ନୀତି ଗ୍ରହଣ କରିଥିଲେ, ଯାହାକୁ ବିଶ୍ୱ ସମୁଦାୟ ସମ୍ମାନ ଦେଇଥିଲେ । ଦେଶରେ ଶିଳ୍ପ ମାଧମରେ ବିକାଶ ସାଧନ ପାଇଁ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିଥିଲେ । ଓଡ଼ିଶାର ହୀରାକୁଦ ନଦୀବନ୍ଧ ପ୍ରକଳ୍ପ, ପାରାଦୀପ ବନ୍ଦର ସହିତ ବହୁ କଲ୍ୟାଣକାରୀ ଯୋଜନା ତାଙ୍କ ଦ୍ୱାରା ପ୍ରଣୟନ ହୋଇଥିଲା । ଶିଶୁମାନଙ୍କୁ ସେ ବହୁତ ଭଲ ପାଉଥିବାରୁ ତାଙ୍କ ଜନ୍ମଦିନଟି ଶିଶୁ ଦିବସ ଭାବରେ ଭାରତବାସୀ ପାଳନ କରୁଛନ୍ତି । ତାଙ୍କ ନୀତି ଓ ଆଦର୍ଶ ଯୁଗେଯୁଗେ ଭାରତବାସୀଙ୍କୁ ଅନୁପ୍ରାଣିତ କରିବ ବୋଲି ମତବ୍ୟକ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମୟରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଂଯୋଜକ ପ୍ରବୀର ମହାନ୍ତି, ଦେବଯାନୀ ଦାସ, ସତ୍ୟବ୍ରତ ଜେନା, କଳ୍ପତରୁ ସାମନ୍ତରାୟ, ଦିଲ୍ଲୀପ ପାଢୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ କଳ୍ପତରୁ ସେନାପତିଙ୍କୁ ପଣ୍ଡିତ ନେହେରୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ଓ ଦେବଜାନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଦେଶ କଂଗ୍ରେସ ପକ୍ଷରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଉତ୍ସବ ପାଳିତ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଂଟିନ୍ ଛକ ସ୍ଥିତ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ରଶ୍ମି ମହାପାତ୍ର, ମନୋରଞ୍ଜନ ଦାଶ, ପଦ୍ମାକର ଗୁରୁ, ହଳଧର ସେଠୀ, ଜ୍ୟୋତିଷ ସାହୁ, ସ୍ୱାଧୀନବାଳା ଦାସ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ପ୍ରକାଶ ମିଶ୍ର, ଅଭିଶେକ ମହାନନ୍ଦ, ରାଜକିଶୋର ବାରିକ, ଭାସ୍କର ସେଠୀ, ସଂଜୟ ମିଶ୍ର, ସଂକୁନା କହଁର, ମନୋରଞ୍ଜନ ରାଉତରାୟ, ଜୟକୃଷ୍ଣ ସୁବୁଦ୍ଧି, ଖଗେଶ୍ୱର ମଲ୍ଲିକ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନଳିନୀକାନ୍ତ ନାୟକ, ଦେବେନ୍ଦ୍ର ପ୍ରସାଦ ଦାସ, ଦେବୀ ପ୍ରସାଦ ସେଠୀ, ସୁବାଷ ପ୍ରଧାନ, ମୁନି ଥାପ୍ପା, ବିଂରଚି ବାରିକ, କୁଳମଣି ସାହୁ, ମିତ୍ରଭାନୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନେହେରୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ପୁଲିସ ତଦନ୍ତ ବିଷୟରେ ଲେଖାଶ୍ରୀଙ୍କ ଜ୍ଞାନ ନାହିଁ: ବିଜେଡି

ଭୁବନେଶ୍ୱର,୧୪/୧୧ (ନି.ପ୍ର): ବିଜେପି ନେତ୍ରୀ ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାରଙ୍କର ପୋଲିସ ତଦନ୍ତ ବିଷୟରେ ଜ୍ଞାନର କେତେ ଅଭାବ ରହିଛି ତାହାର ମୁଖା ଖୋଲି ଦେଇଛି । ବୋଧହୁଏ ସେ ଜଣେ ପୋଲିସ ଅଫିସର ହେବାକୁ ଚାହୁଁଥିଲେ ଏବଂ ବିଫଳ ହୋଇଛନ୍ତି । ସେ ବର୍ତ୍ତମାନ ସାମ୍ବାଦିକ ସମ୍ମିଳନୀରେ ଜଣେ ପୋଲିସ୍ ଅଫିସରଙ୍କ ଭଳି ଅଭିନୟ କରି ମନଇଚ୍ଛା, ଭିତିହୀନ ବିବୃତିମାନ ଦେଇ ନିଜ ପିଲାଦିନର ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ । ବିଜେଡି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ସୁଶ୍ରୀ ସାହୁ କହିଛନ୍ତି ଯେ ଆମେ ଆଉଥରେ ତାଙ୍କୁ ଅନୁରୋଧ କରୁଛୁ ଯେ ଯଦି ତାଙ୍କ ନିକଟରେ ଏହି ଘଟଣାର କୌଣସି ପ୍ରମାଣ ଅଛି, ତେବେ ସେ କୋର୍ଟକୁ ଯାଆନ୍ତୁ ଏବଂ କୋର୍ଟଙ୍କୁ ନିଷ୍ପତି ନେବାକୁ ଦିଅନ୍ତୁ । କ୍ୟାମେରା ଆଗରେ ମୁହଁ ଦେଖାଇବା ପାଇଁ ବିଜେପି ମୁଖପାତ୍ରମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦିତା ଚାଲିଛି ଏବଂ ଶ୍ରୀମତୀ ସାମନ୍ତସିଂହାର ସେମାନଙ୍କ ମଧ୍ୟରୁ ଜଣେ ବୋଲି ବିଜେଡି ମୁଖପାତ୍ର ସୁଶ୍ରୀ ସାହୁ କହିଛନ୍ତି ।

## ମାସ ମଧ୍ୟେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କେବଳ ବିଷ୍ଣୁଙ୍କର ନୁହେଁ , କମଳାଙ୍କର ବି ପ୍ରିୟ ମାସ କାର୍ତ୍ତିକ । ଏ ମାସରେ ବିଷ୍ଣୁ ଯୋଗ ନିଦ୍ରାରେ ଜଗିଥିବା ବେଳେ ସ୍ୱୟଂ ଲକ୍ଷ୍ମୀ ସଦା ଭ୍ରମଣରତ ଥା'ନ୍ତି ; ତେଣୁ ତାଙ୍କ କୃପା ବାରି ବର୍ଷଣ ହୋଇଥାଏ । ତାଙ୍କ କୃପା ପ୍ରାପ୍ତ ପାଇଁ ଧନ ତ୍ରୟୋଦଶୀ , ଗୋପାଷ୍ଟମୀ ଓ ଦୀପାବଳି ପାଳନ କରାଯାଏ । ଜ୍ୟୋତିଷ ଶାସ୍ତ୍ରାନୁଯାୟୀ କୃତ୍ତିକା ନକ୍ଷତ୍ର ଅନୁସାରେ ଏହି ମାସର ନାମ କାର୍ତ୍ତିକ ହୋଇଥିବା ବେଳେ ଜନଶ୍ରୁତିରେ ଶିବଙ୍କ ସୁତ କାର୍ତ୍ତିକଙ୍କ ନାମାନୁସାରେ ହୋଇଛି ବୋଲି କୁହାଯାଏ । ଗଜଲକ୍ଷ୍ମୀ ପୂଜାରୁ ଏ ମାସର ପ୍ରାରମ୍ଭ । ଏ ମାସରେ ପ୍ରତ୍ୟେକ ଜଳରାଶିରେ ମତା ଗଙ୍ଗାଙ୍କ ସ୍ଥାନ ରହିଥିବାରୁ ସ୍ନାନର ମହତ୍ତ୍ୱ ଢେର ବେଶୀ । କାର୍ତ୍ତିକେୟ ଏ ମାସରେ ନରକାସୁରର ବଧ କରିଥିଲେ ବୋଲି 'କାର୍ତ୍ତିକ ମହାତ୍ମ୍ୟ'ରେ ଅଛି । କାର୍ତ୍ତିକ ସ୍ୱରଗ ସେନାପତି ଭାବରେ ସ୍ୱର୍ଗ ରାଜ୍ୟର ରକ୍ଷାକର୍ତ୍ତା । ସ୍ୱର୍ଗ ଉପରେ ପ୍ରଥମ ଅଧିକାର କାର୍ତ୍ତିକଙ୍କର ଥିବାରୁ ସ୍ୱର୍ଗ ପ୍ରାପ୍ତି ଉଦ୍ଦେଶ୍ୟ କାର୍ତ୍ତିକ ବ୍ରତ ପାଳନ କରାଯାଏ । ହରି ଓ ହରଙ୍କ ପ୍ରିୟ ମାସ ହେତୁ ଏ ମାସରେ ହରିହର ଉପାସନା ମହତ୍ତ୍ୱପୂର୍ଣ୍ଣ । କୁହାଯାଏ ପଞ୍ଚୁକ ପାଞ୍ଚଦିନ ବଗ ବଗୁଲୀ ବି ଆମିଷ ସ୍ୱର୍ଶ କରନ୍ତିନି , ତେଣୁ ଏ ପାଞ୍ଚଦିନ ଚଉରା ମୂଳେ ପଞ୍ଚବର୍ଣ୍ଣ ମୁରୁଜ ପକାଇ ବଗ ବଗୁଲୀଙ୍କୁ ଡକାଯାଏ । ଲୋକବିଶ୍ୱାସନୁସାରେ ଏ ମାସରେ ତୁଳସୀ ପୂଜା ଦ୍ୱାରା ଯମଦୂତଙ୍କ ଭୟ ଶେଷ ହୁଏ ।

ଶାସ୍ତ୍ର କହେ କାର୍ତ୍ତିକ ମାସରେ ବିଛଣାରେ ନଶୋଇ ଭୂମିରେ ଶୟନ କରିବା ଉଚିତ ।ଏହାଦ୍ୱାରା ବ୍ୟକ୍ତିର ମନ ଶୁଦ୍ଧ ହେବା ସହ ନକରାତ୍ମକ ଭାବନା ଦୂର ହୋଇ ସକରାତ୍ମକ ଭାବନାର ସର୍ଜନ ହୁଏ । ଏ ମାସରେ ତେଲ ଲଗାଇବା ଅନୁଚିତ । ଯଦି ତେଲ ଲଗାଇବାକୁ ଉତ୍ସୁକ ତେବେ କାର୍ତ୍ତିକ ଚତୁର୍ଦ୍ଦଶୀ (ନରକ ଚତୁର୍ଦ୍ଦଶୀ)ରେ ଲଗାଇ ପାରିବେ । ଏ ମାସରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ପୂର୍ବକ ହରିନାମ ଭଜନରେ ରତ ହେବା ଉଚିତ । ମିଥ୍ୟା , ଅସତ୍ୟ ଓ ଅନ୍ୟାୟ ପଥରୁ ବିଚ୍ୟୁତ ହେବା ଆବଶ୍ୟକ । କଳି ଯୁଗରେ ତିନି ପାଦ ପାପ ହେଲେ ପାଦେ ତ ଧର୍ମ ଅଛି , ସେଇ ଧର୍ମକୁ ବଜାୟ ରଖିବା ପ୍ରତ୍ୟେକ ହିନ୍ଦୁଙ୍କର କର୍ତ୍ତବ୍ୟ ହେବା ଉଚିତ ।

+ଭାଟପଡ଼ା , ନିରାକାରପୁର , କଣାସ , ପୁରୀ
ମୋ: ୮୯୧୭୪୮୦୫୩୬

## ମା'ତାରେଣୀ ପ୍ରତିଷ୍ଠାନ ପକ୍ଷରୁ ଶିଶୁ ଦିବସ ପାଳିତ

ପୁରୀ,୧୫/୧୧ (ନି.ପ୍ର): ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଦିବସକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି । ଶିଶୁଦିବସ ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାଚା ନେହେରୁଙ୍କ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏହି ଉପଲକ୍ଷେ କଣାସର ଜଙ୍କିଆଠାରେ ଅନୁଷ୍ଠିତ ମା'ତାରେଣୀ ପ୍ରତିଷ୍ଠାନ ପକ୍ଷରୁ ଶିଶୁ ଦିବସ ପାଳନ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ରାଉତ ଶିଶୁଦିବସର ମହତ୍ତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୩ ଗିରଫ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୫୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୫୧,୦୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଶ୍ରମିକନେତା ନିକୁଞ୍ଜ ବସନ୍ତ ରାୟଙ୍କ ପରଲୋକ

ବାଲେଶ୍ୱର,୧୫/୧୧ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ସଭ୍ୟ ତଥା କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସିଆଇଟିୟୁର ସକ୍ରିୟ କର୍ମୀ ଶ୍ରମିକନେତା ନିକୁଞ୍ଜ ବସନ୍ତରାୟଙ୍କର ସୋମବାର ଅପରାହ୍ଣରେ ଦେହାନ୍ତ ହୋଇଯାଇଛି । ଶ୍ୱାସଜନିତ ସମସ୍ୟାରୁ ସେ ଗତକାଲି ମଧରାତ୍ରିରୁ ବାଲେଶ୍ୱର ଜିଲା ଶିକ୍ଷାଳୟରେ ଭର୍ତ୍ତି ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୬୨ବର୍ଷ ହୋଇଥିଲା । ମୃତ୍ୟୁଶଯ୍ୟା ପତ୍ନୀ ଗାୟତ୍ରୀ ଓ ପୁତ୍ର ଅଭିନ୍ନ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବାପରେ ବିଭିନ୍ନ ଶ୍ରମିକ ସଂଗଠନ ଓ ଗଣସଂଗଠନ ପକ୍ଷରୁ ନିର୍ମଳ ନାୟକ, ରାଜକିଶୋର ଲେଙ୍କା, ଶ୍ୟାମସୁନ୍ଦର ଜେନା (କ), ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା (ଖ), ନିରଞ୍ଜନ ପରିଡ଼ା, ପ୍ରେମରଞ୍ଜନ ପାତ୍ର, ଆଇନଜୀବୀ ମନୋଜ ନାୟକ, ବିଜୟ ପାତ୍ର, ଉମାକାନ୍ତ ପାତ୍ର, ରାଜକିଶୋର ପାତ୍ର, ନିରଞ୍ଜନ ସାହୁ ଓ ସିକନ୍ଦର ଖାଁ ପ୍ରମୁଖ ହସପିଟାଲରେ ପହଞ୍ଚି ସ୍ୱର୍ଗତ ବସନ୍ତରାୟଙ୍କୁ ଶେଷଦର୍ଶନ କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ବସନ୍ତରାୟ ଭଦ୍ରକ ଜିଲ୍ଲା ଭୂୟାଁଉଆସ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୭୫ ମସିହାରେ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାର୍ଟିର ସଦସ୍ୟତା ଗ୍ରହଣ ସହ ଭୁବନେଶ୍ୱରରେ ଓ ୧୯୮୫ ମସିହାରୁ ବାଲେଶ୍ୱର ଜିଲ୍ଲାରେ ପରିବହନ ଶ୍ରମିକ, ରେଳ ଶ୍ରମିକ, ଆଶାକର୍ମୀ ଓ ଟ୍ୟାକ୍ସି ଚାଳକ ସଂଘ ପ୍ରଭୃତିରେ ନେତୃତ୍ୱ ନେଇଆସିଥିଲେ । ତାଙ୍କର ଧୈର୍ଯ୍ୟ ଓ ସାଙ୍ଗଠନିକ ଦକ୍ଷତା ଅନ୍ୟମାନଙ୍କ ପାଇଁ ପ୍ରେରଣା ଥିଲା ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।

# ସୁନାରୂଇ ନୋଡାଲ ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟରେ ମିଶିଲା



ବାଲିଆପାଳ,୧୫/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁନାରୂଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଜି ବିଦ୍ଧିବଧ ଭାବେ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ସହ ମିଶିଛି । ସରକାରଙ୍କ ପକ୍ଷରୁ ଏହି ଦୁଇ ବିଦ୍ୟାଳୟ ମିଶ୍ରଣ ପାଇଁ ୨୦୧୭ ମସିହାରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ କିଛି ସମସ୍ୟା ଯୋଗୁଁ ଏହି ଦୁଇ ବିଦ୍ୟାଳୟ ମିଶ୍ରଣ ହୋଇପାରିନଥିଲା । ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ, ବିଆରସିସି ଦୁଃଖୀଶ୍ୟାମ ଦାସ ଦୁଇ ବିଦ୍ୟାଳୟର ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀଙ୍କ ସହ ବୈଠକ ମାଧ୍ୟମରେ ଆଲୋଚନା ପରେ ଏହି ଦୁଇ ବିଦ୍ୟାଳୟ ମିଶ୍ରଣ ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା । ଆଜି ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବାଗ୍ ବିଦ୍ଧିବଧ ଭାବେ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେନ୍ଦ୍ର ବେହେରା, ଶିକ୍ଷାବିତ୍ ସନାତନ ବେହେରା, ନାରାୟଣ ଜେନା, ପ୍ରଭୁରାମ ବିଶ୍ୱାଳ, ୱାର୍ଡ ସଦସ୍ୟ ବାସୁଦେବ ପିଲା ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ର ଅଭିଭାବକ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଉପସ୍ଥିତ ସଦସ୍ୟ ମାନେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ପଣ୍ଡିତ ନେହେରୁ ନବଭାରତର ସମର୍ଥ ବିନ୍ଧାଣି ଥିଲେ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ପଣ୍ଡିତ ଜବାହାରଲାଲ ନେହେରଙ୍କୁ ଜନ୍ମଦିବସ ଅବସରରେ ଅଲଇଣ୍ଡିଆ ପ୍ରଫେସନାଲ କଂଗ୍ରେସ ଓଡ଼ିଶା ରାଜ୍ୟ ତରଫରୁ ଏକ ଭର୍ଚ୍ୟୁଆଲ ଆଲୋଚନା ଚକ୍ର ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ମମତା କୁଣ୍ଡୁଙ୍କ ପୌରହିତ୍ୟରେ ଆଜି ଅନୁଷ୍ଠିତ ହୋଇଅଛି । ଏହି ଆଲୋଚନା ଚକ୍ରରେ ଅତିଥି ଭାବରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ସ୍ୱାଧୀନ ଭାରତର ସମୃଦ୍ଧ ଗଣତାନ୍ତ୍ରିକ ମୂଳଦୁଆ ପ୍ରତିଷ୍ଠା କରିବାରେ ପଣ୍ଡିତ ନେହେରୁଙ୍କ ସଫଳ ଦୂରଦୃଷ୍ଟି ସପର୍କରେ ଆଲୋକପାତ କରିଥିଲେ । ଜଷ୍ଟିସ ମନୋରଞ୍ଜନ ମହାନ୍ତି ଓ ବିଶିଷ୍ଟ ସମ୍ବକାର ନଟବର ଖୁଂଟିଆ ଆଲୋଚନା ଚକ୍ରରେ ଭାଗନେଇ ଓଡ଼ିଶାର ବିକାଶ ପୃଷ୍ଠଭୂମିରେ ନେହେରୁଙ୍କ ଆଭିମୂଖ୍ୟରେ ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ । ଆର୍ନ୍ତଜାତିକ ସ୍ତରରେ ସ୍ୱାଧୀନ ଭାରତର ଏକ ସଭ୍ରାନ୍ତ ଛବି ନିର୍ମାଣ କରିବାରେ ନିଜର ୧୭ ବର୍ଷର ଶାସନ କାଳରେ ନେହେରୁଙ୍କ ପାରଦର୍ଶୀତାକୁ ସମଗ୍ର ବିଶ୍ୱ ସମ୍ମାନ ଦେଉଥିଲା ବୋଲି ସଭାପତି ଶ୍ରୀମତୀ କୁଣ୍ଡୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସନାଲ କଂଗ୍ରେସ ରାଜ୍ୟ ସଂପାଦକ ଆଇନଜୀବୀ ଆକାଶ ଭୁୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଉପସଭାପତି ସଂଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଗୁଞ୍ଜରଣ' ପାଇଁ ଉଦଳାରେ ସାମ୍ବାଦିକ ସମ୍ମିଳନୀ



ଉଦଳା,୧୫/୧୧ (ନି.ପ୍ର): ରାଜ୍ୟ ସ୍ତରୀୟ ଲୋକ ସଂଗଠନ ଓଡ଼ିଶା ଶ୍ରମଜିବୀ ମଞ୍ଚ ଓ ମହିଳା ଶ୍ରମଜିବୀ ମଞ୍ଚ ଓଡ଼ିଶା ପକ୍ଷରୁ ରାଜ୍ୟ ବ୍ୟାପୀ ୨୫ ଦିନିଆ ଶିକ୍ଷା ଅଭିଯାନ ଯାତ୍ରାର ଶୁଭାରମ୍ଭ ହୋଇଛି । ନଭେମ୍ବର ୧୫ ତାରିଖରୁ ଆରମ୍ଭ ହେଉଥିବା ଏହି ଅଭିଯାନ ଅନ୍ତର୍ଗତ ୨ଟି ସଚେତନତା ରଥ 'ଗୁଞ୍ଜରଣ' ମାଲକାନାଗିରି ଏବଂ ସୁନ୍ଦରଗଡ଼ରୁ ବାହାରି ୨୦ ଦିନ ରାଜ୍ୟର ୨୫ଟି ଜିଲ୍ଲାରେ ପ୍ରାୟ ୨୧୦୦ କିମି ପରିଭ୍ରମଣ କଲାପରେ ଶେଷରେ ଭୁବନେଶ୍ୱରରେ ପହଞ୍ଚିବ ଏବଂ ଡ଼ିସେମ୍ବର ୧୦ ତାରିଖରେ ଏହି ଯାତ୍ରା ଉଦ୍ଯାପିତ ହେବ । ବିଶେଷ କରି ମୟୂରଭଞ୍ଜ ଜିଲ୍ଲାରେ ଏହି ଯାତ୍ରା କରଞ୍ଜିଆ, ଠାକୁରମୁଣ୍ଡା, କପ୍ତିପଦା, ଉଦଳା, ଖୁଣ୍ଟା, ଗୋପବନ୍ଧୁନଗର, ବେତନଟୀ, ବଡ଼ସାହି ବ୍ଲକର ୩୦ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୪୫ ଗ୍ରାମରେ ପହଞ୍ଚିବ ଏବଂ ଗ୍ରାମବୁଲି ଶିକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତ୍ତା ପହଞ୍ଚାଇବ । ଏଥିପାଇଁ ଆଜି ନଭେମ୍ବର ୧୫ ତାରିଖ ସୋମବାର ଉଦଳା ଠାରେ ଏକ ଜିଲ୍ଲା ସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସମ୍ମିଳନୀରେ ଉଦଳା ଓକିଲ ସଂଘର ସଂପାଦକ ତଥା ଦୈନିକ 'ନିତିଦିନ' ର ସାମ୍ବାଦିକ ବସନ୍ତ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ତଥା ସାପ୍ତାହିକ 'ରାଷ୍ଟ୍ରଦୀପ'ର ଉଦଳା ପ୍ରତିନିଧି ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସରକାର କରୋନା କାଳରେ ଶିକ୍ଷାରେ ଘଟିଥିବା ବ୍ୟାପକ କ୍ଷତିର ଭରଣା ପାଇଁ ଆଗଭର ହୁଅନ୍ତୁ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ଗୋଲକ ମହାରଣା, ସନ୍ତୋଷ ବାଛିନୀ, ନମିତା ରାଉତ, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ଗୁଞ୍ଜରଣ ଦେଉଛି ବିପ୍ଳବର ଆହ୍ୱାନ ବୋଲି ମତ ଦେଇଥିଲେ । ଜନଜାଗୃତି ମଞ୍ଚର ଟିମଲିଡ଼ର ଗଦାଧର ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ୨୫ ଦିନିଆ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଗୁଞ୍ଜରଣ ରଥ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ମଞ୍ଚର ସଦସ୍ୟ ସୁବ୍ରତ କୁମାର ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାମଚନ୍ଦ୍ରେ ସିଂ କାର୍ଯ୍ୟକ୍ରମର ଶେଷେ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମଞ୍ଚର ସଦସ୍ୟ ଗୌତମ ମହାପାତ୍ର, ଆରତୀ ଖଣ୍ଡାପାତ୍ର, ଲାଲମୋହନ ବିନ୍ଧାଣୀ, ହରିପ୍ରୀୟା ଦାସ, ନିରୁପମା ଦାସ, ରବିନ୍ଦ୍ର ଖଣ୍ଡେଇ ପ୍ରମୁଖ ସହଯୋଗ କରିଥିଲେ ।

## ମହିଳା ନିଖୋଜ : ଥାନାରେ ଏତାଲା

ଜଳେଶ୍ୱର, ୧୫/୧୧(ନି.ପ୍ର) : ବାଲେଶ୍ୱର ଜିଲାର ବସ୍ତା ଥାନା ଅନ୍ତର୍ଗତ ଭୋଲୋରା ଗ୍ରାମର ଅଜୟ କୁମାର ନାଥଙ୍କ ସ୍ତ୍ରୀ ଜୟନ୍ତି ନାଥ (୪୩) ଗତ ଅକ୍ଟୋବର ୨୮ ତାରିଖରୁ ନିଜ ଘରୁ ନିଖୋଜ ହୋଇଛନ୍ତି । ଏ ସମ୍ପର୍କରେ ଅଜୟ ନାଥ ଥାନାରେ ଲିଖିତ ଜଣାଇଥିଲେ ମଧ୍ୟ ଅଦ୍ୟବଧି ତାଙ୍କର କୌଣସି ପତ୍ତା ମିଳିପାରିନାହିଁ । ନିଖୋଜଦିନ ସେ ପଡୋଶୀଙ୍କ ଘରେ ଖୀର ଦେଇ ଏସ୍ଏଚ୍‌ଜି ଗ୍ରୁପରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା । ମାତ୍ର ଗ୍ରୁପ୍ ମିଟିଙ୍ଗକୁ ନ ଯାଇ କେଉଁଆଡେ ଚାଲିଯାଇଛନ୍ତି । ୫ଫୁଟ ୨ ଇଞ୍ଚଉଚ୍ଚତା ବିଶିଷ୍ଟ ଜୟନ୍ତି ଗଲାବେଳେ ଫିକା ହଳଦିଆ ରଂଗର ହଳଦିଆ ଶାଢୀ ଓ ନାଲି-କଳା ରଂଗର ଷ୍ଟଲ ପିନ୍ଧିଥିବା ପରିବାର ସୂତ୍ରରୁ ଜଣାଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ବିଷୟରେ କିଛି ସୂଚନା ପାଆନ୍ତି ତେବେ ନିକଟସ୍ଥ ଥାନାରେ ଜଣାଇବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି ।

## ବିଜେଡିରେ କଂଗ୍ରେସ ନେତା ପ୍ରଦୀପ ସାହୁ

ଭୁବନେଶ୍ୱର,୧୫/୧୧ (ନି.ପ୍ର): ବେଗୁନିଆର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଦୀପ ସାହୁ ବିଜେଡିରେ ଯୋଗ ଦେଇଛନ୍ତି । ସୋମବାର ଦିନ ଯୁବ ବିଜେଡି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ପ୍ରଦୀପ ନିଜ ସମର୍ଥକଙ୍କ ସହ ବିଜେଡିର ମିଶିଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଦୀପ ୫୪ ହଜାରରୁ ଅଧିକ ଭୋଟ ପାଇଥିଲେ । ୨୦୧୪ ନିର୍ବାଚନରେ ଆମ ଓଡ଼ିଶା ପାର୍ଟିରୁ ପ୍ରାର୍ଥୀ ହୋଇ ୩୦ ହଜାରରୁ ଅଧିକ ଭୋଟ ପାଇଥିଲେ । ମିଶ୍ରଣ ପର୍ବରେ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ । ଗତକାଲି କଂଗ୍ରେସର ପ୍ରାଥମିକ ସଭ୍ୟ ଓ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ଉପସଭାପତି ପଦରୁ ଇସ୍ତଫା ଦେଇଥିଲେ ପ୍ରଦୀପ ।

## ଫେରାର ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା,୧୫/୧୧ (ନି.ପ୍ର): ମଣିଷ ଦିନକୁ ଦିନ ପଶୁ ଭଳି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏକ ଅସାଦାଚରଣ ମାମଲାରେ ଅଭିଯୁକ୍ତ ଥାଇ ଦୀର୍ଘ ଦିନରୁ ଫେରାର ଥିବା ଅସାମୀକୁ କେନ୍ଦ୍ରାପଡା ସଦର ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କୁଶିଆପାଳ ଗ୍ରାମର ମୃତ୍ୟୁଞ୍ଜୟ ସାହୁ ଙ୍କ ସ୍ତ୍ରୀ ୨୦୨୧ ଜାନୁଆରୀ ମାସ ୯ ତାରିଖରେ ଥାନରେ ଅଭିଯୋଗ କରିଥିଲେ । ପୋଲିସ ତରଫରୁ ୧୦/୨୧ ମାମଲା ରୁଜୁ କରି ଆସାମୀ କୁ ଖୋଜୁଥିବା ବେଳେ ସେ ଫେରାର ହୋଇ ଯାଇଥିଲେ । ପୋଲିସ ଖବର ପାଇ ଆସାମୀକୁ ଲଛମନଜୀୟୁ ମନ୍ଦିର ନିକଟରୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୫/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୮୩୭୯ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ....

ରହିଥିଲା ଅଭୟାରଣ୍ୟ । କରୋନାର କୋପ କମିବା ପରେ ତାହା ଖୋଲିଥିଲା । ପରେ ଅର୍ଥାତ ମେ' ୧୫ ତାରିଖରେ ବର୍ଷା ଋତୁକୁ ଆଖି ଆଗରେ ରଖି ବନ୍ଦ କରାଯାଇଥିଲା ଅଭୟାରଣ୍ୟ । ବର୍ଷା ଦିନେ ଅଭୟାରଣ୍ୟ ମଧ୍ୟରେ ଥିବା ମାଟି ରାସ୍ତାରେ ଯିବା ସମ୍ଭବପର ହେଉ ନ ଥିବାରୁ ପ୍ରତି ବର୍ଷ ବର୍ଷାଋତୁରେ ଏହାକୁ ବନ୍ଦ କରାଯାଇଥାଏ । ଏହାପରେ ଶୀତ ଆଗମନ ହେଲେ ପର୍ଯ୍ୟଟକଙ୍କ ପାଇଁ ଖୋଲିଥାଏ ଶିମିଳିପାଳ ଗେଟ୍ । ନଭେମ୍ବର ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଥିବା ଶିମିଳିପାଳ ଗେଟ୍ । ସଜେଇ ହୋଇଥିଲା ସୁନ୍ଦରୀ ଶିମିଳିପାଳ । ଚଳିତ ବର୍ଷ ଶିମିଳିପାଳକୁ ପ୍ଲାଷ୍ଟିକମୁକ୍ତ ଘୋଷଣା କରାଯାଇ ଥିବା ବେଳେ ପର୍ଯ୍ୟଟକମାନେ କୌଣସି ପ୍ଲାଷ୍ଟିକ ସାମଗ୍ରୀ ନେଇ ଭିତରକୁ ପ୍ରବେଶ କରିପାରିବେ ନାହିଁ ବୋଲି କୁହାଯାଇଥିଲଶ । ତା' ସହିତ ଦହନଶୀଳ ପଦାର୍ଥ ଓ ମାଦକ ଦ୍ରବ୍ୟ ଉପରେ ମଧ୍ୟ ଲଗାଯାଇଛି କଟକଣା । ଶିମିଳିପାଳ ଖୋଲିବା ପରେ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ତଥା ଏହାର ଘଞ୍ଚ ଜଙ୍ଗଲରେ ହଜି ଯିବାରୁ କାହିଁ କେତେ ଦୂରରୁ ଯାତ୍ରୀମାନେ ଧାଇଁ ଆସିଥିଲେ । ଏହି ସମୟରେ ବାରିପଦାର ପିଠାବଟା ଓ ଯଶୀପୁରର କାଳିଆମି ଗେଟ୍ ପଟୁ ଯାତ୍ରୀ ପ୍ରବେଶ ଅନୁମତି ମିଳିଥିଲା । ଉଭୟ ପାର୍ଶ୍ୱରୁ ୬୦ଟି ଗାଡ଼ିକୁ ପ୍ରବେଶ ଅନୁମତି ମିଳିଥିବା ବେଳେ ସକାଳ ୭ଟାରୁ ୯ଟା ମଧ୍ୟରେ ପ୍ରବେଶ କରିବାକୁ କୁହାଯାଇଥିଲା । ଏବେ ଶିମିଳିପାଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ଏପରି ହଠାତ ବନ୍ଦ ଘୋଷଣା ଯୋଗୁ ସେମାନେ ନିରାଶ ହୋଇଛନ୍ତି । ଗତ ବର୍ଷ ଶିମିଳିପାଳକୁ ୪୩ ହଜାର ପର୍ଯ୍ୟଟକ ଆସିଥିବା ବେଳେ ୨ କୋଟି ୩୫ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା । ହେଲେ ଏ ବର୍ଷ କମ୍ ଦିନର ବ୍ୟବଧାନ ପରେ ପୁଣି ଥରେ ବନ୍ଦ ଘୋଷଣା ଯୋଗୁ ଏହାର ପ୍ରଭାବ ଶିମିଳିପାଳ ରାଜସ୍ୱ ଉପରେ ପଡ଼ିପାରେ ବୋଲି ଆଲୋଚନା ହେଉଛି ।

## ଋଷରୁ ଆସିଲା ଅତ୍ୟାଧୁନିକ....

ଆକାଶ ପଥ ଓ ସମୁଦ୍ର ପଥ ଅତିକ୍ରମ କରି ଭାରତରେ ପହଁଚିବ ଋଷର ଅତ୍ୟାଧୁନିକ 'ଏସ-୪୦୦' ଏୟାର ଡିଫେନ୍ସ ମିଜାଇଲ ସିଷ୍ଟମ୍ । ସ୍ଥଳଭାଗରୁ ଆକାଶ ମାର୍ଗକୁ ଲକ୍ଷଙ୍କଭଦ କରି ପାରୁଥିବା ଏହି ଅତ୍ୟାଧୁନି ମିଜାଇଲ ସିଷ୍ଟମ ଦ୍ୱାରା ଭାରତୀୟ ସେନା ଆହୁରି ଶକ୍ତିଶାଳୀ ହୋଇଯିବ । ଉଭୟ ସ୍ଥଳଭାଗରେ ଏବଂ ଆକାଶମାର୍ଗରେ ଶତ୍ରୁକୁ ମାତ୍ ଦେବାରେ ସକ୍ଷମ ଏହି 'ଏସ-୪୦୦' ଏୟାର ଡିଫେନ୍ସ ମିଜାଇଲ ସିଷ୍ଟମ୍ । ୧୫ ଅକ୍ଟୋବର, ୨୦୨୦ରେ 'ଏସ-୪୦୦' ଏୟାର ଡିଫେନ୍ସ ମିଜାଇଲ ସିଷ୍ଟମ ନେଇ ଭାରତ ଓ ଋଷ ମଧ୍ୟରେ ୪୦ ହଜାର କୋଟିର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟାରୀ ଭାରତକୁ ୫ଟି 'ଏସ-୪୦୦' ମିଜାଇଲ ଲଂଚର ଦେବ ଋଷ । ତେବେ ପ୍ରଥମ 'ଏସ-୪୦୦' ମିଜାଇଲ ଲଂଚର ଭାରତରେ ଆସିଛି । ଆଉ ଏହି ପ୍ରଥମ ଅସ୍ତ୍ରକୁ ଭାରତ – ପାକିସ୍ତାନ ସୀମାରେ ମୁତୟନ କରାଯିବ । ସେପଟେ ଭାରତ 'ଏସ-୪୦୦' ମିଜାଇଲ ଲଂଚର କିଣିବା ନେଇ ଚିନ୍ତାରେ ଆମେରିକା । ଋଷ ଠାରୁ ଏହି ମିଜାଇଲ ସିଷ୍ଟମ୍ କିଣିବା ନେଇ ଆମେରିକା ଦ୍ୱାରା ପ୍ରତିବନ୍ଧକ ଲଗାଯାଇପାରେ । ଆମେରିକାର ଆଇନ ଅନୁଯାୟୀ ଋଷ ଏହି ଯୁଦ୍ଧାସ୍ତ୍ର ଭାରତକୁ ବିକ୍ରି କରିବା ଉପରେ ଆମେରିକା କଟକଣା ଲଗାଇପାରେ । ମାତ୍ର ବାଇଡେନ୍ ସରକାର ଭାରତ ଉପରେ 'ଏସ-୪୦୦' ନେଇ କୌଣସି ପ୍ରତିବନ୍ଧକ ଲଗାଇବେ ନାହିଁ ବୋଲି ଜଣାପଡିଛି ।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ....

୧୪୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୧୫୩ କୋଟି ଟଙ୍କାର କାମ ପାଇଁ ଭିତିପ୍ରସ୍ତର ରଖାଯାଇଥିଲା । ଝାରସୁଗୁଡା ଓ ବ୍ରଜରାଜନଗର ପାଇଁ ଦୁଇଟି ୱାଟର ଟ୍ରିଟ୍‌ମେଂଟ ପ୍ଲାଂଟର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ଏହି ଦୁଇଟି ସହରର ଲୋକମାନେ ଭଲ ପିଇବା ପାଣି ପାଇପାରିବେ । ଝାରସୁଗୁଡା ଜିଲ୍ଲାର ସବୁ ଗାଁ ଓ ସବୁ ସହରକୁ ଭଲ ପିଇବା ପାଣି ଯୋଗାଇ ଦେବାପାଇଁ ୬୧୮ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୨ ଜୁନ୍ ସୁଦ୍ଧା ଜିଲ୍ଲାର ୧ ଲକ୍ଷ ୨୨ ହଜାର ପରିବାରକୁ ପାଇପ ପାଣି ଯୋଗାଇ ଦିଆଯିବ । ଜିଲ୍ଲାରେ ଜଳସେଚନ ପ୍ରକଳ୍ପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାର୍ବତୀଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପରେ ଏକ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ଦିଆଯାଇଛି । ଏହାସହିତ ଜିଲ୍ଲାରେ ୧୮୬ କୋଟି ଟଙ୍କାର ୪ଟି ମେଗା ଲିଫ୍ଟ ଜଳସେଚନ କାମ ଚାଲିଛି ଏବଂ ଜିଲ୍ଲାର ସବୁ ଅଂଚଳକୁ ଜଳସେଚନ ର ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ଖୁବ ଶୀଘ୍ର ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଝାରସୁଗୁଡାରେ ନିର୍ମାଣଧୀନ ୧୦୦ ଶଯ୍ୟା ବିଶିଷ୍ଟ ହୃଦରୋଗ ଚିକିତ୍ସାଳୟର ନିର୍ମାଣ ଖୁବ ଶୀଘ୍ର ଶେଷ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ଏହାଦ୍ୱାରା ଲୋକମାନେ ଉନ୍ନତମାନର ଚିକିତ୍ସା ମିଳିପାରିବ ବୋଲି ସେ କହିଥିଲେ । ଏଥିପାଇଁ ୧୦୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜିଲ୍ଲାର ୧ ଲକ୍ଷ ୧୫ ହଜାର ଲୋକ ସ୍ମାର୍ଟ ହେଲ୍‌ଥ କାର୍ଡ ପାଇବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଥିପାଇଁ ଖୁସିବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ମହାନ୍ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ତାଙ୍କର ଆଦର୍ଶ, ସଂଗ୍ରାମ ଓ ଦେଶପ୍ରେମ ଯୁଗ ଯୁଗ ଧରି ଆମକୁ ପ୍ରେରଣା ଦେଉଥିବ । ସ୍ୱାଧୀନତା ସଂଗ୍ରାମୀ ବିହାରୀ ରାମ ତନ୍ତୀ, ଲକ୍ଷ୍ମୀ ନାରାୟଣ ମିଶ୍ର ଓ ଚିନ୍ତାମଣି ପୂଜାରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

## ଦେଶର ପ୍ରଥମ ଅତ୍ୟାଧୁନିକ....

ବିକଶିତ କରିଛନ୍ତି । ପୂରା ରେଳ ଷ୍ଟେସନକୁ ଗ୍ରୀନ ବିଲଡିଂ ଭଳି ତିଆରି କରାଯାଇଛି । ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁରକ୍ଷା ଓ ଚେକିଂ ବ୍ୟବସ୍ଥା ଏଠାରେ ରହିଛି । ଷ୍ଟେସନର ସାମ୍ନା ପଟ ଟର୍ମିନାଲ ଭଳି ହୋଇଛି । ଏହାର ଆଗରେ କାଚ ବି ଲାଗିଛି । ପୂର୍ବରୁ ଭାରତର କୌଣସି ରେଳ ଷ୍ଟେସନରେ ଏସବୁ ବ୍ୟବସ୍ଥା ନଥିଲା । ସୂଚନାଯୋଗ୍ୟ, ଷୋଡ଼ଶ ଶତାବ୍ଦୀରେ ଗୋଣ୍ଡ ଶାସକଙ୍କ ଅଧୀନରେ ଭୋପାଳ ରହିଥିଲା । ଗୋଣ୍ଡ ରାଜା ସୁରତ ସିଂଙ୍କ ପୁଅ ନିଜାମ ଶାହଙ୍କୁ ରାଣୀ କମଳାପତି ବିବାହ କରିଥିଲେ । ରାଣୀ କମଳାପତି ଜୀବନସାରା ସାହସିକତା ଓ ବୀରତ୍ୱର ସହିତ ଆକ୍ରମଣକାରୀଙ୍କ ବିରୋଧରେ ଲଢ଼େଇ କରିଥିଲେ । ମୋଗଲ ସାମ୍ରାଜ୍ୟର ପତନ ପରେ ଭୋପାଳ ଠାରୁ ୫୦ କମି ଦୂରରେ ଜିନ୍ନାଉରଗଡ଼ ନାଁରେ ଗୋଟିଏ ରାଜ୍ୟ ଗଠନ ହୋଇଥିଲା । ଏହାର ଶାସକ ଥିଲେ ରାଜା ନିଜାମ ଶାହ । ତାଙ୍କ ପତ୍ନୀ ହେଉଛନ୍ତି କମଳାପତି ।

# ମମତା ହତ୍ୟା ଘଟଣାରେ ବିଜେପି ମହିଳା ମୋର୍ଚ୍ଚାର ଶୋଭାଯାତ୍ରା



ଜଳେଶ୍ୱର, ୧୫/୧୧(ନି.ପ୍ର) : ଶିକ୍ଷୟତ୍ରୀ ମମତା ମେହେରଙ୍କ ହତ୍ୟା ଘଟଣାରେ ନ୍ୟାୟ ନିମନ୍ତେ ତଥା ମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ବହିଷ୍କାର ଦାବିରେ ଆଜି ସଂଧ୍ୟାରେ ଜଳେଶ୍ୱର ବିଜେପି ମହିଳା ମୋର୍ଚ୍ଚାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଜିଲା ସମ୍ପାଦିକ ସାବିତ୍ରୀ ଜେନା, ଜିଲା ସଭାନେତ୍ରୀ ମାନସୀ ଚିନ୍ମୟୀ ବେହେରା, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ସାଧାରଣ ସଂପାଦିକା ଅଭିପ୍ସା ନାୟକ, ଦମୟନ୍ତୀ ବାଗ, ସୁମତୀ ଦେ, ମାଳତୀ ନାୟକ, ଭାରତୀ ଜେନା, ପ୍ରବୀର ପ୍ରଧାନ, ଆଦିତ୍ୟ ନାରାୟଣ ପାତ୍ର, ଅଂଶୁମାନ ମାହାନ୍ତି ଙ୍କ ସହିତ ଶତାଧିକ ମହିଳା ଜଳେଶ୍ୱର ଡାକବଂଗଳ ପରିସରରୁ ଷ୍ଟେସନ ଛକଯାଏ ଯାଇ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ । ଏଥିଲାଗି ମହିଳାମାନେ ବିଭିନ୍ନ ନାରାବାଜି ସହିତ ରାଜ୍ୟ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ ।

# ରେଳବୋର୍ଡ ନେଇଥିବା ନିଷ୍ପତ୍ତିକୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରାଙ୍କ ସ୍ୱାଗତ

ବସ୍ତା,୧୫/୧୧ (ନି.ପ୍ର): କରୋନା ପୂର୍ବରୁ ଚାଲୁଥିବା ସମସ୍ତ ରେଳଗାଡିକୁ ପୁରୁଣା ନମ୍ବର ଓ ରହଣି ସୁବିଧାରେ ପ୍ରଚଳିତ କରିବାପାଇଁ ରେଳବୋର୍ଡ ଗତ ୧୨ ତାରିଖ ନେଇଥିବା ନିଷ୍ପତ୍ତି କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା ସ୍ୱାଗତ କରିଛନ୍ତି ଓ ଏଥିପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । କିନ୍ତୁ ଯାତ୍ରୀ ସୁବିଧା ପୂର୍ବବତ୍ ବଳବତ୍ତର ରହିବ କି ନାହିଁ ସେ ବିଷୟରେ ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ଏଠାରେ ପ୍ରକାଶ ଥାଉକି ବସ୍ତା ରେଳଷ୍ଟେସନ ରେ କରୋନା ବାହାନାରେ ଇଷ୍ଟକୋଷ୍ଟ ଓ ଉତ୍କଳ ଏକ୍ସପ୍ରେସ ରହୁନାହିଁ । ବରିଷ୍ଠ ନାଗରିକ, କ୍ୟାନ୍ସର ରୋଗୀ,ବିକଳାଙ୍ଗ, ଖେଳାଳୀ ମାନଙ୍କୁ ରିହାତି ଦେବାସହ ଛାତ୍ରଛାତ୍ରୀ, କର୍ମଚାରୀ, ଦିନମଜୁରିଆ ଓ ଛୋଟ ବ୍ୟବସାୟଙ୍କ ପାଇଁ ମାସିକ ସିଜନ ଟିକେଟ ତୁରନ୍ତ ପ୍ରଚଚଳନ କରାଯାଉ ।କଲିକତା ଓ ଅନ୍ୟ ଉପନଗରୀୟ ସୁବିଧା ଭଳି ଖଡଗପୁର ଭୁବନେଶ୍ୱର ମଧ୍ୟରେ ଉଚ୍ଚ ଶ୍ରେଣୀ ସିଜନ ଟିକେଟ ପ୍ରଚଳନ କରାଯାଉ ।ରେଳ ଷ୍ଟେସନରେ ପୂର୍ବଭଳି ଖାଦ୍ୟପେୟ ଦୋକାନ ଅନୁମତି ଦିଆଯାଉ । ଦୂରଗାମୀ ଏକ୍ସପ୍ରେସ ଟ୍ରେନରେ ଅସଂରକ୍ଷିତ ସାଧାରଣ ଶ୍ରେଣୀ ରେ ମଧ ଯାତାୟତର ସୁବିଧା ଯୋଗାଇ ଦିଆଯାଉ ।କାରଣ ଅଧିକାଂଶ ଯାତ୍ରୀ ସଂରକ୍ଷିତ ଟିକଟ ନପାଇ ଦୂରଯାତ୍ରାରୁ ବଞ୍ଚିତ ହେଉଛନ୍ତି ତଥା ଜରୁରୀ ପରିସ୍ଥିତିରେ ରୋଗୀମାନେ ବିଶେଷ ହଇରାଣ ହେଉଛନ୍ତି । କରୋନା ସମୟରେ ଜନସାଧାରଣ ଙ୍କ ଆର୍ଥିକ ପରିସ୍ଥିତି ନିମ୍ନଗାମୀ ହୋଇଥିବାରୁ ଆଗାମୀ ମାର୍ଚ୍ଚ ମାସରେ କୌଣସି ରେଳଭଡା ନ ବଢାଇ ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ଯଥାସ୍ଥିତି ବଜାୟ ରଖିବାକୁ ଶ୍ରୀ ବେହେରା ରେଳବିଭାଗକୁ ଅନୁରୋଧ କରିଛନ୍ତି ।

ବାଲେଶ୍ୱର, ମଙ୍ଗଳବାର, ୧୬ ନଭେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଠିଆକିଆ ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ

ପୁରୀ,୧୫/୧୧ (ନି.ପ୍ର): ପଞ୍ଚକ ପ୍ରାରମ୍ଭ ଦିବସ ତଥା ଦେବୋ ।ପନ ଏକାଦଶୀ ତିଥିରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଠିଆକିଆ ବେଶ ନାମରେ ପରିଚିତ ଶ୍ରୀଜିଉମାନଙ୍କର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ବେଶ ସଂପନ୍ନ ହୋଇଛି । ତେବେ ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କାରେ ଶ୍ରୀମନ୍ଦିର ପ୍ରଶାସନର ପୂର୍ବନିଷ୍ପତ୍ତି ଅନୁଯାୟୀ ଆଜି ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ଲାଗି ବନ୍ଦ ଥିବାରୁ ଶ୍ରୀବିଗ୍ରହମାନଙ୍କର ଏହି ଚିତାକର୍ଷକ ବେଶ ଦର୍ଶନରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଛନ୍ତି । ସୋମବାର ଲକ୍ଷ୍ମୀନାରାୟଣ ବେଶରେ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ସ୍ୱର୍ଣ୍ଣ ଶ୍ରୀଭୁଜ ଓ ଶ୍ରୀପୟର ଲାଗି କରାଯାଇଥିଲା । ତିନି ଦାରୁ ବିଗ୍ରହଙ୍କ ମସ୍ତକରେ ସ୍ୱର୍ଣ୍ଣ କିରିଟୀ ଶୋଭାପାଉଥିଲା । ବିଗ୍ରହମାନଙ୍କୁ କର୍ଣ୍ଣ, କଦମ୍ବମାଳି, ହରିଡା କଦମ୍ବମାଳି, ବାହାଡା ମାଳି, ତାବିଜମାଳି, ବାଘନଖିମାଳି, ସେବତୀମାଳି, ଘାଗଡାମାଳି, ଅଳକା, ଶ୍ରୀମୁଖ ପଦ୍ମ, ଓଡିଆଣୀ, ଚନ୍ଦ୍ରସୂର୍ଯ୍ୟ ଓ ସ୍ୱର୍ଣ୍ଣକିଆ ଖଚିତ ଟୋପରରେ ସଜ୍ଜିତ କରାଯାଇଥିଲା । ସ୍ୱର୍ଣ୍ଣ କୁଣ୍ଡଳ ଓ ତ୍ରିଶାଖାରେ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ର ଭୂଷିତ ହୋଇଥିଲେ । ଶ୍ରୀଜଗନ୍ନାଥଙ୍କ ଦୁଇ ସ୍ୱର୍ଣ୍ଣ ଶ୍ରୀଭୁଜରେ ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ ଶୋଭାପାଉଥିଲା । ପ୍ରଭୁ ବଳଭଦ୍ର ହଳ ଓ ମୂଷଳ ଧାରଣ କରିଥିଲେ । ଦେବୀ ସୁଭଦ୍ରାଙ୍କୁ ୨ଟି ତଡଗୀରେ ଭୂଷିତ କରାଯାଇଥିଲା । ପାଟବସ୍ତ୍ର ଓ ପୁଷ୍ପମାଲ୍ୟରେ ସଜ୍ଜିତ ତିନି ଠାକୁରଙ୍କ ସ୍ୱର୍ଣ୍ଣ କିରିଟୀର ପଶ୍ଚାତ ଭାଗରେ ସ୍ୱର୍ଣ୍ଣ କିଆ ଖଞ୍ଜାଯାଇଥିଲା । ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ବେଶ ମଇଲମ କରାଯାଇ ମଧ୍ୟାହ୍ନ ଧୂପ ସଂପନ୍ନ ହୋଇଥିଲା । ଦ୍ୱାଦଶୀ ତିଥିରେ ଅର୍ଥାତ ଆସନ୍ତାକାଲି ମହାପ୍ରଭୁ ବାଙ୍କଚୂଡ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଫଳରେ ଭକ୍ତମାନଙ୍କ ଭିଡ ଅଧିକ ବଢିବ ବୋଲି ଆଶା କରାଯାଉଛି । ଶାନ୍ତି ଶୃଙ୍ଖଳାରକ୍ଷା ଓ ଭିଡ଼ ନିୟନ୍ତ୍ରଣ ଲାଗି ୨୯ଜଣ ଇନ୍ସପେକ୍ଟର, ୧୦୨ଜଣ ସବ୍‌ଇନ୍ସପେକ୍ଟର ଓ ଏଏସଆଇ,୪୦ ଜଣ ହାବିଲଦାର କନଷ୍ଟେବଳ, ୬୫ ଜଣ ହୋମଗାର୍ଡ଼ ଓ ୨୦ ପ୍ଲାଟୁନ୍ ଫୋର୍ସଙ୍କୁ ନିୟୋଜିତ କରାଯାଇଛି ।

# ନିଷ୍ଟ କଲେଜ ପକ୍ଷରୁ ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୧୫/୧୧ (ନି.ପ୍ର): ପବିତ୍ର ଶିଶୁ ଦିବସ ଅବସରରେ ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିଷ୍ଟ +୨ ବିଜ୍ଞାନ ଓ କଳା କଲେଜ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଉଦଘାଟନ କରିବା ସହିତ ନିଷ୍ଟ କଲେଜ କର୍ତ୍ତୃପକ୍ଷଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହା ଛାତ୍ରଛାତ୍ରୀଙ୍କୁ ଆଗକୁ ଯିବା ପାଇଁ ଉତ୍ସାହିତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ । ସମାଜସେବୀ ସୁବ୍ରତ କର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ନିଷ୍ଟ କଲେଜ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରା ବେଶ ପ୍ରଶଂସନୀୟ ବୋଲି କହିଥିଲେ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଡ଼େପୁଟି ସେକ୍ରେଟାରୀ ଜୟଦେବ ପରମାଣିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଷ୍ଟର ସର୍ବଭାରତୀୟ ସ୍ତରରେ ସଫଳତା ଅନ୍ୟମାନଙ୍କ ପାଇଁ ଉଦହରଣ ହୋଇଛି ବୋଲି କହିଥିଲେ । ରସାୟନ ବିଜ୍ଞାନ ଅଧ୍ୟାପକ ତଥା ଅଗ୍ନିଢ଼େଣା ବିଜ୍ଞାନ ପତ୍ରିକାର ସଂପାଦକ ଡଃ ପଙ୍କଜ କୁମାର ଜେନା ଏଥିରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କାଲାମ୍ ପରି ଗରିବ ମେଧାବୀ ପିଲାମାନଙ୍କ ପଢ଼ିବା ପାଇଁ ଦରକାର ପଡ଼ିଲେ କିଡ଼ନି ବିକ୍ରି କରିଦେବେ ବୋଲି କହିଥିଲେ । ଡଃ ଜେନା ବାଲେଶ୍ୱର ଜିଲ୍ଲାର ଛାତ୍ରଛାତ୍ରୀ ସମଗ୍ର ବିଶ୍ୱସ୍ତରରେ କେମିତି ଏକ ନମ୍ବର ହେବେ ସେଥିପାଇଁ ସହଯୋଗ କରିବା ପାଇଁ ସମସ୍ତ ମିଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରିଥିଲେ । ଏବଂ ଦୀର୍ଘ ୨୦ ବର୍ଷ ତଳେ ବାଲେଶ୍ୱରକୁ ସାରା ଓଡ଼ିଶାର ପିଲା ପଢ଼ିବାକୁ ଆସୁଥିଲେ । ବାଲେଶ୍ୱର ଜିଲ୍ଲା ଓଡ଼ିଶାର କେରଳ ବୋଲି କୁହାଯାଉଥିଲା । ଆଜି ଆମ ପିଲା କାହିଁକି କୋଟା, ଭୁବନେଶ୍ୱର ଦୌଡୁଛନ୍ତି ଓ ସେଥିପାଇଁ କିଏ ଦାୟୀ ବୋଲି ପ୍ରଶ୍ନ କରିଥିଲେ, ଆସନ୍ତୁ ଆମେ ସମସ୍ତେ ମିଳିମିଶି ବାଲେଶ୍ୱରକୁ ଏଜୁକେସନ ହବ୍ କରିବା ଓ ଏକ ନମ୍ବର ଶିକ୍ଷା ଜିଲ୍ଲା କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ଡ଼ାକ୍ତରୀ ଶିକ୍ଷା ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ନିଷ୍ଟ କଲେଜର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ପୌଢ଼ନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ପ୍ରଥମ ହୋଇଥିବା ଓ ନିଟ୍ ପରୀକ୍ଷାରେ ୬୧୧ ମାର୍କ ରଖିଥିବା କୁଳଦୀପ୍ ଦତ୍ତଙ୍କ ସମେତ ପ୍ରିୟରଂଜନ ନାୟକ ଓ ଇପସିତା ବେହେରାଙ୍କୁ ଅତିଥିମନେ ସମ୍ବର୍ଦ୍ଧିତ କରିଥିଲେ । ସମାଜସେବୀ କେଶବ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପଦ୍ମିନୀ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ରୁଦ୍ରମଣୀ ସ୍ୱାଇଁ, ଲକ୍ଷ୍ମୀକାନ୍ତ ପଣ୍ଡା, ସୌମ୍ୟକାନ୍ତ ଦଳାଇ, ଅ୍ଧାପିକା ସୁଚିସ୍ମିତା କର, ଶ୍ରୀତୋସ୍ମା ମହାପାତ୍ର, ରାଜଶ୍ରୀ ପଣ୍ଡା, ସୁଭ୍ରା ଚାନ୍ଦ, ଅ୍ଧାପକ ଆଦିତ୍ୟ ନାରାୟଣ ବେହେରା, ସତ୍ୟ ସ, ଅବିନାଶ ପଣ୍ଡା, ଲୋକରଂଜନ ମହାପାତ୍ର, ଦିପ୍ତୀମାନ ପତି, ନିବାରଣ ସତପଥୀ, ଜିତେନ୍ଦ୍ର ଜେନା, ରତିନ ପ୍ରଧାନ, ଚିରଂଜିବ ରାଉତ, ତାପସ ମିଶ୍ର, ପର୍ଶୁରାମ ଗିରି, ସଦାଶିବ ଜେନା, ଅଜିତ କୁମାର ସାହୁ, ରତିକାନ୍ତ ରାଉଳ, ମନୋଜ କୁମାର ପ୍ରଧାନ, ରାଜେନ୍ଦ୍ର ମନ୍ତ୍ରୀ, ଉତମ କୁମାର ବେହେରା, ଉମାକାନ୍ତ ଜେନା, ଲକ୍ଷ୍ମୀକାନ୍ତ ନାଥ, ଚିନ୍ମୟ ବେହେରା, ସୁକୁମାର ପରିଡ଼ା, ନିତ୍ୟାନନ୍ଦ ପାତ୍ର, ସୁବାସ ବେହେରା, ସତ୍ୟ ରଂଜନ, ପ୍ରଭାରାଣୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

# ଖଇରା ବ୍ରାହ୍ମଣସମିତି ପକ୍ଷରୁ ବ୍ରହ୍ମଯଜ୍ଞ



ଖଇରା,୧୫/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଦ୍ୟାଧରପୁରଶାସନସ୍ଥିତ ହରିହର ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ସୋମବାର ଦିନ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ରମାକାନ୍ତ ଶତପଥି ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ମୁକ୍ତିକାନ୍ତ ଶତପଥି ଓ ବିଭୁତି ତ୍ରିପାଠୀ ବ୍ରତୀ ଭାବେ ଘଟୋତ୍ତଳନ କରିଥିଲେ । ଅନାମାନନ୍ଦ ଦାଶ, ଶରତ ଚନ୍ଦ୍ର ପଣ୍ଡା, ମୁକ୍ତିକାନ୍ତ ପାଢୀ, ବିପିନ ବିହାରି ତ୍ରିପାଠୀ, ଦୁର୍ଯୋଧନ ଶତପଥି, ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ଆଚାର୍ଯ୍ୟ ଭାବେ ଯଜ୍ଞାର୍ଚ୍ଚନ କରିଥିଲେ । ସଭାପତି ଜଳଧର ମିଶ୍ର, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଉପେନ୍ଦ୍ର ପ୍ରସାଦ ପାଢୀ,ବିଷ୍ଣୁମୋହନ ଶତପଥି, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ, ସମ୍ପାଦକ ଦ୍ୱାରିକାନାଥ ଶତପଥି, ଗୌରଚନ୍ଦ୍ର ପାଠୀ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।

# ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ଯତ୍ନ ସପ୍ତାହ ପାଳନ

କେନ୍ଦ୍ରାପଡ଼ା, ୧୫/୧୧ (ନି.ପ୍ର): ନିରାପତା ଓ ଗୁଣବତା ଯୁକ୍ତ ଲାଳନ ପାଳନ ପ୍ରତ୍ୟେକ ଶିଶୁର ଜନ୍ମଗତ ଅଧିକାର । ନବଜାତ ଶିଶୁକୁ ଉତମ ଭାବେ ପାଳନ ପୋଷଣ ସହ ସୁସ୍ଥ ସବଳ କରିବା ପ୍ରତ୍ୟେକ ପିତାମାତାଙ୍କ ମୁଖ୍ୟ ଦାୟିତ୍ୱ । ନବଜାତ ଶିଶୁ ଠାରେ ଦେଖା ଦେଉଥିବା ବିଦପ ସଙ୍କେତ ଗୁଡିକୁ ଚିହ୍ନଟ କରି ପ୍ରଥମରୁ ଚିକିତ୍ସା କରାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଉପସ୍ଥିତ ଆଶାକର୍ମୀ, ଏଏନ୍‌ଏମ୍ କର୍ମୀ ଓ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ନବଜାତ ଶିଶୁ ଠାରେ ଦେଖା ଦେଉଥିବା ବିଦପ ସଙ୍କେତ ଗୁଡିକ ଯଥା, ବାତ ମାରିବା, ନିସ୍ତେଜ ରହିବା, ଜ୍ୱର ହେବା, ମା କ୍ଷୀର ଖାଇ ନ ପାରିବା, ଦେହ ଥଣ୍ଡା ଲାଗିବା, ମନିଟ କୁ ୬୦ଥର ରୁ ନିଶ୍ୱାସ ନେବା ଓ ନିଶ୍ୱାସ ପ୍ରଶ୍ୱାସ ନେବା ସମୟରେ ଛାତିତଳ ଭିତରକୁ ପଶିଯିବା ଆଦି ଲକ୍ଷଣ ଗୁଡିକ ଚିହ୍ନଟ କରି ପ୍ରତିକାର କରାଇବା ବିଷୟରେ ଆଲୋଚନା କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚିତାନନ୍ଦ ମିଶ୍ରଙ୍କ ସହ ଶାନ୍ତିଲତା ଚାନ୍ଦ, ମିନତୀ ମହାପାତ୍ର, ଜ୍ୟୋତି ରଞ୍ଜନ ରାଉତ, କୃଷ୍ଣଚନ୍ଦ୍ର ଲୋହା, ମନସୁର ରହିମ୍, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କଥା ଦେଇ କଥା ରଖିଲା ମୁନ୍ ଟିଭି ମୁଭିଜ୍



ଭୁବନେଶ୍ୱର,୧୫/୧୧ (ନି.ପ୍ର): ପ୍ରଥମ ଥର ପାଇଁ ଏକା ସଙ୍ଗେ ୧୦ଟି ଚଳଚ୍ଚିତ୍ରର ମହୁରତ କରି ରେକର୍ଡ ସୃଷ୍ଟି କରିଥିଲେ । ଆଉ ଏବେ ପ୍ରଥମ ଚଳଚ୍ଚିତ୍ର 'ତୁ ସେଇ ନୀଳ ନୟନା' ସୁଟିଂ ସରୁ ସରୁ ଦ୍ୱିତୀୟ ଚଳଚ୍ଚିତ୍ର ଲଭ୍ ୪୨୦ ର ମହୁରତ ସହ ସୁଟିଂ ଆରମ୍ଭ । ବ୍ରମୁଣ୍ଡା ସିରିଡ଼ି ସାଇ ମନ୍ଦିରରେ ମୁନ୍ ଟିଭି ମୁଭିଜ୍‌ର ପ୍ରଯୋଜକ ସଚ୍ଚିକାନ୍ତ ଜେନା ଓ ବିନି ପଟ୍ଟନାୟକ, କ୍ରିଏଟିଭ ହେଡ ପ୍ରଣୟ ଜେଠୀ, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ (ବାପି), ଅଭିନେତା ଜ୍ୟୋତିଙ୍କ ଉପସ୍ଥିତିରେ ମହୁରତ ଅନୁଷ୍ଠିତ ହୋଇଛି । ସୁଟିଂ ଭୁବନେଶ୍ୱର, କଟକ, ବାରିପଦା ସହ ଗୀତ ସୁଟିଂ ହାଇଦ୍ରାବାଦ ଓ କୋଲକାତାରେ ହେବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ପ୍ରକାଶ । ଚଳଚ୍ଚିତ୍ରରେ ସଂଳାପ ରଚନା କରିଛନ୍ତି ଡଃ ରଜନୀରଞ୍ଜନ ଓ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଭିଜିତ ମଜୁମଦାର । ଏଥିରେ ଅଭିନୟ କରୁଛନ୍ତି ଜ୍ୟୋତି, ଶୀତଲ, ବବି ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ନବାଗତ ଏଲିସା, ସୁନୀତା, ହରି, ହାଡୁ ପ୍ରମୁଖ ଅଭିନୟ କରୁଛନ୍ତି ।

# ମଧୁମେହ ଓ ନିମୋନିଆ ସଚେତନତା ଶିବିର



ଖଇରା, ୧୫/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଦିନ ମଧୁମେହ ଓ ନିମୋନିଆ ରୋଗ ସଚେତନତା କାର୍ଯ୍ୟକ୍ରମ ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଆୟୁସଡାକ୍ତର ଜୟନ୍ତ କୁମାର ସାମଲ,ଫାର୍ମାଷିଷ୍ଟ ସୁଶାନ୍ତ ତରେଇ ଅତିଥି ଭାବେ ଯୋଗ ଦେଇ ମଧୁମେହ ଓ ନିମୋନିଆ ରୋଗ ନିରାକରଣ ଉପରେ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ । ପରେ ଯୋଗ ଶିକ୍ଷକ ପାଣିଗ୍ରାହୀ ଉପସ୍ଥିତ ଜନସାଧାରଣ, ସ୍ୱାସ୍ଥ୍ୟକର୍ମଚାରୀ ଉପରୋକ୍ତ ୨ରୋଗର ନିରାକରଣ ପାଇଁ ବିଭିନ୍ନ ଆସନ ଯଥା ମଣ୍ଡୁକାସନ, କପାଳଭାତି, ଏବଂ ପ୍ରାଣାୟାମ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ମନୋରଞ୍ଜନ ବେହେରା, ଦାମୋଦର ମୁଖୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ମୃଷାନଦୀର ପ୍ରଥମ ପର୍ଯ୍ୟାୟ ସଂପ୍ରସାରଣ ଲାଗି ଜନ ଶୁଣାଣି ଶିବିର

ପୁରୀ୧୫/୧୧ (ନି.ପ୍ର): ମୃଷାନଦୀର ପ୍ରଥମ ପର୍ଯ୍ୟାୟ ସଂପ୍ରସାରଣ ଲାଗି ସମଙ୍ଗ,ମାଟିତୋଟା ଓ ମାର୍କଣ୍ଡେଶ୍ୱରସାହି ମୌଜାର ମୋଟ ୪୬.୬୦୯ ଜମି ଅଧିଗ୍ରହଣ କରାଯିବ । ଏଥିପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଆଜି ଜନଶୁଣାଣି କରାଯାଇଥିଲା । ଅଧିଗ୍ରହଣ ହେବାକୁ ଥିବା ଜମି ମଧ୍ୟରେ ମାର୍କଣ୍ଡେଶ୍ୱରସାହି ମୌଜାର ୭.୨୯୩ ଏକର, ମାଟିତୋଟାର ୧୦.୯୭ଏକର ଓ ସମଙ୍ଗର୨୮.୩୪୬ଏକର ଜମି ରହିଛି । ସେଥିମଧ୍ୟରେ ୮.୯୮ଏକର ସରକାରୀ ଜମି,୧୧.୭୫୭ଏକର ଶ୍ରୀଜଗନ୍ନାଥଙ୍କ ଜମି,୨୪ ଡ଼ିସିମିଲ ମଠ ଜମି,୫.୧୧୦ଏକର ଠାକୁରଣୀଙ୍କ ଜମି ଓ ୨୦.୫୨୨ ଏକର ବେସରକାରୀ ଜମି ଅନ୍ତର୍ଭୁକ୍ତ । ବେସରକାରୀ ଜମି ମଧ୍ୟରୁ ୧୨.୭୪୬ ଜମି ଇତି ମଧ୍ୟରେ ଅଧିଗ୍ରହଣ ହୋଇ ସାରିଛି । ଅବଶିଷ୍ଟ ୭.୭୭୬ଏକର ଜମି ଅଧିଗ୍ରହଣ ଲାଗି ଆଜି ଜନଶୁଣାଣି କରାଯାଇଥିଲା । ଭୂ ଅର୍ଜନର ସ୍ୱତନ୍ତ୍ର ଅଧିକାରୀ କୈଳାଶ ଚନ୍ଦ୍ର ନାୟକ, ଉପ ଜିଲ୍ଲାପାଳ ଭବତାରଣ ସାହୁ,ଓଡ଼ିଶା ସେତୁ ନିଗମ ନିର୍ବାହୀଅଧିକାରୀ ସୁନ୍ଦର ମାଧବ ପାଢୀ,ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ ମହାପାତ୍ର,ଶ୍ରୀମନ୍ଦିର କାର୍ଯ୍ୟାଳୟର ଉପ ପ୍ରଶାସକ ସନ୍ତୋଷ କୁମାର ଶତପଥୀ,ପୁରୀ ତହସିଲଦାର ରବିନ୍ଦ୍ର ପ୍ରଧାନ,ଭୂ ଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା,ପୁରୀ ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ରାୟ,ସମଙ୍ଗ ସରପଞ୍ଚ ପ୍ରମିଳା ପାତ୍ର,କର୍ତ୍ତବ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ସୁଚରିତା ପାଢୀଙ୍କ ସମେତ ଜମିହରାଇବାକୁ ଥିବା ପକ୍ଷମାନେ ଜନଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

# ବିର୍ସା ମୁଣ୍ଡାଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱ,୧୫/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ଜନନାୟକ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବୀର ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ଜନନାୟକ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ତାଙ୍କ ବିରତ୍ୱ ଓ ପରାକ୍ରମ ଏକ ସ୍ୱତନ୍ତ୍ର ଅଧ୍ୟାୟ । ଆଦିବାସୀମାନଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ତାଙ୍କ ସଂଗ୍ରାମ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛି ।

# ନିର୍ବାଚିତ ପ୍ରତିନିଧିଙ୍କୁ ବିଧାନସଭାରେ ଆସିବାକୁ ନଦେବାର ଅଧିକାର କାହାର ନାହିଁ : ଅଶ୍ୱିନୀ ପାତ୍ର

ଭୁବନେଶ୍ୱର,୧୫/୧୧ (ନି.ପ୍ର): ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବିଧାନସଭାମଧ୍ୟକୁ ପ୍ରବେଶ କରାଇଦିଆଯିବ ନାହିଁ ବୋଲି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ବକ୍ତବ୍ୟର ଉତର ଦେଇଛି ବିଜେଡି । ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ବିଧାନସଭାରେ ପସାଇ ଦେବେ ନାହିଁ , ଏମିତି ଅଧିକାର କାହାର ନାହିଁ । ଏହି ବ୍ୟବସ୍ଥାକୁ ଯେଉଁମାନେ ଉଲଘଂନ କରିବେ ସେହି ଅନୁସାରେ ସେମାନେ ଫେସ କରିବେ । ସେମାନେ ଯାହା ଆଭିଯୋଗ ଆଣୁଛନ୍ତି ତାକୁ ପ୍ରଥମେ ପ୍ରମାଣିତ କରନ୍ତୁ । ପ୍ରମାଣ ଯଦି ଅଛି କୋର୍ଟ ଅଫ ଲ ରେ ଦିଅନ୍ତୁ । ଏମିତି ବ୍ଲେମ୍ କରିଦେଲେ ତାହା ସତ ହୋଇଯିବନି । ପବିତ୍ର କି ଅପବିତ୍ର ସନ୍ତୋଷ ସିଂ ସାଲୁଜା ଯାହା କହିଦେଲେ ତାହା ବେଦର ଗାର ନୁହେଁ । ଆମର ବିବେକ ବିଚାର ଅଛି ଆମେ ଦେଖିବୁ । ପ୍ରକୃତରେ ଯଦି ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବ ତାହା ତଦନ୍ତ ହୋଇ ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତି ନେବା କଥା ନେବେ । ଯେହେତୁ ଗୃହ ବିଭାଗ ତାଙ୍କର ସେ ନିଷ୍ପତି ନେବେ । ବିରୋଧୀମାନେ ବିଧାନସଭାରେ ଯାହା ପ୍ରସଙ୍ଗ ଉଠେଇବେ ତାର ଜବାବ ଦେବାକୁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର,୧୫/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଙ୍ଗଠନର ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲାପାଳଙ୍କୁ ସାକ୍ଷାତ ସହ ସାମ୍ପ୍ରତିକ ସ୍ଥିତିରେ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଏବଂ ତା'ର ସମାଧାନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରିଥିଲେ । ସେମାନଙ୍କ କହିବା ଅନୁସାରେ ୨୦୦୮ ମସିହା ପରଠାରୁ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଅନୁଦାନଭୁକ୍ତ କରିବା ପାଇଁ ବହୁବାର ଦାବି ହୋଇ ଆସିଛି । ପ୍ରତିଶ୍ରୁତି ମିଳିଥିଲେ ବି ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ । ଏନେଇ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ଦାବିରେ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସମଗ୍ର ଓଡ଼ିଶାରେ ଦାବିପତ୍ର ପ୍ରଦାନ କରାଯାଉଥିବା ସେମାନେ ସୂଚନା ଦେଇଛନ୍ତି । ଏହି ଦାବିରେ ଆସନ୍ତା ୨୨ ତାରିଖରେ ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଶ୍ରୀକ୍ଷେତ୍ର ପୁରୀରୁ 'ଅଧିକାର ରଥଯାତ୍ରା' ଆରମ୍ଭ ହେବା ସହ ୨୯ ତାରିଖରେ କଟକରୁ ବିଶାଳ ପଦଯାତ୍ରାରେ ନବୀନ ନିବାସ ପର୍ଯ୍ୟନ୍ତ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି । ଆଜି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ସଂଘର କର୍ମକର୍ତ୍ତାଙ୍କ ସମେତ ବାଲେଶ୍ୱର ଶାଖାର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ପୌରାଞ୍ଚଳରେ ସାମିଲ ହେଲାନି ଉଦୟନଗର-ଶକ୍ତିନଗର

## ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

ବାଲେଶ୍ୱର,୧୫/୧୧ (ନି.ପ୍ର): ପାଣରେ ରହି ପାଣିକୁ ଛୁଇଁ ନ ପାରିବା ଭଳି ସ୍ଥିତିରେ ଥିବା ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆ ଅନ୍ତର୍ଗତ ୟୁନିଟ ୪ ଓ ୫ଉଦୟନଗର ଓ ଶକ୍ତିନଗର ଅଞ୍ଚଳବାସୀ ଏବେ ନିଜର ପରିଚୟକୁ ନେଇ ଉଠାଇଛନ୍ତି ପ୍ରଶ୍ନ । ଏହି ପରିପ୍ରେକ୍ଷୀରେ ଯୁବ ସମାଜସେବୀ ତଥା 'ଆମ ବାଲେଶ୍ୱର' ସଙ୍ଗଠନର ମୁଖ୍ୟ ନିଶିଥ କୁମାର ବାରିକଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଉଦୟନଗର ଓ ଶକ୍ତିନଗର ବିକାଶ ମଞ୍ଚର ଦୁଇ ପ୍ରମୁଖ କର୍ମକର୍ତ୍ତା କୈଳାସ ପତିତିଣ୍ଡାରୀ ଓ ଭାସ୍କରଚନ୍ଦ୍ର ପାଢ଼ୀ ଏଥିରେ ଯୋଗଦେଇ ଜିଲା ପ୍ରଶାସନ ଏବଂ ବାଲେଶ୍ୱର ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଦୁଇ ଅଞ୍ଚଳକୁ ପରିଚୟ ବିହୀନ କରାଯାଇଥିବା ଆରୋପ ଉଠାଇଛନ୍ତି । ସେମାନଙ୍କ କହିବା ଅନୁସାରେ ଦୀର୍ଘଦିନରୁ ଅବହେଳିତ ତଥା ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଉଦୟନଗର ଓ ଶକ୍ତିନଗରକୁ ବାଲେଶ୍ୱର ପୌରାଞ୍ଚଳରେ ସାମିଲ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା । ଏନେଇ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ ଓ ତତ୍କାଳୀନ ଜିଲାପାଳଙ୍କଠାରେ ବହୁବାର ଦାବି-ଆପତ୍ତି ଜଣାଇବା ସହ ସେମାନଙ୍କଠାରୁ ପ୍ରତିଶ୍ରୁତି ପାଇ ଅଞ୍ଚଳବାସୀ ବେଶ ଖୁସୀ ହୋଇଥିଲେ । ଏମିତିକି ପୌରପାଳିକାରୁ ମିଳିଥିବା ସୂଚନା ଅଧିକାର ତଥ୍ୟ ଅନୁସାରେ ପତ୍ରସଂଖ୍ୟା ୨୯୮/୧୬.୧.୨୦୧୮ ଓ ୧୫/୨.୨.୨୦୨୧୮ରେ ଏହା କାର୍ଯ୍ୟକାରୀ ହୋଇଥିବା ନେଇ ଜଣାପଡ଼ିଥିଲା । ମାତ୍ର ତା ୯/୧୧/୨୧ରିଖରେ ପ୍ରକାଶିତ ପୌରାଞ୍ଚଳ ସୀମା ନିର୍ଦ୍ଧାରଣ ଓ ପଦ ସଂରକ୍ଷଣ ବିଜ୍ଞପ୍ତିରେ ଏହି ଅଞ୍ଚଳକୁ ବାଦ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବିକାଶ ମଞ୍ଚ ପକ୍ଷରୁ ଆରୋପ କରାଯାଇଛି । ଏହି ଦୁଇ ଅଞ୍ଚଳରେ ୫ଶହରୁ ଅଧିକ ଲୋକେ ପ୍ରତିଥର ପୌର ନିର୍ବାଚନରେ ଭୋଟ ଦେଉଥିବା ବେଳେ ଏଠାରେ ୟୁନିଟ ୫ରେ ୫ ଲକ୍ଷ ଟଙ୍କାର ଢଳେଇ ରାସ୍ତା, ୟୁନିଟ ୪ରେ ୬୭୦୦୦/- ଟଙ୍କାର ୬୦ଫୁଟ କଂକ୍ରିଟ ରାସ୍ତା, ରେଳଲାଇନ ପାଖ ରାସ୍ତାରେ ୬ଲକ୍ଷ ଟଙ୍କାର ନବୀକରଣ କାର୍ଯ୍ୟ ପୌର କର୍ତ୍ତୃପକ୍ଷ କାହିଁକି କଲେ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି । ଏଥି ସହିତ ଅଧିକାଂଶ ପରିବାରକୁ ରାସନ୍‌କାର୍ଡ଼ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ନିର୍ମାଣ ପାଇଁ ଅର୍ଥ ମଞ୍ଜୁରି, ଜମି କିସମ ପରିବର୍ତ୍ତନରେ ପୌରପାଳିକା ନିର୍ଦ୍ଧାରିତ ମୂଲ୍ୟରେ ଅର୍ଥ ମଧ୍ୟ ଆଦାୟ ହେଉଛି ।

# ଭୁବନେଶ୍ୱରରୁ ୭୨ ପଜିଟିଭ୍

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ସୋମବାର ଦିନ ଆଉ ୭୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୪୧ ଜଣ ଲୋକାଲ ମାମଲା ରହିଛନ୍ତି । ସେହିପରି ଗତ ୨୪ ଘଂଟାରେ ଆଉ ୧୧୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୯୯୯୪ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୧୧୭୨୬୪ ଜଣ ସୁସ୍ଥ ହୋଇଥିବା ବେଳେ ୧୬୩୯ ସକ୍ରିୟ ମାମଲା ରହିଛି । ସେହିପରି ମୃତକଙ୍କ ସଂଖ୍ୟା ୧୦୭୦ ରହିଛି ।

# ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଉପକରଣ ବଣ୍ଟନ ଶିବିର



ବାରିପଦା,୧୫/୧୧ (ନି.ପ୍ର): ସମଗ୍ର ଶିକ୍ଷା, ମୟୂରଭଞ୍ଜ ତରଫରୁ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ଉପକରଣ ବଣ୍ଟନ କରାଯାଇଅଛି । ଉକ୍ତ ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ନବକିଶୋରେ ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବରେ ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିଚାଳକ ଶ୍ରୀ ଶୁଭେନ୍ଦୁ ବରାଳ, ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ଓଲଟପୁର କଟକର, ଶ୍ରବଣ ବାକ ବିଶେଷଜ୍ଞ ଶ୍ରୀ ବିଭୁ ପ୍ରସାଦ ହୋତା, ଡେମୋନେଷ୍ଟ୍ରେଟର ପ୍ରୋସଥେଟିକ୍ ଏବଂ ଅର୍ଥୋଟିକ ଶ୍ରୀ ସ୍ମୃତି ରଞ୍ଜନ ଦାସ ଓ ଶ୍ରୀ ପ୍ରତାପ କୁମାର ପରିଡା ଉପସ୍ଥିତ ରହି ଉପକରଣର ବଣ୍ଟନ କରିବା ସହିତ ଏହାର ବ୍ୟବହାର ଓ ଯତ୍ନ ବିଷୟରେ ଅଭିବାବକ ମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ଓଲଟପୁର, କଟକଙ୍କ ଦ୍ୱାରା ଗତ ୨୦୨୦ ମସିହା ଜାନୁଆରୀ ମାସରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କର ଆକଳନ କରାଯାଇ ଜିଲ୍ଲାରେ ମୋଟ ୯୯୦ ଜଣ ଛାତ୍ର ଛାତ୍ରୀଙ୍କୁ ଉପକରଣ ଯୋଗାଇ ଦେବାପାଇଁ ସ୍ଥିରକୃତ ହୋଇଥିଲା । ଉପକରଣ ଗୁଡିକୁ ଜିଲ୍ଲାର ବଣ୍ଟନ କରିବାପାଇ ୧୦ଟି ଶିବିର ଆୟୋଜନ କରଯାଇଅଛି । ଏହି ଶିବିତ ଚଳିତ ମାସ ୮ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୭ ତାରିଖରେ ଶେଷହେବ । ଉକ୍ତ ଶିବିରରେ ଶାମାଖୁଣ୍ଟା, ବିଶୋଇ ଓ କୁଳିଅଣା ବ୍ଲକରୁ ୧୧୨ ଜଣ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଯୋଗଦେଇ ୧୨୬ ଟି ଉପକରଣ ଗ୍ରହଣ କରିଛନ୍ତି । ପ୍ରକାଶ ଥାଉକି ଏହି ବର୍ଗର ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ଓ ଶିକ୍ଷା ଗ୍ରହଣ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଏହି ଆକଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉପକରଣ ଗୁଡିକ ମଧ୍ୟରେ ସ୍ମାର୍ଟ କେନ, ସ୍ମାର୍ଟ ଫୋନ, ଡେଜି ପ୍ଲେୟାର, ତିନିଚକିଆ ଗାଡି, ହୁଇଲି ଚେୟାର, ଆଶାବାଡି, ବ୍ରେଲ କୀଟ, ବୌଦ୍ଧିକ ଅକ୍ଷମତା ପିଲାମାନଙ୍କର ଉପକରଣ ଓ ଶ୍ରବଣ ଜନ୍ତ୍ର ଇତ୍ୟାଦି ଉପକରଣ ଯୋଗାଇଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଭିନ୍ନକ୍ଷମ ତଥା ଗଣମାଧ୍ୟମ ସଂଯୋଜକ ଶ୍ରୀଯୁକ୍ତ ନିରଞ୍ଜନ ନାୟକ ପରିଚାଳନା କରିଥିଲେ ଓ ଅନ୍ତର୍ନିବେଶି ଶିକ୍ଷା ସାଧନ କର୍ମୀ ଶ୍ରୀ ବିରେନ୍ଦ୍ର କୁମାର ସାହୁ, ରେଖାରଣୀ ଦାସ, ଦିଲ୍ଲୀପ କୁମାର ଦାସ, ସୋନାଲିକା ନାୟକ, ଓ ରୋହିତ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo